NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
5 OCTOBER 2026
ସୋମବାର
୫ ଅକ୍ଟୋବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 126 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୨୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ଜ୍ଞାନେଶଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ



## ଖୋଲିବ ୨୦ ବର୍ଷର ପୁରୁଣା ଫାଇଲ୍

## ତଦନ୍ତ ନିର୍ଦ୍ଦେଶ ଦେଲେ କେରଳ ଗୃହମନ୍ତ୍ରୀ

**ନୂଆଦିଲ୍ଲୀ,୪।୧୦/ଏନ୍ଏନ୍ଏସ୍:**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନାଁରେ ଭିଜିଲାନ୍ସ ତଦନ୍ତ ପାଇଁ କେରଳ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ 'ଭିଜିଲାନ୍ସ ଆଣ୍ଡ ଆଣ୍ଟି-କରପସନ୍ ବ୍ୟୁରୋ' ଦ୍ୱାରା କରାଯିବ। ଜ୍ଞାନେଶ କୁମାର ୨୦୦୬ ମସିହାରେ କେରଳର ପୂର୍ତ୍ତ ବିଭାଗ ସଚିବ ଥିବା ବେଳେ ଘଟିଥିବା ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଛି। ଏହି ମାମଲା ମାଲେସିଆର ସିଭିଲ୍ ଇଞ୍ଜିନିୟର ଲି ସି ବିନ୍ଙ୍କ ତଥାକଥିତ ଆତ୍ମହତ୍ୟା ଘଟଣା ସହିତ ଜଡ଼ିତ। ସେ 'ପାଟି-ବେଲ' ନାମକ ସଂଯୁକ୍ତ କମ୍ପାନୀ ସହିତ ଜଡ଼ିତ ଥିଲେ। ଏହି ସଂଯୁକ୍ତ କମ୍ପାନୀକୁ 'କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ' ଅଧୀନରେ ଏକ ରାସ୍ତାର ଉନ୍ନତିକରଣ ଦାୟିତ୍ୱ ଦିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ନୋଟରେ ସେତେବେଳର ରାଜ୍ୟ ପିଡବ୍ଲ୍ୟୁଡି ସଚିବ ଥିବା ଜ୍ଞାନେଶ କୁମାରଙ୍କ ନାମ ଉଲ୍ଲେଖ ଥିଲା। ୨୦୦୬ରେ କରାଯାଇଥିବା ପ୍ରାଥମିକ ତଦନ୍ତ ବାହ୍ୟ ଚାପ ଯୋଗୁ ବାଟବଣା ହୋଇଥିଲା ବୋଲି ଅଭିଯୋଗ ହେବା ପରେ ଏବେ ନୂଆ କରି ତଦନ୍ତ ▶▶ ୫

# ଏସିଆନ୍ ଗେମ୍ସ ୨୦୨୬ର ସମାପନ

# ପୁଣି ଦୋହାରେ ଦେଖା

**ନାଗୋୟା,୪।୧୦/ଏଜେନ୍ସି:**

ଜାପାନୀ ସଂସ୍କୃତି ଏବଂ ଆତିଥ୍ୟର ଆକର୍ଷଣୀୟ ଝଲକ ସହିତ ସଙ୍ଗୀତ ଏବଂ ଆଲୋକରେ ସଜ୍ଜିତ ଭବ୍ୟ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଆଇଚି-ନାଗୋୟା ଏସିଆନ୍ ଗେମ୍ସର ସମାପନ ହୋଇଛି। ଦୁଇ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିବା କଡ଼ା ପ୍ରତିପ୍ରତିଦ୍ୱନ୍ଦ୍ୱିତା ପରେ ଏସିଆର ୪୫ ଦେଶର ଖେଳାଳି ମିଜୁହୋ ପାର୍କ ଆଥ୍ଲେଟିକ୍ ଷ୍ଟାଡିୟମ୍‌ରେ ଖେଳର ସମାପନ ସମାରୋରେ ସାମିଲ ହୋଇଥିଲେ। ଏହି ଖେଳ ଅବସରରେ ଅତିକମ୍‌ରେ ୫୦ ବିଶ୍ୱ ରେକର୍ଡ ସହ ୩୫୦ରୁ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅବଶ୍ୟ ଖେଳ ଆୟୋଜନ ପୂର୍ବରୁ ଲଜିଷ୍ଟିକ୍ ସମସ୍ୟା ଏବଂ କୁପ୍ରବନ୍ଧନ ଦ୍ୱାରା ପ୍ରଭାବିତ ହୋଇଥିଲା।

ସମାପନ ସମାରୋହ ପ୍ରାୟ ୯୦ ମିନିଟ୍ ଧରି ଚାଲିଥିଲା। ଭାରତ ୮୫ ପଦକ (୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ, ୩୭ ବ୍ରୋଞ୍ଜ) ସହିତ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି, ଯାହା ଚୀନ୍‌ର ହାଙ୍ଗ୍‌ଝୋଉରେ ହୋଇଥିବା ଗତ ଚରଣଠାରୁ ୨୧ କମ୍। ଚୀନ୍ ଲଗାତାର ଦ୍ୱାଦଶ ଥର ତାଲିକା ଶୀର୍ଷରେ ରହିଛି। ଚୀନ୍ ୧୬୯ ସ୍ୱର୍ଣ୍ଣ, ୮୯ ରୌପ୍ୟ ଏବଂ ୮୩ ବ୍ରୋଞ୍ଜ ସହିତ ମୋଟ ୩୪୧ ପଦକ ଜିତିଛି, ଯାହା ବିଦେଶରେ ଆୟୋଜିତ ଏସିଆନ୍ ଗେମ୍ସରେ ତା'ର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଆୟୋଜକ ଜାପାନ ୨୬୯ ପଦକ (୮୩ ସ୍ୱର୍ଣ୍ଣ, ୯୫ ରୌପ୍ୟ ଏବଂ ୯୧ ବ୍ରୋଞ୍ଜ) ସହିତ ଦ୍ୱିତୀୟ ଏବଂ ସାଉଥ୍ କୋରିଆ ୩୯ ସ୍ୱର୍ଣ୍ଣ, ୪୩ ରୌପ୍ୟ ଏବଂ ୬୮ ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନରେ ରହିଛନ୍ତି।

ଏସିଆନ୍ ଅଲିମ୍ପିକ୍ ପରିଷଦ (ଓସିଏ) ଅଧ୍ୟକ୍ଷ ଶେଖ୍ ଜୁଆନ୍ ବିନ୍ ହମଦ ଅଲ୍ ଥାନୀ ଖେଳର ସମାପନ ଘୋଷଣା କରିଥିଲେ। ପରେ ଓସିଏ ଧ୍ୱଜା ୨୦୩୦ ଏସିଆନ୍ ଗେମ୍ସର ଆୟୋଜନ କମିଟିର ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଥିଲା। ଏସିଏ ଧ୍ୱଜାକୁ ଦୋହାକୁ ପ୍ରଦାନ କାର୍ଯ୍ୟକ୍ରମରେ କତାରର ଅଲିମ୍ପିକ୍ ଏବଂ ବିଶ୍ୱ ଚାମ୍ପିଅନ୍ ମୁତାଜ ବାର୍ଶିମ୍ ▶▶ ୫





## କତାର୍‌କୁ ଆୟୋଜନ ଅଧିକାର ପ୍ରଦାନ

## ସମାରୋହରେ ଜାପାନୀ ସଂସ୍କୃତିର ଝଲକ

## ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ ପଦକ ଜିତି ଚତୁର୍ଥରେ ଭାରତ

### ଆକାଶରୁ ଖସିଲା ଅଜଣା ଯନ୍ତ୍ର

# ଇସ୍ରୋରୁ ଆସିଲା ଫୋନ୍



**ନୀଳଗିର,୪।୧୦/ଏନ୍ଏନ୍ଏସ୍:**

ଆକାଶରୁ ଖସିଲା ଅଜଣା ଯନ୍ତ୍ର। ଇସ୍ରୋରୁ ଆସିଲା ଫୋନ୍। ଗତକାଲି ଅପରାହ୍ଣରେ ନୀଳଗିରି ଆକାଶରୁ ଖସିଥିଲା ଏକ ଅଜଣା ବସ୍ତୁ। ସୋଲ ଡବା ଆକାରର ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଶାଳ ଗଛରେ ଝୁଲିଥିବା ଦେଖିବାକୁ ପାଇଥିଲେ ନରଣପୁର ପଞ୍ଚାୟତ ଲୋକେ। ଯେଉଁଥିରେ 'ପି୦୦୮୬' ବୋଲି ଉଲ୍ଲେଖ ରହିଥିଲା। ଭୟଭୀୟ ହୋଇ ଲୋକେ ପୁଲିସକୁ ଅବଗତ କରିଥିଲେ। ବରହମପୁର ପୁଲିସ ବାକ୍ସଟିକୁ ଉଦ୍ଧାର କରିବା ପରେ ସେଥିରୁ ଏକ ଆଣ୍ଟିନା ଓ ଟ୍ରାନ୍ସମିଟର ବାହାରିଥିଲା। ଯେଉଁଥିରେ ଏହା ପାଣିପାଗ ବିଭାଗ ଯନ୍ତ୍ର ବୋଲି ଲେଖା ▶▶ ୫

# '୩ ବର୍ଷ ପର୍ଯ୍ୟନ୍ତ ଖୋଲିବନି ନୂଆ ମଦ ଦୋକାନ'

## ୨୦୨୯ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ଓଡ଼ିଶା ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:**

ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ସ୍ଥାନୀୟ ରେଳ ଅଡିଟୋରିୟମଠାରେ କମିଶନରେଟ୍ ପୁଲିସ ପକ୍ଷରୁ ସୋମବାର ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ-୨.୦'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏଥିସହ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ସେ ଦୃଢ଼ ଆହ୍ୱାନ



ଦେଇଛନ୍ତି। ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୁଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ▶▶ ୫

### ପାର୍ବଣ ପୂର୍ବରୁ ଗଡ଼ିଲା ମୁଣ୍ଡ

# ସାଙ୍ଗକୁ ତଣ୍ଟି କାଟି ହତ୍ୟା

**କୁକୁଡ଼ାଖଣ୍ଡି,୪।୧୦/ଏନ୍ଏନ୍ଏସ୍:**



ପୁଣି ଅଶାନ୍ତ ବ୍ରହ୍ମପୁର। ପାର୍ବଣ ପୂର୍ବରୁ ଗଡ଼ିଲା ମୁଣ୍ଡ। ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ଅଞ୍ଚଳରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ଆକ୍ରମଣରେ ଚାଲିଯାଇଛି ଆଉ ଜଣଙ୍କ ଜୀବନ। ପ୍ରଥମେ ଏକାଠି ମଦ୍ୟପାନ, ପରେ ବଚସା, ହାତାହାତି ଓ ହତ୍ୟା। ଗତକାଲି ରାତି ପ୍ରାୟ ସାଢ଼େ ୧ଟାରେ ଏହି ହତ୍ୟାକାଣ୍ଡ ଘଟିଛି। ଦୁର୍ଦ୍ଧାନ୍ତ ଟୁନା ନାୟକଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରିଛି ସାଙ୍ଗ ବିଟୁ ସାହୁ। ଗ୍ରାମର ବିପ୍ରନାୟକଙ୍କ ପୁତ୍ର ଟୁନା ନାୟକ(୨୫)ଙ୍କୁ ଉକ୍ତ ଗ୍ରାମର ରାଘବ ସାହୁ ଓରଫ ବିଟୁ ସାହୁ ଏବଂ ତାଙ୍କ ସମର୍ଥକ ମିଳିତ ଭାବେ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରିଥିବା ଜଣାପଡିଛି। ଘଟଣା ସ୍ଥଳରେ ବ୍ରହ୍ମପୁର ଏସ୍‌ପି ଅଭିନବ ସୋନଖର, ସଦର ଏସଡିପିଓ ▶▶ ୫

# ବ୍ରହ୍ମଗିରିରେ ଫୁଟିଲା ଗୁଳି

**ପୁରୀ,୪।୧୦/ଏନ୍ଏନ୍ଏସ୍:**

ପାର୍ବଣ ଋତୁରେ ପୁରୀ ଜିଲ୍ଲା ବ୍ରହ୍ମଗିରିରେ ଗୁଳି ଫୁଟିଛି। ବ୍ରହ୍ମଗିରି କାଳିକାବାଡି ଅଞ୍ଚଳରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ରେ ଯୁବକଙ୍କ ପେଟରେ ଗୁଳି ବାଜିଥିବା ବେଳେ ସେ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କ ନାଁ ତୋଫାନ ପାହାଳ ବୋଲି ଜଣାପଡ଼ିଛି। ଘଟଣା ପରେ ତାଙ୍କୁ ପୁରୀ ନିଆଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

**ଯୁବକ ଗୁରୁତର**

ତେବେ କେଉଁ ପରିସ୍ଥିତିରେ ଏବଂ କାହିଁକି ତୋଫାନଙ୍କୁ ଗୁଳିମାଡ଼ କରାଗଲା, ସେନେଇ ଖବର ଲେଖାସୁଦ୍ଧା ସ୍ପଷ୍ଟ ତଥ୍ୟ ମିଳିନାହିଁ। ଘଟଣା ପଛରେ ବ୍ୟକ୍ତିଗତ ଶତ୍ରୁତା, ପୂର୍ବ ବିବାଦ ନା ଅନ୍ୟ କୌଣସି କାରଣ ରହିଛି, ତାହା ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରିବା ସହ ଗୁଳିମାଡ଼ର କାରଣ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଖୋଳତାଡ଼ କରୁଥିବା ଜଣାପଡ଼ିଛି।

### ପାକିସ୍ତାନୀ ମହିଳା ଗୁପ୍ତଚରକୁ ଦେଉଥିଲେ ଗୁପ୍ତ ତଥ୍ୟ

# ନୌସେନାର ନାବିକ ଗିରଫ



**ନୂଆଦିଲ୍ଲୀ,୪।୧୦/ଏନ୍ଏନ୍ଏସ୍:**

ପାକିସ୍ତାନୀ ଗୁପ୍ତଚରଙ୍କୁ ସମୁଦ୍ର ସମ୍ବନ୍ଧୀୟ ଗୁପ୍ତ ତଥ୍ୟ ପଠାଇବା ଅଭିଯୋଗରେ ଭାରତୀୟ ନୌସେନାର ଜଣେ ନାବିକଙ୍କୁ ଗିରଫ କରାଯାଇଛି। ଭାରତ ବିରୋଧୀ ତତ୍ତ୍ୱ ସୋସିଆଲ ମିଡିଆରେ ହନିଟ୍ରାପ୍ ମାଧ୍ୟମରେ ଏହି ନାବିକଙ୍କୁ ନିଜ ଜାଲରେ ଫସାଇ ଥିଲେ । ଆନ୍ଧ୍ରପ୍ରଦେଶ ପୁଲିସର 'କାଉଣ୍ଟର ଇଣ୍ଟେଲିଜେନ୍ସ' (ସିଆଇ) ସେଲ୍ ୩୧ ବର୍ଷୀୟ ପ୍ରଦୀପ ମୁଖାର୍ଜୀଙ୍କୁ ଗତକାଲି ଅର୍ଥାତ ଶନିବାର କୋଏମ୍ବାଟୁରସ୍ଥିତ ନୌସେନାର ଲିଡରସିପ୍ ଟ୍ରେନିଂ ସେଣ୍ଟର 'ଆଇଏନଏସ୍ ଅଗ୍ରଣୀ'ରୁ ଗିରଫ କରିଥିବାବେଳେ ରବିବାର ଏହି ସୂଚନା ଦିଆଯାଇଛି।

ପଶ୍ଚିମବଙ୍ଗର ବାସିନ୍ଦା ଶ୍ରୀ ମୁଖାର୍ଜୀ, ୨୦୧୪ ମସିହାରେ ନୌସେନାରେ ନାବିକ ଭାବେ ଯୋଗ ଦେଇ ଥିଲେ ଏବଂ ସେ ବିଶାଖାପାଟଣାସ୍ଥିତ ନୌସେନାର ପୂର୍ବ କମାଣ୍ଡରେ ନିୟୋଜିତ ଥିଲେ। ଗିରଫ ସମୟରେ ସେ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ କୋର୍ସରେ ଭାଗ ନେଉଥିଲେ ଏବଂ ପ୍ରାୟ ଗୋଟିଏ ସପ୍ତାହ ଧରି କୋଏମ୍ବାଟୁରସ୍ଥିତ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ରହୁ ଥିଲେ। ମିଳିଥିବା ସୂଚନା ଅନୁସାରେ, ଜଣେ ପାକିସ୍ତାନୀ ମହିଳା ଗୁପ୍ତଚର କିଛି ମାସ ପୂର୍ବରୁ ସୋସିଆଲ ମିଡିଆ ମାଧ୍ୟମରେ ଶ୍ରୀ ମୁଖାର୍ଜୀଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସମୟ ସହିତ ସେହି ମହିଳା ଜଣକ ଅନଲାଇନ୍ ସମ୍ପର୍କର ଫାଇଦା ଉଠାଇ ବିଶାଖାପାଟଣା ନୌସେନା ଘାଟି ସହ ଜଡ଼ିତ ରଣନୈତିକ ନୌସେନା ସମ୍ପତ୍ତି, ଜାହାଜ ବାହିନୀର ଗତିବିଧି ଏବଂ ପରିଚାଳନା ସମ୍ବନ୍ଧୀୟ ସମ୍ବେଦନଶୀଳ ସୂଚନା ହାସଲ କରିଥିଲେ। ସୀମା ପାର୍ ଗୁପ୍ତଚରଗିରି ଓ ଆତଙ୍କବାଦୀ ▶▶ ୫




### ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ

# ଗରମ ହେଉଛି ରାଜନୈତିକ ପାଣିପାଗ



## ବାଜିମାତ୍ ପାଇଁ ୩ ଦଳର କସରତ ଆରମ୍ଭ

## ମାନସମନ୍ଥନ କଲେ ବିଜେପି ରାଜ୍ୟ ପ୍ରଭାରୀ

## ନିର୍ବାଚନ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ: କଂଗ୍ରେସ

## ଦଳ ସବୁବେଳେ ଗ୍ରାଉଣ୍ଡରେ ରହିଛି: ବିଜେଡି

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:**

ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ। ଯାହା ଓଡ଼ିଶା ରାଜନୀତିର ସବୁଠୁ ବଡ଼ ପରୀକ୍ଷା। ପଞ୍ଚାୟତ ଓ ପୌର ଦଖଲ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ନିଜ ନିଜର ମାଷ୍ଟରପ୍ଲାନ୍ ଆରମ୍ଭ କରିଦେଇଛନ୍ତି। ଯଦିଓ ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହୋଇନି, ତଥାପି ଏବେ ଠୁ ଧିରେ ଧିରେ ରାଜନୈତିକ ପାଣିପାଗ ଗରମ ହେଉଛି। ରାଜ୍ୟ ରାଜନୀତିରେ ନିର୍ବାଚନୀ ହାୱା ବହିଲାଣି। ଗାଁ ଗଣ୍ଡାରୁ ସହର, ସବୁଠି ଆରମ୍ଭ ହୋଇଗଲାଣି ଗୋଟି ଚାଳନା।

ଗୋଟିଏ ପଟେ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଟ୍ରେନିଂ ଓ ବଡ଼ ପ୍ରସ୍ତୁତି। ଅନ୍ୟପଟେ ନିର୍ବାଚରେ ବାଜିମାତ ପାଇଁ ୩ ଦଳର କସରତ ଆରମ୍ଭ ହୋଇଛି। ବିଜେପିକୁ ନୂଆ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଟିପ୍ସ ଦେଇଛନ୍ତି। ଦାୟିତ୍ୱ ନେବା ପରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପଞ୍ଚାୟତ ନିର୍ବାଚନ ପାଇଁ ବିଜେପି ରାଜ୍ୟ ପ୍ରଭାରୀ ମାନସ ମନ୍ଥନ କରିଛନ୍ତି। ଦଳୀୟ ନେତା ଓ ପଦାଧିକାରୀଙ୍କ ସହ ଘନଘନ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ , ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ବିଜେପି ରାଜ୍ୟ ପ୍ରଭାରୀଙ୍କ ପ୍ରଥମ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଓ ଦଳର କର୍ମୀମାନଙ୍କୁ ଭେଟିଛନ୍ତି। ଦଳକୁ ଆଗକୁ କେମିତି ମଜଭୁତ କରାଯିବ ସେ ନେଇ ଆଲୋଚନା ହୋଇଛି। ପଞ୍ଚାୟତ ନିର୍ବାଚନ ଜିତିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି। ଏହାସହ ବର୍ତ୍ତମାନ ଦଳର ନେତାଙ୍କ ମନଭାବ କିପରି ରହିଛି ତା' ଉପରେ ମଧ୍ୟ ଆଲୋଚନା ହୋଇଛି। ବିଜେପିକୁ ମଜଭୁତ କରିବା ହିଁ ଆମର ଲକ୍ଷ୍ୟ। ଏହାସହ ଆଗକୁ ଦଳ କେମିତି ଯିବ ତା ଉପରେ ବିଶେଷ ଫୋକସ କରାଯାଇ ଥିବା ରାଜ୍ୟ ବିଜେପି ପ୍ରଭାରୀ କହିଛନ୍ତି। ଅନ୍ୟପଟେ ବିଜେଡି ଓ କଂଗ୍ରେସ ସବୁବେଳେ ଗ୍ରାଉଣ୍ଡରେ ଥିବା କହୁଛନ୍ତି। କଂଗ୍ରେସ କହିଛି, ପଞ୍ଚାୟତ ନିର୍ବାଚନ ପାଇଁ ଦଳ ସର୍ବ୍ତ ପ୍ରସ୍ତୁତ। ଅଢ଼େଇ ବର୍ଷର ସରକାରରେ ବିଜେପି କିଛି କରି ନାହିଁ, ବିଜେଡିକୁ ମଧ୍ୟ ଜନତା ଗତ ନିର୍ବାଚନରେ ପ୍ରତ୍ୟାଖାନ କରିସାରିଥିବା କଂଗ୍ରେସ ଅଭିଯୋଗ କରିଛି। ସେପଟେ ବିଜେଡିର ଦାବି ଦଳ ସବୁବେଳେ ଗ୍ରାଉଣ୍ଡରେ ରହିଛି। ନିର୍ବାଚନ ବେଳେ ଜଣାପଡ଼ିବ କିଏ କେତେ ପାଣିରେ ଅଛି। ଗୋଟିଏ ପଟେ ରାଜନୈତିକ ଦଳଙ୍କ କମରକଷା, ଅନ୍ୟପଟେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପ୍ରସ୍ତୁତି। ତ୍ରୁଟିଶୂନ୍ୟ ଭୋଟର୍ ଲିଷ୍ଟ ପାଇଁ ଆସନ୍ତା ୨୬ରୁ ୭ ଯାଏଁ ଚାଲିବ ଡୋର୍ ଟୁ ଡୋର୍ ସର୍ଭେ। ଏଥିପାଇଁ ରାଜ୍ୟ ନିର୍ବାଚନ ▶▶ ୫

## ରାଜ୍ୟସ୍ତରୀୟ ଭାଗବତ ସପ୍ତାହ ଜନ୍ମ ମହୋତ୍ସବ

**କଟକ,୪।୧୦/ଏନ୍ଏନ୍ଏସ୍:** ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ କଟକ ତେଲେଙ୍ଗା ବଜାର ରଘୁନାଥ ଜୀଉ ମନ୍ଦିରରେ ୩୩ତମ ରାଜ୍ୟ ସ୍ତରୀୟ ଭାଗବତ ସପ୍ତାହ ଜନ୍ମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସକାଳେ ଯଜମାନଙ୍କ ଦ୍ୱାରା ଯଜ୍ଞାଦି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ଭାଗବତ ପାଠ ୩ଟିରୁ ୬ଟା ଧାରାବାହିକ ଭାବେ ବୃନ୍ଦାବନ ନିବାସି ଭଗବତୀ ଶାସ୍ତ୍ରୀ ଭାଗବତ କଥା କହିଥିଲେ। ସନ୍ଧ୍ୟା ୭ଟାରୁ ପ୍ରବକ୍ତା ରବି ନାରାୟଣ ପଣ୍ଡା, ସନ୍ତୋଷ ସାହୁ ହରି କଥାରେ ଭକ୍ତଙ୍କୁ ଆପାୟିତ କରିଥିଲେ। ପଣ୍ଡିତ ଦିବାକର ମିଶ୍ର ,ଦିପେସ ମହାପାତ୍ର ,ସଞ୍ଜୟ ସତପଥୀ . ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମାରୁଆଡି ଯୁବାମଞ୍ଚ ସଭାପତି ସଞ୍ଜୟ ଶର୍ମା, ଶ୍ରୀତମ ଦାସ, ଡଃ ଦୁର୍ଗାଦାଶ, ମିଲନ ବାଡୁ, ନିରାଶ ମିଶ୍ର, ଦେବୀପ୍ରସାଦ ଧଳ, ପ୍ରକାଶ ଗୁହା, ଡା. ସମ୍ରାଟ କର, ଅଶୋକ ମଲ୍ଲିକ, ନିଗମା ନନ୍ଦ ଦାସ, ଆଲୋକ ମହାପାତ୍ର, ଗୋବିନ୍ଦ ଶର୍ମା ଓ ସେନ ଅଗ୍ରୱାଲ ପ୍ରମୁଖ ଅତିଥି ରୁପେ ଯୋଗଦେଇଥିଲେ।

## ଓଡ଼ିଶା ବନ୍ଦ ସଫଳ ପାଇଁ କଟକ କଂଗ୍ରେସର ପ୍ରସ୍ତୁତି



**କଟକ,୪।୧୦/ଏନ୍ଏନ୍ଏସ୍:** ନିଜ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଏହି ବନ୍ଦକୁ କଟକ ସହରରେ ସଫଳ କରିବା ନିମନ୍ତେ କଟକ ନଗର କଂଗ୍ରେସର ପ୍ରାକ୍ତନ ମୁଖପାତ୍ର ତଥା କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ମୁଖ୍ୟ ସଂଯୋଜକ ମାନସ ପରିଡ଼ାଙ୍କ ଆବାହକତ୍ୱରେ ଓଏମ୍‌ପି ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ସତ୍ୟଜିତ ପଟ୍ଟନାୟକ ଓ ସହପର୍ଯ୍ୟବେକ୍ଷକ ଅଜୟ କୁମାର ସାହୁ ଯୋଗଦେଇ ବନ୍ଦ ପାଳନର ସମ୍ପୂର୍ଣ୍ଣ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ପିସିସି ସାଧାରଣ ସମ୍ପାଦକ ହରିଶଙ୍କର ରାଉତ, ମୁଖପାତ୍ର ଅଶୋକ କୁମାର ସ୍ୱାଇଁ, ବାରବାଟୀ ନିର୍ବାଚନମଣ୍ଡଳୀ ମୁଖ୍ୟ ସଂଯୋଜକ ଜଗନ୍ନାଥ ସାହୁ,ସୁକାନ୍ତ ଚନ୍ଦ୍ର ସାହାଣି, ରମଜାନ ଖାନ୍ ଓ ପ୍ରଶାନ୍ତ ଭୋଇ, ପ୍ରଦୀପ ପ୍ରଧାନ, ନିର୍ମଳ ସ୍ୱାଇଁ, ଅଶୋକ ନାୟକ,ଅଲେଖ ଚନ୍ଦ୍ର ବେହେରା, ବିଶ୍ୱରଞ୍ଜନ ଜେଠୀ, ଦିଲ୍ଲୀପ ଦଳାଇ ଓ ସଚ୍ଚିଦାନନ୍ଦ ରାଉତ, ଶେଖ ଜାଫର, ପ୍ରତ୍ୟୁଷ ସାହୁ, ପ୍ରଦୋଷ ଦାସ, ଦୀପକ ସାହୁ, ଲିପୁଲ ରାଉତ, ସ୍ୱପ୍ନ କୁମାର ସ୍ୱାଇଁ, ଜଗନ ସାହୁ , ସୁନୀଲ ଜେନା, ସିଦ୍ଧାର୍ଥ ଶଙ୍କର ଦାସ, ଉଷାରାଣୀ ଦାସ ଓ ପିଙ୍କି ସିଂ, ଶେଖ ସବୀର, ଆଲୋକ ମହାନ୍ତି, ଲକ୍ଷ୍ମୀଧର ଶରଣ ଓ ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

### ମହିଳାଙ୍କ ଦ୍ୱାରା ଓଡ଼ିଆ କଳାକୁ ନୂଆ ପରିଚୟ



**କଟକ,୪।୧୦/ଏନ୍ଏନ୍ଏସ୍:** ଓଡ଼ିଶାର ମାଟିର ସୁଗନ୍ଧ, ପାରମ୍ପରିକ କଳାର ସୌନ୍ଦର୍ଯ୍ୟ ଏବଂ କାରିଗରଙ୍କ ହାତର ନିପୁଣତାକୁ ଆଧୁନିକ ଜୀବନଶୈଳୀ ସହ ଯୋଡ଼ିବାର ଏକ ଅଭିନବ ପ୍ରୟାସ ଭାବେ ବିଭିନ୍ନ ହସ୍ତନିର୍ମିତ ଓ କଳାଭିତ୍ତିକ ଉତ୍ପାଦକୁ କଟକ କ୍ଲବ ପରିସରରେ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଭୁବେନଶ୍ୱରସ୍ଥିତ ମହିଳା ଉଦ୍ୟମୀ ସଂଗଠନ 'ଯୁମିକା' ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀ ମେଳାରେ ବହୁ ବିଶିଷ୍ଟ ବ୍ୟକ୍ତ ଯୋଗଦେଇ ଓଡ଼ିଶାର ପାରମ୍ପରିକ କଳାକୁ କେବଳ ସଂଗ୍ରହାଳୟ କିମ୍ବା ପ୍ରଦର୍ଶନୀରେ ସୀମିତ ନରଖି,ଆଧୁନିକ ଘର କାର୍ଯ୍ୟାଳୟ ଓ ଦୈନନ୍ଦିନ ଜୀବନର ଅଂଶରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ପାରମ୍ପରିକ ଶୈଳୀ, ସ୍ଥାନୀୟ କଳାକୌଶଳ ଓ ସମକାଳୀନ ଡିଜାଇନ୍‌ର ସମ୍ମିଶ୍ରଣରେ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଦର୍ଶକଙ୍କୁ ବେଶ ଆକର୍ଷିତ କରିପାରିଥିଲା। ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତନିର୍ମିତ ସାମଗ୍ରୀ, ଘରସଜ୍ଜା ସାମଗ୍ରୀ, କଳାକୃତି, ଅଳଙ୍କାର, ପାରମ୍ପରିକ କଳାର ଆଧୁନିକ ରୂପ ଏବଂ ଓଡ଼ିଆ ଐତିହ୍ୟର ପ୍ରତିଫଳନ କରୁଥିବା ବିଭିନ୍ନ ଲାଇଫ୍‌ଷ୍ଟାଇଲ୍ ପ୍ରଡକ୍ଟ ସ୍ଥାନ ପାଇଥିଲା। ଓଡ଼ିଶାର ପାରମ୍ପରିକ କଳା ଓ କାରିଗରୀକୁ ନୂଆ ବଜାର, ନୂଆ ଡିଜାଇନ୍ ଓ ନୂଆ ପିଢ଼ି ସହ ଯୋଡ଼ିବାର ଆବଶ୍ୟକତାକୁ ମେଳାରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର କଳା ଓ କାରିଗରୀ ସହ ଜଡ଼ିତ ଲୋକଙ୍କ ପାଇଁ ବଜାର ସୃଷ୍ଟି, ସ୍ଥାନୀୟ ଉତ୍ପାଦ ପ୍ରତି ଗ୍ରାହକଙ୍କ ଆଗ୍ରହ ବୃଦ୍ଧି ଏବଂ 'ଲୋକାଲ୍'କୁ ନୂଆ ଡିଜାଇନ୍ ଓ ମାର୍କେଟ୍ ସହ ଯୋଡ଼ିବା ଏହି ପ୍ରଦର୍ଶନୀର ଅନ୍ୟତମ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, କାରିଗର, ଉଦ୍ୟମୀ ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ମେଳାକୁ ପିଙ୍କି ମାଝି, ସାଗର ମିଶ୍ର, ସୁନିତା ମହାନ୍ତି, ସ୍ମିତା ମିଶ୍ର, ଅନିମା ସରକାର ମିଶ୍ର, ଶିଖା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଯୁମିକାର ପ୍ରତିଷ୍ଠାତା ସ୍ମୃତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

# ଧନେଶ୍ୱର ରଥଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ




**କଟକ,୪।୧୦/ଏନ୍ଏନ୍ଏସ୍:** କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୨ତମ ପୁଣ୍ୟତିଥିରେ 'ପୂଜ୍ୟପୂଜ୍ୟ ସମାରୋହ' ଡ୍ରିମ୍‌ସ୍ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଡ୍ରିମ୍‌ସ'ର ସ୍ୱପ୍ନଦ୍ରଷ୍ଟା କର୍ମଯୋଗୀ ଧନେଶ୍ୱର ରଥଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ଅନାବରଣ ସହିତ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥିମାନେ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର୍ ଦାଶ ବେନ୍‌ହୁର, ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସ, ବିଶିଷ୍ଟ ସମାଜସେବୀ ସୁଜାତା ପଟ୍ଟନାୟକ ଏବଂ ଭାରତୀୟ କ୍ରିକେଟ ତାରକା ବସନ୍ତ ମହାନ୍ତିଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ, ଉପଢୌକନ ଏବଂ ୨୫ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କାଶୀ ସୁମେରୁ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ସନାତନୀ ହିନ୍ଦୁ ଧର୍ମର ମହାନ ପରମ୍ପରା ଓ ବେଦର ଶ୍ରେଷ୍ଠତା ଉପରେ ଆଲୋକପାତ କରି ଏହା ବିଶ୍ୱରେ ଏକତା, ଶାନ୍ତି, ସମୃଦ୍ଧି, ସଦ୍‌ଭାବନା ଏବଂ 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ପ୍ରଚାର କରୁଛି ବୋଲି କହିଥିଲେ।

ସମ୍ମାନିତ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ଯୋଗ ଦେଇଥିଲେ। ଫାଉଣ୍ଡେସନ୍ ଅଧ୍ୟକ୍ଷ ଇଂ.ଲଳିତ ମୋହନ ମିଶ୍ର ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ହୋଇଥିଲା। ସନ୍ଥ ବ୍ରିଜଭୂଷଣ ତ୍ରିପାଠୀ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଇଂ ପ୍ରଭାକର ସ୍ୱାଇଁ, ଇଂ ଅଶୋକ କୁମାର ବାସା, ଡ. ବିଜୟାନନ୍ଦ ସିଂ, ବିପିୟୁଟି କୁଳପତି ପ୍ରଫେସର ଡ. ଅମୀୟ କୁମାର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଆୟକର ବିଭାଗର ଆୟୁକ୍ତ ସମ୍ବିତ ମିଶ୍ର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ଶିକ୍ଷାବତ୍ ଉତ୍କଳ ରଂଜନ ଦାସ, 'ସ୍ମରଣିକା' ସମ୍ପାଦକ ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର 'ଡିନ୍', ବୋର୍ଡ ଅଫ୍ ଗଭର୍ଣ୍ଣର, ବୋର୍ଡ ଅଫ୍ ମ୍ୟାନେଜେମେଣ୍ଟର ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ।

### ଦଶହରା ପୂର୍ବରୁ ସକ୍ରିୟ ନିଶା ବେପାରୀ

## ଗଳିକନ୍ଦିରେ ଗଞ୍ଜେଇ, ଭାଙ୍ଗ ଓ ଚୋରା ମଦ ବେପାର

**କଟକ,୪।୧୦/ଏନ୍ଏନ୍ଏସ୍:** ଆଗକୁ ଆସୁଛି ଦଶହରା। ପାର୍ବଣକୁ ନେଇ ସହରଠାରୁ ଗାଁ ପର୍ଯ୍ୟନ୍ତ ଉତ୍ସବର ମାହୋଲ ଜମିବାକୁ ଥିବାବେଳେ ଏହାର ସୁଯୋଗ ନେଇ ସକ୍ରିୟ ହୋଇଛନ୍ତି ନିଶା ବେପାରୀ। ସହରର ବିଭିନ୍ନ ଗଳିକନ୍ଦି, ବସ୍ତି ଓ ନିଛାଟିଆ ଅଞ୍ଚଳରେ ଗଞ୍ଜେଇ, ଭାଙ୍ଗ ଏବଂ ଚୋରା ମଦର କାରବାର ଚାଲିଥିବା ଅଭିଯୋଗ ହେଉଛି। ପାର୍ବଣ ସମୟରେ ଚାହିଦା ବଢୁଥିବାରୁ ନିଶା କାରବାରୀମାନେ ମଧ୍ୟ ନିଜ ନିଜ ନେଟ୍‌ୱର୍କକୁ ସକ୍ରିୟ କରିଥିବା ଜଣାପଡ଼ିଛି। ନିଶା କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ ଜାରି ରହିଛି। ବେଆଇନ ମଦ ଜବତ ସହ କେତେକ ମାମଲା ମଧ୍ୟ ରୁଜୁ ହେଉଛି। ହେଲେ ଚଢ଼ଉ ପରେ ମଧ୍ୟ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ ହେଉନଥିବାରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ପ୍ରଭାବକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଦଶହରା ଭଳି ବଡ଼ ପର୍ବ ପୂର୍ବରୁ ଚୋରା ମଦ ଓ ଅନ୍ୟ ନିଶାଦ୍ରବ୍ୟର ବେପାର ବଢ଼ିଲେ ଆଇନଶୃଙ୍ଖଳା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ନିଶା ସେବନକୁ କେନ୍ଦ୍ର କରି ଗଣ୍ଡଗୋଳ, ଅପରାଧ ଓ ଦୁର୍ଘଟଣା ଭଳି ଘଟଣା ବଢ଼ିବାର ଆଶଙ୍କା ଥିବାରୁ ପାର୍ବଣ ସମୟରେ ଅବକାରୀ ଓ ପୁଲିସର ମିଳିତ ତଦାରଖ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, କେବଳ ଚଢ଼ଉ କରି ନିଶା ସାମଗ୍ରୀ ଜବତ କରିବା ଅପେକ୍ଷା ଏହା ପଛରେ ଥିବା ମୁଖ୍ୟ ବେପାରୀ ଓ ଯୋଗାଣ ଶୃଙ୍ଖଳାକୁ ଠାବ କରିବା ଆବଶ୍ୟକ। ଦଶହରା ପୂର୍ବରୁ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ, ଅଚାନକ ଯାଞ୍ଚ ଓ ନିଶା ବେପାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଗଲେ ଏହି କାରବାର ଉପରେ ରୋକ୍ ଲଗାଇବା ସମ୍ଭବ ବୋଲି ମତ ପ୍ରକାଶ ପାଇଛି। ପାର୍ବଣରେ ସହରବାସୀ ଯେପରି ନିରାପଦ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ଦଶହରା ପାଳନ କରିପାରିବେ, ସେଥିପାଇଁ ନିଶା କାରବାର ଉପରେ ଅବକାରୀ ବିଭାଗ ଓ ପୁଲିସର ନଜର ଆହୁରି କଡ଼ା ହେବା ଜରୁରୀ।

## ବିଶ୍ୱନାଥ ପଣ୍ଡିତ ପାଠାଗାର ଦେୟ ବୃଦ୍ଧି ନେଇ ତେଜୁଛି ଅସନ୍ତୋଷ

**କଟକ,୪।୧୦/ଏନ୍ଏନ୍ଏସ୍:** ବିଶ୍ୱନାଥ ପଣ୍ଡିତ ପାଠାଗାରରେ ଅହେତୁକ ଫି' ବୃଦ୍ଧିକୁ ନେଇ ପାଠକ ପାଠିକାଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧିପାଇଛି। ନବନିର୍ମିତ ପାଠାଗାରର ସଦସ୍ୟତା ପାଇଁ ପୂର୍ବ ତୁଳନାରେ ୨୯ ଗୁଣ ଅଧିକ ଫି' ଧାର୍ଯ୍ୟ କରାଯାଇଛି। ଏହା ପ୍ରତିବାଦରେ ଶନିବାର ସଂଖ୍ୟାଧିକ ପାଠକ, ନିଯୁକ୍ତି ପରୀକ୍ଷାର୍ଥୀ କଟକ ମହାନଗର ନିଗମ(କେଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବହୁ କଷ୍ଟରେ ନିଜର ଆବଶ୍ୟକତା ମେଣ୍ଟାଇ ପାଠ ପଢୁଥିବା ଚାକିରି ଆଶାୟୀ ଏତେ ଟଙ୍କା କେମିତି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ନିର୍ମାଣ ଖର୍ଚ୍ଚ ଉଠାଇବା ପାଇଁ ପାଠକଙ୍କ ଉପରେ ଅର୍ଥବୋଝ ଲଦି ଦିଆଯାଉଥିବା ଅଭିଯୋଗ ହୋଇଛି। ବିଶ୍ୱନାଥ ପଣ୍ଡିତ ପାଠାଗାର ପୁନଃନିର୍ମାଣ କାର୍ଯ୍ୟ ପରେ ଏକ ଆଧୁନିକ ଓ ସୁସଜ୍ଜିତ ରୂପ ପାଇଛି। କିନ୍ତୁ ଏହି ନବନିର୍ମିତ ପାଠାଗାର ସାଧାରଣ ପାଠକଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହିନାହିଁ। ଏହାର ସଦସ୍ୟତା ବାବଦକୁ କେଏମସି ପକ୍ଷରୁ ହଠାତ ଅତ୍ୟଧିକ ଫି' ଧାର୍ଯ୍ୟ କରାଯାଇଛି। ପୂର୍ବରୁ ପାଠାଗାରର ବାର୍ଷିକ ଦେୟ ମାତ୍ର ୧ଶହ ଟଙ୍କା ଥିଲା। ଯଦ୍ୱାରା ସାଧାରଣ ଓ ଗରିବ ପରିବାରର ଛାତ୍ରଛାତ୍ରୀମାନେ ଏଠାରେ ବସି ପାଠ ପଢ଼ିବାର ସୁବିଧା ପାଉଥିଲେ। ଏବେ ପୁନଃନିର୍ମାଣ ପରେ ପଞ୍ଜିକରଣ ଦେୟ ୫୦୦ ଏବଂ ମାସିକ ୨୦୦ ଟଙ୍କା କରି ବର୍ଷକୁ ୨୪ ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଯାହାକି ଛାତ୍ରଛାତ୍ରୀ ତଥା ପାଠକପାଠିକାଙ୍କ ମହଲରେ ଅସନ୍ତୋଷ ବୃଦ୍ଧିର କାରଣ ହୋଇଛି। ଏହି ଦେୟ ବୃଦ୍ଧି ପ୍ରସଙ୍ଗରେ ଆଲୋଚନା ପାଇଁ ଶତାଧିକ ପାଠକ ପାଠିକା ଶନିବାର ଅପରାହ୍ଣରେ କେଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିଜର ସମସ୍ୟା ଓ ଦାବି ଜଣାଇବା ପାଇଁ ଏକ ପ୍ରତିନିଧି ଦଳ ନିଗମର କମିଶନର କିରଣଦୀପ କୌରଙ୍କୁ ଭେଟିବାକୁ ଯାଇଥିଲେ। ସେମାନେ ନିଜର ଆର୍ଥିକ ଅସୁବିଧା ଏବଂ ଦେୟ କୋହଳ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଏଥିରେ କମିଶନର ରାଜି ହୋଇନଥିଲେ। ୨୯ ଶହ ଟଙ୍କା ଦେଲେ ହିଁ ପାଠାଗାରରେ ପଶିପାରିବ ବୋଲି କହିଥିଲେ। ଏହା ଘଟଣା ପରେ ପାଠକ ପାଠିକାମାନେ କେଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଯୁବକ-ଯୁବତୀମାନେ ବହିପତ୍ର ଓ ଦାବିପତ୍ର ଧରି ପ୍ରଶାସନ ବିରୋଧରେ ନାରାବାଜି କରୁଛନ୍ତି। ପାଠକମାନଙ୍କର ସ୍ପଷ୍ଟ ଦାବି ହେଉଛି ନବନିର୍ମିତ ବିଶ୍ୱନାଥ ପଣ୍ଡିତ ପାଠାଗାର ହେଉଛି ସାଧାରଣ ଜନତା ଓ ଛାତ୍ରସମାଜର ସମ୍ପତି ଏହା କୌଣସି ବ୍ୟବସାୟିକ କେନ୍ଦ୍ର ନୁହେଁ। ତେଣୁ ସଦସ୍ୟତା ଫି' ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ସାଧାରଣ ପାଠକଙ୍କ ପାଇଁ ଏହାକୁ ସମ୍ପୂର୍ଣ୍ଣ ମାଗଣା କିମ୍ବା ନାମମାତ୍ର ମୂଲ୍ୟରେ ଉପଲବ୍ଧ କରାଯାଉ। ଏହାସହିତ ଆବେଦନପତ୍ର ଚିରିବା ଓ ଅପମାନଜନକ ବ୍ୟବହାର କରିଥିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଛି। ସହରର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ସାମାଜିକ ସଂଗଠନ ଗୁଡିକ ମଧ୍ୟ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନରତ ପାଠକମାନଙ୍କ କହିବାନୁଯାୟୀ, ଗରିବ ଓ ସାଧାରଣ ମଧ୍ୟବିତ୍ତ ପରିବାରର ପିଲାମାନେ ନିଜର ଶିକ୍ଷାଗତ ଭବିଷ୍ୟତ ପାଇଁ ଏହି ସରକାରୀ ପାଠାଗାର ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ମାସିକ ଏତେ ବଡ଼ ଅଙ୍କର ଅର୍ଥ ପ୍ରଦାନ କରି ପାଠାଗାରକୁ ଆସିବା ଅନେକ ଅଭାବୀ ଛାତ୍ରଛାତ୍ରୀଙ୍କ ପାଇଁ ଅସମ୍ଭବ। ନିର୍ମାଣ ଖର୍ଚ୍ଚ ଉଠାଇବା ପାଇଁ ପାଠକ ପାଠିକାଙ୍କୁ ମାଧ୍ୟମ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଅନ୍ୟପଟେ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନେଦାଳନ ଚାଲୁ ରହିବ ବୋଲି ପାଠକ ପାଠିକାମାନେ ଚେତାବନୀ ଦେଇଛନ୍ତି।

## ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନାମ ସାମିଲ ଅବ୍ୟାହତ

**କଟକ,୪।୧୦/ଏନ୍ଏନ୍ଏସ୍:** ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ। ଏସ୍‌ଆଇଆର୍ ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। ତେବେ କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

## ପୂର୍ବତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ



**କଟକ,୪।୧୦/ଏନ୍ଏନ୍ଏସ୍:** ରାଣୀହାଟ ହାଇସ୍କୁଲର ୧୯୮୦ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଶାରଦୀୟ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କମ୍ପ୍ୟୁଟର ଲ୍ୟାବ୍‌ର ସିଇଓ ସନ୍ତୋଷ କୁମାର ସାହୁଙ୍କ ନିମନ୍ତ୍ରଣକ୍ରମେ ଆୟୋଜିତ ଏହି ବନ୍ଧୁ ମିଳନରେ ୭୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଏହି ବନ୍ଧୁ ମିଳନରେ ନୂତନ ଭାବେ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ତଥାପୁରାତନ ଛାତ୍ର କେ.ଆର୍.ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏଥିରେ ପ୍ରଦୀପ ଛାଟୋଇ, ଅକ୍ଷୟ ଖଟୁଆ, ହରପ୍ରିୟା ଚୌଧୁରୀ, ନଳିନୀ ସାହୁ, ବସନ୍ତ ବେହେରା, ମଞ୍ଜୁଳା ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସୁବାସ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ସରିଲା ତୃତୀୟ ପର୍ଯ୍ୟାୟ ଭସାଣି

# ଘାଣ୍ଟ ଭୋଗ ଖାଇ ମେଲାଣି ନେଲେ ବୁଢ଼ା ଗଣେଶ



**କଟକ,୪।୧୦/ଏନ୍ଏନ୍ଏସ୍:** କଟକ ସହରରେ ଗଣେଶ ପୂଜା ପରେ ଆରମ୍ଭ ହୋଇଥିବା ଭସାଣି ପର୍ବ ଏବେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ରବିବାର ସହରର ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ଗଣେଶ ଭସାଣି ଅନୁଷ୍ଠିତ ହୋଇଛି। ଢୋଲ, ମହୁରୀ ଓ ବାଜାର ତାଳେ ତାଳେ ଶୋଭାଯାତ୍ରାରେ ବିଘ୍ନରାଜଙ୍କୁ ମେଲାଣି ଦିଆଯାଇଛି। କଟକର ପାରମ୍ପରିକ 'ବୁଢ଼ା ଗଣେଶ'ଙ୍କ ଭସାଣି ଏହି ଅବସରର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଭସାଣି ପୂର୍ବରୁ ବିଧିବିଧାନ ଅନୁଯାୟୀ ପ୍ରଭୁଙ୍କୁ ପ୍ରିୟ ଭୋଗ ଅର୍ପଣ କରାଯାଇଥିଲା। ବିଶେଷକରି ଘାଣ୍ଟ ଭୋଗ ଅର୍ପଣ ପରେ ଭକ୍ତମାନେ ଭାବବିହ୍ୱଳ ହୋଇ ବୁଢ଼ା ଗଣେଶଙ୍କୁ ମେଲାଣି ଦେଇଥିଲେ। 'ଗଣପତି ବାପ୍ପା ମୋରିଆ' ଧ୍ୱନିରେ ପୂଜାମଣ୍ଡପଠାରୁ ଭସାଣି ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ସାହି ଓ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସା ସହ ଶୋଭାଯାତ୍ରା କରାଯାଇଥିଲା। ଯୁବକ ଓ ଶ୍ରଦ୍ଧାଳୁମାନେ ଢୋଲ ଓ ବାଜାର ତାଳେ ନାଚି ନାଚି ଗଣେଶଙ୍କୁ ମେଲାଣି ଦେଇଥିଲେ। ଶୋଭାଯାତ୍ରା ଯୋଗୁଁ ସହରର ବିଭିନ୍ନ ରାସ୍ତାରେ ପାର୍ବଣର ମାହୋଲ ସୃଷ୍ଟି ହୋଇଥିଲା। ଭସାଣିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବିଭିନ୍ନ ଛକ ଓ ଭସାଣି ରୁଟ୍‌ରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଭସାଣି ସମ୍ପନ୍ନ କରିବା ଲାଗି ପୂଜା କମିଟିଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ଦୀର୍ଘଦିନର ପୂଜା ଓ ଉତ୍ସବ ପରେ ବୁଢ଼ା ଗଣେଶଙ୍କ ମେଲାଣି ସହ କଟକର ଗଣେଶ ପୂଜା ପର୍ବରେ ଏକ ଭାବପୂର୍ଣ୍ଣ ବିରାମ ପଡ଼ିଛି। ଏବେ ସମସ୍ତଙ୍କର ଲକ୍ଷ୍ୟ ଆଗାମୀ ଦୁର୍ଗାପୂଜା ଉପରେ କେନ୍ଦ୍ର ଭୂତ ହୋଇଛି।

ସୂଚନାଯୋଗ୍ୟ ପ୍ରଥମ ପର୍ଯ୍ୟାୟ ଭସାଣି ଗତ ୨୦ ତାରିଖରେ ଅନୁଷ୍ଠିତ ହୋଇଥିଲା ବେଳେ ଆଜି ତୃତୀୟ ପର୍ଯ୍ୟାୟ ଭସାଣି ଉତ୍ସବ ଶେଷ ହୋଇଛି। ବର୍ଷାର ପ୍ରଭାବ ଆଜି ଶେଷ ହୋଇଥିଲା ବେଳେ ପାଗ ଶୁଖିଲା ଥିବାରୁ ଭସାଣି ଉତ୍ସକୁ ବିଭିନ୍ନ କ୍ଲବ ବେଶ୍ ଆନନ୍ଦର ସହ ପାଳନ କରିଛନ୍ତି। ଆଜି ତୃତୀୟ ପର୍ଯ୍ୟାୟ ଭସାଣିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗଣେଶ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଛି। ଗଣେଶ ଭସାଣି ଉତ୍ସବର କୋଳାହଳକୁ ଦେଖିଲେ ଦଶହରା ଭସାଣିର ଭ୍ରମ ସୃଷ୍ଟି ହୋଇଥିଲା। ଆଜି ସକାଳୁ ବିଭିନ୍ନ କ୍ଲବ ପକ୍ଷରୁ ମୂର୍ତ୍ତିକୁ ମଣ୍ଡପ ବାହାରକୁ ଅଣାଯାଇଥିଲା। ଯେଉଁ ପୂଜାକମିଟି ନିକଟରେ ଆଲୋକ ବ୍ୟବସ୍ଥା ନାହିଁ ସେମାନେ ଦିନବେଳା ହିଁ ମୂର୍ତ୍ତି ବିସଜନ କରିବାକୁ ପସନ୍ଦ କରିଥିଲେ। ମାତ୍ର ଆଲୋକ ବ୍ୟବସ୍ଥା ଥିବା କ୍ଲବଗୁଡିକ ଅପରାହ୍ଣ ସାଢେ ୫ଟା ବେଳେ ଶୋଭାଯାତ୍ରାରେ ବାହାରିଥିଲେ। ଅସଲ ଭସାଣ ସନ୍ଧ୍ୟାପରେ ହିଁ ଆରମ୍ଭ ହୋଇଥିଲା। ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ କାଠଯୋଡ଼ିର ଦେବୀଗଡାଠାରେ ଦୁଇଟି କୃତ୍ରିମ ଜଳାଶୟ ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ୯ଟି କୃତ୍ରିମ ଜଳାଶୟ ସ୍ଥାପନ କରାଯାଇଛି। ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ମୂର୍ତ୍ତିଗୁଡିକ ଆକର୍ଷଣୀୟ ଶୋଭାଯାତ୍ରାରେ ଆସି କାଠଯୋଡ଼ି ନଦୀ କୂଳ ଦେବୀଗଡା ଠାରେ ବିସର୍ଜନ କରାଯାଇଛି। ଭସାଣି ସମୟରେ ଯେପରି କୌଣସି ଅଘଟଣ ନ ଘଟେ ସେଥିପାଇଁ ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା।

# ଏସ୍‌ଡିଜି ସଚେତନତା ଓ ପ୍ରଶିକ୍ଷଣ ଶିବିର



**କଟକ,୪।୧୦/ଏନ୍ଏନ୍ଏସ୍:** ତୃଣମୂଳ ସ୍ତରରେ ଏସଡିଜିକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକ ତିନିଦିନିଆ ଏସଡିଜି ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର ସି-ଏସଡିଜି ଏବଂ ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ଓଏସଆଇଏଫ୍, ଭିଜନ୍-୨୦୩୬, ଭିଜନ୍-୨୦୪୭, ଜୈବ ବିବିଧତା, ତୃଣମୂଳ ଯୋଜନା, ପ୍ରମାଣଭିତ୍ତିକ ଶାସନ ଓ ପିଏଆଇ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଳକା ଜେନା, ପ୍ରଫେସର ଜେ. ପି. ଭଞ୍ଜ, ଡ. ଅମିତା ପାତ୍ର, ପ୍ରଫେସର ନମିତା ରଥ, ସୁଶ୍ରୀ ଆଭା ମିଶ୍ର, ପ୍ରଫେସର ଆର୍କିଟେକ୍ଟ ଅନିସା ଆଖୋରୁନ୍ନିସା, ଡ. ସୁବ୍ରତ କୁମାର ମିଶ୍ର, ଡ. ବିପ୍ଳବ କୁମାର ବିଶ୍ୱାଳ, ଡ. ଶ୍ରୀତମ ମିଶ୍ର, ମନୋଜ କୁମାର ନାୟକ ଓ ଡ. ପ୍ରାଜକ୍ତା କଦମ ବିଭିନ୍ନ ଅଧିବେଶନରେ ଯୋଗଦେଇ ଏସଡିଜି କାର୍ଯ୍ୟାନ୍ୱୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏଗ୍ରୋନୋମି ଲାବୋରେଟୋରୀ, ଜୈବିକ କୃଷି କ୍ଷେତ୍ର ଓ ଗୋଶାଳା ପରିଦର୍ଶନ କରିବା ସହ ଜୈବ ସାର ପ୍ରସ୍ତୁତି, ମାଇଣ୍ଡଫୁଲନେସ୍ ଓ ଆର୍ଟ ଅଫ୍ ଲିଭିଂ ହ୍ୟାପିନେସ୍ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଉଦଯାପନୀ ଅବସରରେ ସମସ୍ତଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଏସଡିଜି ସେଲ୍‌ର ସହକାରୀ ନିର୍ଦ୍ଦେଶିକା ସୁଶ୍ରୀ ମୃଣାଳି ପଟ୍ଟ ନାୟକ, ସି-ଏସଡିଜି ନିର୍ଦ୍ଦେଶକ ସତ୍ୟଜିତ ଆର୍ଯ୍ୟ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏଫ୍ଏମ୍ଏସ୍ ପ୍ରଫେସରଡ. ନମିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଓଡ଼ିଶା ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡକ୍ଟର ସ୍ୱଦେଶ ସିଂହଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୌଜନ୍ୟମୂଳକ ସାକ୍ଷାତ

# ପ୍ରଣବ ବଳବନ୍ତରାୟଙ୍କ ଗାଡ଼ିକୁ ଟେକାମାଡ଼

**ଧର୍ମଶାଳା,୪।୧୦/ଏନ୍ଏନ୍ଏସ୍:** ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡ଼ିକୁ ରବିବାର ଟେକାମାଡ଼ ହୋଇଛି। ଯାଜପୁର ଜିଲ୍ଲା ଧର୍ମଶାଳା ଗଡ଼ମଧୁପୁର ପଞ୍ଚାୟତ ପନ୍ତୁରି ଗାଁରେ ଏହି ଘଟଣା ଘଟିଛି। ତେବେ ଶ୍ରୀ ବଳବନ୍ତରାୟ କହିଛନ୍ତି, ପୁଲିସ ଉପସ୍ଥିତିରେ ଆମ ଉପରେ ଆକ୍ରମଣ ହୋଇଛି। ଆମେ ପଦଯାତ୍ରା କରି ଲୋକଙ୍କୁ ପାଖକୁ ଯାଇଥିଲା ବେଳେ ଆକ୍ରମଣ କରାଯାଇଛି। ଆକ୍ରମଣକାରୀମାନେ ଜିଲ୍ଲା ପୁଲିସ ସାହସରେ ଆକ୍ରମଣ କରିଥିବା ଶ୍ରୀ ବଳବନ୍ତରାୟ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଅକ୍ଟୋବର ୨ ତାରିଖରୁ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ତେଣୁ ପ୍ରଣବ ବଳବନ୍ତରାୟ ମଧ୍ୟ ଧର୍ମଶାଳା ଅଞ୍ଚଳରେ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। ରବିବାର ପନ୍ତୁରି ଗାଁରେ ଏକ କର୍ମୀ ସମାବେଶ ଚାଲିଥିବା ବେଳେ ହଠାତ୍ କିଛି ଲୋକ ସେଠାରେ ପହଞ୍ଚି ଗାଡ଼ି ଉପରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରଣବଙ୍କ ଗାଡ଼ି ଉପରକୁ ଟେକାପଥର ଫିଙ୍ଗାଯାଇଥିଲା। ଏଥିରେ ପ୍ରଣବଙ୍କ ଗାଡ଼ି ସମେତ ମୋଟ ୩ଟି ଗାଡ଼ି ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଘଟଣା ସମୟରେ ପୁଲିସ ଉପସ୍ଥିତ ଥିବା ସତ୍ତ୍ୱେ ଆକ୍ରମଣ ହୋଇଥିବା ଶ୍ରୀ ବଳବନ୍ତରାୟଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି।





**ପୁଲିସ ଉପସ୍ଥିତିରେ ଆକ୍ରମଣ ଅଭିଯୋଗ**

**ଘଟଣାକୁ ନିନ୍ଦା କଲେ ନବୀନ**

ଘଟଣା ପରେ ଶ୍ରୀ ବଳବନ୍ତରାୟ ଓ ତାଙ୍କ ସମର୍ଥକ ପଣିକୋଇଲି ଏସ୍ପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଦେଇଥିଲେ। ତେବେ ଆକ୍ରମଣ ପଛରେ କିଏ ରହିଛି ଏବଂ ଘଟଣାର ପ୍ରକୃତ କାରଣ କ'ଣ, ସେନେଇ ଖବର ଲେଖାସୁଦ୍ଧା ସ୍ପଷ୍ଟ ତଥ୍ୟ ମିଳିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ବିଜେଡିର ଅଭିଯୋଗ ଅନୁଯାୟୀ, ୩୦ରୁ ୪୦ ଜଣ ଆକ୍ରମଣ କରିଥିଲେ। ସେମାନେ ପ୍ରଣବ ଓ ତାଙ୍କ ସମର୍ଥକମାନଙ୍କୁ ଅସଦାଚରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ପୁଲିସ ଉପସ୍ଥିତିରେ ଆକ୍ରମଣ ଅଭିଯୋଗ ନେଇ ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ।

ତେବେ ଏହି ଆକ୍ରମଣ ଘଟଣାକୁ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିନ୍ଦା କରିଛନ୍ତି। ଏନେଇ ସେ ସୋସିଆଲ ମିଡିଆରେ କହିଛନ୍ତି ଯେ ପୁଲିସ୍ ଉପସ୍ଥିତିରେ ଜନପ୍ରତିନିଧିଙ୍କୁ ଜୀବନରୁ ମାରିଦେବା ପରି ଆକ୍ରମଣ ହେଉଛି। ଅପରାଧୀଙ୍କୁ ଏ ସାହସ କିଏ ଦେଉଛି ? ଏ ସରକାରରେ ଜନପ୍ରତିନିଧି ଅସୁରକ୍ଷିତ, ସାଧାରଣ ଲୋକଙ୍କ ସୁରକ୍ଷା ବିପର୍ଯ୍ୟସ୍ତ। ଏପରି ଘଟଣା ଧର୍ମଶାଳାରେ, ସାରା ଓଡ଼ିଶାରେ ବାରମ୍ବାର ଘଟୁଛି। ହେଲେ ସରକାର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଓଡ଼ିଶାବାସୀ ଦେଖିବାକୁ ପାଉନାହାନ୍ତି।

**ଦୁଇ ୯ମ ଶ୍ରେଣୀ ଛାତ୍ରଙ୍କୁ କାମୁଡ଼ିଲା ସାପ**

# ଜଣେ ମୃତ, ଜଣେ ଗୁରୁତର

**ଡେଲାଙ୍ଗ,୪।୧୦/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ କବି ପ୍ରଶନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଜଣ ୯ମ ଶ୍ରେଣୀ ଛାତ୍ରଙ୍କୁ ସାପ କାମୁଡ଼ିଥିବାବେଳେ ସେମାନଙ୍କୁ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟଜଣେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଉଛି। ଶନିବାର ଦିନ ଉକ୍ତ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ସନ୍ଧ୍ୟାରେ କ୍ରୀଡ଼ା ଶେଷ ହୋଇଥିବା ବେଳେ କେତେକ ପିଲା ଘରକୁ ଚାଲିଯାଇଥିଲେ ଓ ଅନ୍ୟ କେତେକଘରକୁ ନଯାଇ ବିଦ୍ୟାଳୟରେ ରାତ୍ର ବିଶ୍ରାମ କରିଥିଲେ। ସେହି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପିଲାମାନଙ୍କ ସହିତ ମଧ୍ୟ ବିଦ୍ୟାଳୟରେ ବିଶ୍ରାମ ନେଇଥିଲେ। ବିଳମ୍ବିତ ରାତ୍ରରେ ଛାତ୍ର ପି.କେ ଜ୍ଞାନରଂଜନଙ୍କ ହାତକୁ କୌଣସି ଜନ୍ତୁ କାମୁଡ଼ି ଦେଇଥିବା ନେଇ ସେ ହଠାତ୍ ଉଠିପଡ଼ି ଡାକପକାଇଥିଲେ। ଶିକ୍ଷକ ଶ୍ରୀ ଜେନା କ୍ଷତସ୍ଥାନକୁ ଦେଖିବା ପରେ ହାତରେ ଏକ ସୁତାବାନ୍ଧି ତାଙ୍କୁ ଡେଲାଙ୍ଗ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ରାତି ୧.୩୦ରେ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କ ପୁଅ ତଥା ନବମ ଶ୍ରେଣୀ ଛାତ୍ର ସାଇସ୍ୱଂ ଜେନାଙ୍କ ଛାତି ଯନ୍ତ୍ରଣା ହେବା ସହିତ ମୁଣ୍ଡ ବୁଲାଉଥିବା ନେଇ ସେ ତାଙ୍କ ବାପାଙ୍କୁ କହିଥିଲେ। ଶିକ୍ଷକ ତଥା ସାଇଙ୍କ ବାପା ଶରୀରର ବିଭିନ୍ନ ସ୍ଥାନ ତଦାରଖ କରିବାରେ ସାଇଙ୍କ କାନରେ ଏକ ଦାନ୍ତ ଚିହ୍ନ ବସିଥିବା ଦେଖିବାକୁ ପାଇଥିଲେ। କାଳ ବିଳମ୍ବ ନକରି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। ଡାକ୍ତରଙ୍କ କିଛି ସମୟ ଚିକିତ୍ସା ପରେ ସାଇସ୍ୱଂଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଛାତ୍ର ଜ୍ଞାନରଞ୍ଜନ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି। ମୃତ ଛାତ୍ରଙ୍କ ପରିବାର ଲୋକେ ସାଇଙ୍କ ଚକ୍ଷୁ ଦାନ କରିଥିବାବେଳେ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଓ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଅପରାହ୍ନରେ ମୁନିନ୍ଦା ଗ୍ରାମରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

**ମୃତକଙ୍କ ଚକ୍ଷୁଦାନ କଲେ ପରିବାର**

# 'ମା' ସରଳା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ପ୍ରତୀକ'

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ମା' ସରଳା ଦେବୀ। ଓଡ଼ିଶା ବିଧାନସଭାରେ ପ୍ରଥମ ମହିଳା ବିଧାୟିକା ଭାବେ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ। ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେବାସହ ନାରୀ ଶିକ୍ଷା, ନାରୀ ଜାଗରଣ ଓ ସମାଜର ବିକାଶ ପାଇଁ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ। ସରଳା ଦେବୀଙ୍କ ଆଦର୍ଶ ଓ ସେବା ମନୋଭାବ ସଦାସର୍ବଦା ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ମା' ସରଳା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ମା' ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରି ଏହା କହିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ମା' ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ।



**ପାଇପ୍ ଜଳଯୋଗାଣ ନେଇ ସମୀକ୍ଷା ବୈଠକ**

# ପ୍ରକଳ୍ପ ନିର୍ମାଣରେ ବିଳମ୍ବ ପାଇଁ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ତଥା ଚିଲିକା ନିର୍ବାଚନ ମଣ୍ଡଳୀରେ ପାଇପ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚିଲିକା-ଟାଙ୍ଗୀ-ବାଣପୁର ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବାଣପୁର ବ୍ଲକ୍ ଅନ୍ତର୍ଗତ ରାଣୀପଡ଼ା କ୍ଲଷ୍ଟର ଏବଂ ବେଗୁନିଆ-ବୋଲଗଡ଼ ପ୍ରକଳ୍ପ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଏଥି ସହିତ ବାଲିପାଟଣା, ବାଲିଅନ୍ତା ଏବଂ ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ପାଇପ ଜଳଯୋଗାଣ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା। ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପାଇପ ଯୋଗେ ସବୁ ପରିବାରକୁ ବିଶୁଦ୍ଧ ପାଇପ ଜଳ ଯୋଗାଇବା ଲକ୍ଷ୍ୟ ପୂରଣ କରିବାକୁ ହେଲେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗକୁ ନେବାକୁ ପଡ଼ିବ। ଏଥି ସହିତ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ଜବରଦଖଲ ଉଚ୍ଛେଦ ଆଦି ସମସ୍ୟାକୁ ଉପଯୁକ୍ତ କର୍ତ୍ତୃପକ୍ଷ ମାଧ୍ୟମରେ ସମାଧାନ କରିବାକୁ ପଡ଼ିବ। ଏଥି ସହିତ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ଆଗାମୀ ୩୦ରୁ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଅଯଥା ଭଙ୍ଗାରୁଜାରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି ମଧ୍ୟ କହିଲେ ଯେ ଅନେକ ସମୟରେ ଠିକା ସଂସ୍ଥାମାନେ କାର୍ଯ୍ୟଭାର ହାତକୁ ନେବା ପରେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟକୁ ଅଯଥା ବିଳମ୍ବ କରୁଥିବା ଦେଖାଯାଉଛି। ଏସବୁ କ୍ଷେତ୍ରରେ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ କରିବା ସହ ଆବଶ୍ୟକ ହେଲେ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍, ପାନୀୟ ଜଳଯୋଗାଣ ନିର୍ଦ୍ଦେଶକ ବିନୀତ୍ ଭରଦ୍ୱାଜ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ରତ୍ନାକର ସିଆଳ, ଖୋର୍ଦ୍ଧା ଜିଲ୍ଲା ବନଖଣ୍ଡ ଅଧିକାରୀ ଗଜାନନ ଲାଡେ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ ମନୋରଞ୍ଜନ ଜେନା,ଚିଲିକା ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



**ଏମ୍ଆଇସିଇ ନୀତି ପ୍ରସ୍ତୁତି ଓ ସହଭାଗିତା ବୃଦ୍ଧି ପାଇଁ ଉଚ୍ଚସ୍ତରୀୟ ବୈଠକ**

# ଦେଶର ପ୍ରଥମ 'ଏମ୍ଆଇସିଇ ଇନ୍ସେଣ୍ଟିଭ୍ ପୋର୍ଟାଲ୍'ର ଶୁଭାରମ୍ଭ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମିଳିତ ଆନୁକୂଲ୍ୟରେ ମେଫେୟାର ସାଙ୍କଚୁଆରୀଠାରେ 'ଓଡ଼ିଶା ପାଇଁ ଏକ ମଜଭୁତ ଏମ୍ଆଇସିଇ ନୀତି ପ୍ରସ୍ତୁତି ଓ ସହଯୋଗ' ଶୀର୍ଷକ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟ୍ରାଭେଲ ବଜାର ୨୦୨୬ ଅଂଶବିଶେଷ ଭାବେ ଆୟୋଜିତ ଏହି ବୈଠକରେ ରାଜ୍ୟରେ ମିଟିଂ, ଇନ୍ସେଣ୍ଟିଭ୍, କନଫରେନ୍ସ ଓ ଏକ୍ସଜିବିସନ୍ ପରିସଂସ୍ଥାର ବିସ୍ତାର ନେଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିଳ୍ପପତି ଓ ମୁଖ୍ୟ ଅଂଶୀଦାରମାନେ ଆଲୋଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ 'ଓଡ଼ିଶା ଏମ୍ଆଇସିଇଇନ୍ସେଣ୍ଟିଭ୍ ପୋର୍ଟାଲ୍'ର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା କର୍ପୋରେଟ୍ ସମ୍ମିଳନୀ ପାଇଁ ନିଜର ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିନିଯୋଗ କରିବା ଏବଂ ଆୟୋଜକ ଓ ପର୍ଯ୍ୟଟନ ସଂସ୍ଥାଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ଆବେଦନ ପ୍ରକ୍ରିୟା ସହଜ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ପାଲଟିଛି। ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ, ଏମ୍ଆଇସିଇ, ଡେଷ୍ଟିନେସନ୍ ୱେଡିଂ, କ୍ରୀଡ଼ା ଆୟୋଜନ ଏବଂ ସାଂସ୍କୃତିକ ଐତିହ୍ୟ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ମଞ୍ଜୁରୀ ପ୍ରଦାନ କରିବା ପାଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ। 'ଆମର ନିଷ୍ଠାପର ପର୍ଯ୍ୟଟନ ଟିମ୍ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାକୁ ସହଜ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି, ଯାହା ଏକ ପ୍ରଗତିଶୀଳ ଓଡ଼ିଶାର ବଦଳୁଥିବା ଚେହେରାକୁ ପ୍ରତିଫଳିତ କରୁଛି,' ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଡେଷ୍ଟିନେସନ୍ ୱେଡିଂ ଏବଂ ମନ୍ଦିର ବିବାହ ପାଇଁ ବଢୁଥିବା ଆଗ୍ରହ ବିଷୟରେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ଏକ 'ମନ୍ଦିର ମାଳିନୀ ସହର' ହୋଇଥିବାରୁ ଏହା ଯୁବପିଢ଼ିଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିପାରିବ। ମନୋରମ ଫଟୋସୁଟ୍ ସ୍ଥଳଠାରୁ ଆରମ୍ଭ କରି ଆଞ୍ଚଳିକ ଖାଦ୍ୟ ଭ୍ରମଣ ପର୍ଯ୍ୟନ୍ତ, ରାଜ୍ୟରେ ପ୍ରଚୁର ସମ୍ଭାବନା ରହିଛି। ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂ 'ଓଡ଼ିଶା ପର୍ଯ୍ୟଟନ ନିବେଶ ନୀତି' ଉପରେ ଏକ ଉପସ୍ଥାପନା ପ୍ରଦାନ କରି ରାଜ୍ୟର ବ୍ୟବସାୟିକ ସୁଯୋଗଗୁଡ଼ିକୁ ରେଖାଙ୍କିତ କରିଥିଲେ। ସେହିପରି ଆଲୋଚନାରେ ଭାଗ ନେଇଥିବା ପ୍ରତିନିଧିମାନେ ଦର୍ଶାଇଥିଲେ ଯେ ଓଡ଼ିଶାର ପର୍ଯ୍ୟଟନ କେବଳ ସାଧାରଣ ଭ୍ରମଣ ସ୍ଥଳୀରେ ସୀମିତ ନୁହେଁ, ବରଂ ଏହାର ଐତିହାସିକ ମନ୍ଦିର, ବୌଦ୍ଧ ସ୍ଥଳୀ, ସମୁଦ୍ରକୂଳ, ପାରମ୍ପରିକ କଳା ଏବଂ ଖାଦ୍ୟ ସଂସ୍କୃତି ନୂତନ ଆୟୋଜନ ପାଇଁ ଅପାର ସୁଯୋଗ ସୃଷ୍ଟି କରେ। ଫିକି ଏମ୍ଆଇସିଇ ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ସବ୍ୱାସ ଜୋସେଫ୍ ଓଡ଼ିଶାର ସାଂସ୍କୃତିକ ସମ୍ପଦର ଉପଯୋଗ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ସେହିପରି ଓଡ଼ିଆ ଖାଦ୍ୟ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ତଥା ସେଲିବ୍ରିଟି ସେଫ୍ ରଣବୀର ବ୍ରାର ସାଂସ୍କୃତିକ ପ୍ରାମାଣିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଉଚ୍ଚକୋଟୀର ଭ୍ରମଣ କେବଳ ଅଧିକ ଖର୍ଚ୍ଚ ଉପରେ ନୁହେଁ, ବରଂ ଦୁର୍ଲଭତା ଏବଂ ସାଂସ୍କୃତିକ ଅନୁଭୂତି ଉପରେ ଆଧାରିତ। ସେ କେବଳ ସଭାସ୍ଥଳ ନୁହେଁ, ବରଂ ସ୍ଥାନୀୟ କାହାଣୀକାର, ରାନ୍ଧୁଣିଆ, ପାରମ୍ପରିକ ରେସିପି, ବଜାର ଓ ଆଞ୍ଚଳିକ ପର୍ବପର୍ବାଣିକୁ ଚିହ୍ନଟ କରିବା ପାଇଁ ଏକ ୧୦୦ ଦିନିଆ ମ୍ୟାପିଂ ଅଭିଯାନର ପ୍ରସ୍ତାବ ଦେଇଥିଲେ।

# ନୂଆ ରୂପରେ ଫେରିଛି କଳିଙ୍ଗ ଷ୍ଟୁଡିଓ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ପୁଣି ଶୁଭିବ ଲାଇଟ୍.. କ୍ୟାମେରା.. ଆକ୍ସନ..। ପୁରୁଣା ରୂପକୁ ପଛରେ ପକାଇ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ରୂପରେ ନୂଆ ଅବତାରରେ ଫେରୁଛି କଳିଙ୍ଗ ଷ୍ଟୁଡିଓ। ଆସନ୍ତାକାଲି ଅର୍ଥାତ ସୋମବାରଠାରୁ ଖୋଲିବ ପୂର୍ଣ୍ଣାଙ୍ଗ କଳିଙ୍ଗ ଷ୍ଟୁଡିଓ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିବେ। ପ୍ରାୟ ୧୬୪ କୋଟି ଟଙ୍କା ବ୍ୟୟରେ ଷ୍ଟୁଡିଓର ନବୀକରଣ କରାଯାଇଛି। ନୂଆ ଷ୍ଟୁଡିଓରେ ଚଳଚ୍ଚିତ୍ର ନିର୍ମାଣ ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଭଳି ଅନେକ ନୂଆ ଆକର୍ଷଣ ସାମିଲ କରାଯାଇଛି। ସ୍ନୋ ୱାର୍ଲ୍ଡଠାରୁ ଆରମ୍ଭ କରି ଭୂତ ବଙ୍ଗଳା, ଆମାଜନ ଜଙ୍ଗଲ, ବିମାନ ବନ୍ଦର, ରେଳଷ୍ଟେସନ, ଗାଁ ପରିବେଶ ଆହୁରି କେତେ କ'ଣ ନୂଆରେ ଷ୍ଟୁଡିଓ ସଜେଇ ହୋଇଛି। ଷ୍ଟୁଡିଓ ପରିସରରେ ରହିଛି ଆମ୍ୟୁଜ୍‌ମେଣ୍ଟ ପାର୍କ। ଏହି ପାର୍କ ପାଇଁ ଟିକେଟ୍ ବ୍ୟବସ୍ଥା ହେବ ଏବଂ ଆଗନ୍ତୁକମାନେ ଏହାକୁ ଉପଭୋଗ କରିବା ସହ ସେଠାରେ ସୁଟିଂ ପାଇଁ ମଧ୍ୟ ବ୍ୟବସ୍ଥା ହେବ। ଏହା ରାଜସ୍ୱ ସୃଷ୍ଟି କରିବାରେ ସହାୟ ହେବ ବୋଲି ଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ଷ୍ଟୁଡିଓ ପ୍ରଯୋଜକ, ଚଳଚ୍ଚିତ୍ର ନିର୍ମାତାଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଟାଣିବାରେ ସହାୟ ହେବ ବୋଲି ଓଏଫ୍‌ଡିସି ଆଶାପୋଷଣ କରିଛି। ୧୬୪ କୋଟି ଟଙ୍କାରେ ନବୀକରଣ କରାଯାଇଥିବା ଏହି ଷ୍ଟୁଡିଓର ରକ୍ଷଣାବେକ୍ଷଣା ଦାୟିତ୍ୱ ଘରୋଇ ସଂସ୍ଥା 'ଯାତ୍ରୀ କର୍ପୋରେଟ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍' ନେଇଛି। ଆସନ୍ତା ୨ ବର୍ଷ ଏହି ସଂସ୍ଥା କଳିଙ୍ଗ ଷ୍ଟୁଡିଓ କଥା ବୁଝିବ।

**ଆଜି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ**

# ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ୍ ବୈଠକ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୮ମ ରାଜ୍ୟସ୍ତରୀୟ ନାର୍କୋ କୋଅର୍ଡିନେସନ୍ ସେଣ୍ଟର (ଏନସିଓଆରଡି)ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଶାଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ନିୟନ୍ତ୍ରଣ ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଚାଲିଥିବା ବିଭିନ୍ନ ପଦକ୍ଷେପ ଓ ଅଭିଯାନକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ବୈଠକରେ ନିଶାଦ୍ରବ୍ୟର ଚାହିଦା ହ୍ରାସ, ଜନସଚେତନତା, ନିଶାମୁକ୍ତି କେନ୍ଦ୍ରର ସୁଦୃଢ଼ୀକରଣ, ଯୁବପିଢ଼ିଙ୍କୁ କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟକଳାପ ସହ ଯୋଡ଼ିବା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ ପରିସର ଭାବେ ପରିଣତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନିଶାଦ୍ରବ୍ୟର ଅବୈଧ ଚାଷ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ ନିରନ୍ତର ସଚେତନତା ସୃଷ୍ଟି ସହ ଚାଷୀମାନଙ୍କୁ ବିକଳ୍ପ ଚାଷ ଓ ଜୀବିକାର ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଗ୍ରାମସ୍ତରରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଓ ବିକଳ୍ପ ଚାଷ ସଂପର୍କରେ ଲୋକଙ୍କୁ ସଚେତନ କରାଯିବା ନେଇ ବିଚାର ବିମର୍ଶ ହୋଇଥିଲା। ନିଶା ବିରୋଧୀ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଉଥିବା ସଂପର୍କରେ ଏସଟିଏଫ୍ ଏବଂ ନାର୍କୋ କୋର୍ଡିନେସନ ସେଣ୍ଟର ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ କେବଳ ଆଇନଗତ ଓ ଦଣ୍ଡାତ୍ମକ ପଦକ୍ଷେପ ନୁହେଁ, ବରଂ ସଚେତନତା, ନିଶାମୁକ୍ତି ସେବା, ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, ବିକଳ୍ପ ଜୀବିକା ଏବଂ ସମୁଦାୟର ସହଭାଗିତାକୁ ସମାନ ଗୁରୁତ୍ୱ ଦେଇ ଆଗେଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ରାଜ୍ୟରେ ନିଶା ନିୟନ୍ତ୍ରଣ ସମ୍ପର୍କିତ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଆଗାମୀ ପଦକ୍ଷେପ ସମୀକ୍ଷା କରାଯିବା ସହ ଜିଲ୍ଲାସ୍ତରରେ ନିୟମିତ ନାର୍କୋ କୋର୍ଡିନେସନ ବୈଠକ ଓ ଆନ୍ତଃବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ନିଶାଦ୍ରବ୍ୟ ନିୟନ୍ତ୍ରଣ ସହିତ ପ୍ରଭାବିତ ଓ ସମ୍ବେଦନଶୀଳ ଅଞ୍ଚଳର ଲୋକଙ୍କ ପାଇଁ ବିକଳ୍ପ ଜୀବିକାର ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷାନୁଷ୍ଠାନ ନିକଟରେ ପାନ ଦୋକାନ ନ ରହିବାକୁ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜିଲ୍ଲାସ୍ତରୀୟ ନାର୍କୋ କୋଅର୍ଡିନେସନ୍ କମିଟିଗୁଡ଼ିକୁ ଅଧିକ ସୁଦୃଢ଼ କରି ବିଭିନ୍ନ ବିଭାଗ ମଧ୍ୟରେ ନିୟମିତ ଓ ପ୍ରଭାବୀ ସମନ୍ୱୟ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନିଶାର ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ନିୟମିତ ନଜରଦାରୀ ଓ ବିଭାଗୀୟ ସମନ୍ୱୟକୁ ଅଧିକ ଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଡିଜିପି ବିନୟତୋଷ ମିଶ୍ର, ଆଇଜି, ଏସଟିଏଫ୍ ହିମାଂଶୁ ଲାଲ, ଡିଆଇଜି. ଏସଟିଏଫ୍ ଡଃ. କେ.ଭି ସିଂ, ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ଡିଡିଜି, ଏନସିବି, ଜୋନାଲ ନିର୍ଦ୍ଦେଶକ, ଏନସିବି, ଭୁବନେଶ୍ୱର, ଓଡ଼ିଶା ମେରିଟାଇମ ବୋର୍ଡର ମୁଖ୍ୟ, ନୌସେନା ଉପସ୍ଥିତ ଥିଲେ।

**'ଦମନ' ଅଭିଯାନରେ ଅପରାଧୀଙ୍କ ବିରୋଧରେ କଡ଼ା ପଦକ୍ଷେପ**

# ୧,୪୪୮ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ

**ଭୁବନେଶ୍ୱର,୪।୧୦/ଏନ୍ଏନ୍ଏସ୍:** ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ, କମିଶନରେଟ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ପୁଲିସ ୟୁନିଟ ଗୁଡିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଚାଲିଥିଲା। ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି। ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି। ଏଥିସହ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୧୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି। ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, , ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି। ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି। ଏହାବ୍ୟତୀତ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି। ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି। ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି। ଏଥିରେ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ଟି ଖାଲି କାର୍ଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ ହୋଇଛି। ସେହିପରି ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି। ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ ନଜର ରଖିବା ସହ ବେଆଇନ ନିଶାଦ୍ରବ୍ୟ, ମଦ, ଅସ୍ତ୍ର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବା ପାଇଁ ରାଜ୍ୟରେ ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଥିଲା। ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ ଯାଞ୍ଚକୁ ଜୋରଦାର କରାଯାଇଥିଲା। ପାର୍ବଣ ସମୟରେ ରାଜ୍ୟବାସୀଙ୍କ ଶାନ୍ତି, ସୁରକ୍ଷା ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ଓ ପ୍ରତିଷେଧମୂଳକ ପୋଲିସିଂକୁ ଆହୁରି ସୁଦୃଢ଼ କରିବା ପାଇଁ ପୁଲିସର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ଜାରି ରହିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

**୧,୭୦୭ ଅବକାରୀ, ୮୯ ଏନ୍‌ଡିପିଏସ୍ ମାମଲା**

**ଆଜି ବି ବଞ୍ଚିଛି ମାନବିକତା**

# କୁନିଝିଅ ତ୍ରିଶିକାଙ୍କ ଜୀବନ ରକ୍ଷା ଲାଗି ବିଦ୍ୟାର୍ଥୀଙ୍କ ଅର୍ଥ ସଂଗ୍ରହ



**ଆସିକା,୪।୧୦/ଏନ୍‌ଏନ୍‌ଏସ୍:** ଆଜିକାର ସ୍ୱାର୍ଥସର୍ବସ୍ୱ ଓ କାର୍ଯ୍ୟବ୍ୟସ୍ତତା ଦୁନିଆରେ ମଣିଷପଣିଆ ଓ ମାନବିକତା ବଞ୍ଚି ରହିଛି। ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତତିନି ଶେଷ ବର୍ଷର କଳା ପାଠ୍ୟକ୍ରମର ଛାତ୍ରୀ ବିସ୍ମିତା ପ୍ରିୟଦର୍ଶିନୀ ପାଣିଗ୍ରାହୀ, ଆଶାରାଣୀ ସାହୁ, ପ୍ରଜ୍ଞାସ୍ମିତା ବିଷୋୟୀ ଓ ରୂପାଲି ଭୂୟାଁ ମାନବିକତାର ପରିଚୟ ଦେବାସହ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଯାଜପୁର ଜିଲ୍ଲାର ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରେଇକଣା ପଞ୍ଚାୟତର ରମାପୁର ଗ୍ରାମର ମୁକେଶ୍ ଚନ୍ଦ୍ର ରାୟଙ୍କ ୧୬ ମାସର କୁନିଝିଅ ତ୍ରିଶିକା ଏକ ବିରଳ ତଥା ଗୁରୁତର ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ଏହି ରୋଗର ଉପଯୁକ୍ତ ଚିକିତ୍ସା ତଥା ସୁସ୍ଥ ହେବା ପାଇଁ ଜୀବନ ରକ୍ଷାକାରୀ ଔଷଧ ନିମନ୍ତେ ପ୍ରାୟ ୧୬ କୋଟି ଟଙ୍କା ଆବଶ୍ୟକ ଥିବା ଜଣାପଡ଼ିଛି। ତ୍ରିଶିକାଙ୍କ ପରିବାରବର୍ଗ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନଥିବାରୁ ତଙ୍କ ଜୀବନ ରକ୍ଷା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସହୃଦୟ ବ୍ୟକ୍ତି ତଥା ସଂଗଠନ ସହାୟତା ପାଇଁ ଆଗେଇ ଆସିଥିବାବେଳେ ଉକ୍ତ ଛାତ୍ରୀମାନେ ବିଭିନ୍ନ ଘରକୁ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ବୁଲି କିଛି ଅର୍ଥ ସଂଗ୍ରହ କରି ତାଙ୍କ ପରିବାରବର୍ଗଙ୍କ ନିକଟକୁ ପଠାଇବା ସକାଶେ ପ୍ରୟାସ ଜାରି ରଖିଛନ୍ତି। ଛାତ୍ରୀଙ୍କ ଏହି ନିଆରା ପ୍ରୟାସକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ସରୋଜ କୁମାର ଜେନା, ଅଧ୍ୟାପକ ଡଃ କେ ଓମ୍ ନାରାୟଣ ରାଓ, ଅଧ୍ୟାପକ ଡଃ ଏସ୍‌ଟି ରେହମୋନ୍ ଓ ଅଧ୍ୟାପିକା ଡଃ ସୁପ୍ରିୟା ଦାଶଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଉଚ୍ଚପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ଯେଉଁ ବୟସରେ ମାଆର କୋଳରେ ହସିବା ଓ ବାପାର ଆଙ୍ଗୁଠି ଧରି ଚାଲିବା ଶିଖିବା କଥା ତ୍ରିଶିକା ବିରଳ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ଲଢୁଥିବାରୁ ସଚେତନ ନାଗରିକ ଓ ବୁଦ୍ଧିଜୀବୀ ନିଜ ସକ୍ଷମ ମୁତାବକ ସହାୟତା କରିବା ପାଇଁ ବିଭିନ୍ନ ମହଲରୁ ଅନୁରୋଧ କରାଯାଉଥିବା ଦେଖିବାକୁ ମିଳୁଛି।

## କ୍ୟାପଟେନ୍ ସ୍ମିତଙ୍କ ଆଶୁଆରୋଗ୍ୟ ପାଇଁ ଦୀପଦାନ



**ବ୍ରହ୍ମପୁର,୪।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କୋର୍ଟପେଟା ଛକ ଜଗନ୍ନାଥ ମନ୍ଦିର ପରିସରସ୍ଥ ଶ୍ରୀ ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ସର୍ଦ୍ଦାର୍ ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ କ୍ୟାପଟେନ୍ ସ୍ମିତ ମଚ୍ଛରଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା। ପାଇଲଟ୍ ଶତାଧିକ ଇସ୍ରାଏଲ୍ ଯାତ୍ରୀଙ୍କୁ ନେଇ ବିମାନରେ ଯାଉଥିବାବେଳେ କୋ-ପାଇଲଟ୍‌ଙ୍କ ଛୁରାମାଡ଼ର ଶିକାର ହୋଇ ଗୁରୁତର ହୋଇଥିଲେ। ତଥାପି ଶତାଧିକ ଯାତ୍ରୀଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ଖାତିର୍ କରିନଥିଲେ। ଯାତ୍ରୀଙ୍କୁ ସୁରକ୍ଷିତ ଅବତରଣ କରାଇଥିଲେ। ଗୁରୁତର କ୍ୟାପଟେନ୍‌ଙ୍କ ଚିକିତ୍ସା ଜାରି ରହିଥିବାବେଳେ ଏଭଳି ଦୁଃଶାହସ ପାଇଁ ସାରା ବିଶ୍ୱବାସୀଙ୍କ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯିବା ସହ ଆଶୁଆରୋଗ୍ୟ କାମନା କରାଯାଉଛି। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ରାମ କୁମାର ପାତ୍ର, ହିମାଂଶୁ ଶେଖର ପାଢ଼ୀ, ମହେଶ୍ୱର ବାଡ଼ତ୍ୟା, ନାରାୟଣ ବେହେରା, ଉମାକାନ୍ତ ପାଣିଗ୍ରାହୀ, ପପୁନ ପାତ୍ର, ରାମ ଚନ୍ଦ୍ର ପଣ୍ଡା, ସୀମାଞ୍ଚଳ ପଣ୍ଡା, ଶରତ ପଟ୍ଟନାୟକ ଓ ରାଜଶ୍ରୀ ପୃଷ୍ଟିଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୀଟନାଶକ ସେବନ କରି ବୃଦ୍ଧ ଗୁରୁତର



**ବୁଗୁଡ଼ା,୪।୧୦/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକ୍ ଗୌଡ଼ିଆବୋରଦା ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିପଲ୍ଲୀ ଗ୍ରାମର କବି ପାତ୍ର(୬୫) ନାମକ ଜଣେ ବୃଦ୍ଧ କୀଟନାଶକ ଦ୍ରବ୍ୟ ସେବନ କରି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। କବିଙ୍କ ଗୋଡ଼ କାମ କରୁନଥିବାରୁ ସେ ହ୍ୱିଲ୍‌ଚେୟାର୍ ବ୍ୟବହାର କରୁଥିଲେ। ରବିବାର ପୂର୍ବାହ୍ନରେ କୌଣସି କାମ ପାଇଁ ପରିବାର ଲୋକଙ୍କୁ ସେ ଡାକିଥିଲେ ହେଁ କେହି ନଶୁଣିବାରୁ ମନସ୍ତାପରେ ସେ ଘରେ ଥିବା କୀଟନାଶକ ଦ୍ରବ୍ୟ ସେବନ କରିଥିଲେ। ଏ କଥା ଜାଣିପାରି ପରିବାର ଲୋକେ ତାଙ୍କୁ ବୁଗୁଡ଼ା ମେଡିକାଲ୍‌କୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସେଠାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ବିଜେପିର ସେବା ସଙ୍କଳ୍ପ ଅଭିଯାନ



**ବ୍ରହ୍ମପୁର,୪।୧୦/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନ ଓ ଭାରତ ବର୍ଷକୁ ଯଶସ୍ୱୀ କରିବାର ସ୍ୱପ୍ନକୁ ନେଇ ବିଜେପି ପକ୍ଷରୁ 'ସେବା ସଙ୍କଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଏହି ଅବସରରେ ସେବା ଭାରତୀ ଓ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ସାନ ବଜାର ମଣ୍ଡଳ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ସିଟି ହାଇସ୍କୁଲ୍ ରୋଡ୍‌ସ୍ଥିତ ରୋଟାରି କ୍ଲବ୍‌ରେ ଆୟୋଜିତ ହୋଇଯାଇଛି। ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଅମର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବାଣିଜମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଉଦ୍‌ଘାଟନ କରିଥିଲେ। ସମାଜ କଲ୍ୟାଣ ତଥା ରକ୍ତଦାନ ପରି ମହତ୍ କାର୍ଯ୍ୟରେ ସାମିଲ୍ ହୋଇଥିବା ସମସ୍ତ ଯୁବସାଥୀ ଓ ସ୍ୱେଚ୍ଛାସେବୀଙ୍କ ଉତ୍ସାହ ପ୍ରଶଂସନୀୟ ବୋଲି ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି, ବରିଷ୍ଠ ନେତା ସୁନୀଲ କୁମାର ସାହୁ, ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ଅଜିତ ସାହୁ, ପ୍ରାକ୍ତନ ପ୍ରଧାପକ ଜେ ଶେଷଗିରି ରାଓ, ବରିଷ୍ଠ ଅଧିବକ୍ତା ନାରାୟଣ ପଣ୍ଡା, ରୋଟାରିଅନ୍ ଅଜିତ ରାଜୁ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ତୁତୁନ୍ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି ସୋମନାଥ ପାତ୍ର, ଜିଲ୍ଲା ବିଜେପି ଉପସଭାପତି ପ୍ରବୀର ପାତ୍ର, ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ପୂର୍ବତନ ମଣ୍ଡଳ ବିଜେପି ସଭାପତି ସରୋଜ ପାତ୍ର, ଏସ୍ ଶ୍ରୀନିବାସ ଓ ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଏସ୍ ରାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀଙ୍କ ଉପଦ୍ରବ, ଭୟରେ ଚାଷୀ



**ବାଲିଗୁଡ଼ା,୪।୧୦/ଏନ୍‌ଏନ୍‌ଏସ୍:** କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧୀନ ତୁମୁଡ଼ିବନ୍ଧ ବନାଞ୍ଚଳର ଲଙ୍କାଗଡ଼ ପଞ୍ଚାୟତର ବାରିଙ୍ଗିଲି ଓ ଅର୍ଜୁନପୁର ଗାଁରେ ୫ଟିକିଆ ହାତୀପଲ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ଗତ କିଛିଦିନ ହେଲା ହାତୀପଲ ଗାଁ ନିକଟବର୍ତ୍ତୀ ଚାଷ ଜମିରେ ପଶି ଧାନ ଓ କପା ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ବନ ବିଭାଗର ସୂଚନାନୁଯାୟୀ, ହାତୀପଲ ଦ୍ୱାରା ଅଞ୍ଚଳର ୨ ଏକରରୁ ଊର୍ଦ୍ଧ୍ୱ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଥିସହ କପା ଚାଷ ମଧ୍ୟ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଫଳରେ ଚାଷରେ ଲଗାଇଥିବା ଅର୍ଥ ଫେରିବ କି ନାହିଁ, ସେନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ହାତୀପଲ ଗାଁ ନିକଟରେ ଘୁରି ବୁଲୁଥିବାରୁ ସନ୍ଧ୍ୟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଖବରପାଇ ତୁମୁଡ଼ିବନ୍ଧ ବନାଞ୍ଚଳର ବନ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଚାଷୀଙ୍କୁ ସତର୍କ ରହିବାକୁ ସଚେତନ କରୁଛନ୍ତି। ଏଥିସହ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ ମଧ୍ୟ କରାଯାଉଛି। କନ୍ଧମାଳ-କଳାହାଣ୍ଡି ସୀମାନ୍ତ ହୋଇଥିବାରୁ ବର୍ଷର ବିଭିନ୍ନ ସମୟରେ ଏହି ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ଦେଖିବାକୁ ମିଳେ। ତେବେ ଚାଷ ଅମଳ ସମୟରେ ହାତୀପଲ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବନ ବିଭାଗ ପକ୍ଷରୁ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ କରାଯାଉଥିବାବେଳେ କ୍ଷୟକ୍ଷତି ଆକଳନ ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବୁଗୁଡ଼ା ଏନ୍‌ଏସିର ନୂତନ କାଉନସିଲ୍ ହଲ୍ ଉଦ୍‌ଘାଟିତ



**ବୁଗୁଡ଼ା,୪।୧୦/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବହୁପ୍ରତୀକ୍ଷିତ ନୂତନ କାଉନସିଲ୍ ହଲ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସରସ୍ଥ ଉକ୍ତ ନବନିର୍ମିତ ସଭାଗୃହକୁ ଉଦ୍‌ଘାଟନ କରିଥିବାବେଳେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ସମେତ କେତେକ କାଉନସିଲର୍ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ୪୦ ଜଣ ହିତାଧିକାରୀଙ୍କୁ ଭତ୍ତା, ୫୨ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ଓ ୫ ଜଣଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟା ଯାଇଥିଲା। ଏଥିସହ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବୁଗୁଡ଼ାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ 'ସ୍ୱଚ୍ଛତା ହିଁ ସେବା' ବିଷୟରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଏନ୍‌ଏସି କର୍ମଚାରୀମାନେ ସହଯୋଗ କରିଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ କୃତିତ୍ୱ



**ପିପିଲି,୪।୧୦/ଏନ୍‌ଏନ୍‌ଏସ୍:** ମହାତ୍ମାଗାନ୍ଧୀ ଏବଂ ଲାଲ୍‌ବାହାଦୁର ଶାସ୍ତ୍ରିଜୀଙ୍କ ଉପରେ ଆଧାରିତ ବକ୍ତୃତା ଓ ଡିବେଟ୍ ପ୍ରତିଯୋଗିତାରେ ପିପିଲି ଦାଣ୍ଡମୁକୁନ୍ଦପୁରର ପୀତବାସ ୟୁଜିୟୁପି ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଶକ୍ତିସ୍ୱରୂପ ବେହେରା ଜୁନିୟର ବିଭାଗରେ ଅଂଶଗ୍ରହଣ କରି ପୁରୀ ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିବା ସହ ପିପିଲି ବ୍ଲକ ପାଇଁ ଗୌରବ ଆଣିଛନ୍ତି। 'ମହାତ୍ମାଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଆଦର୍ଶ ସମିଶ୍ରଣରେ ମୋ ସ୍ୱପ୍ନର ଓଡ଼ିଶା ଗଠନ' ଉପରେ ବକ୍ତୃତା ଓ ଡିବେଟ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପିପିଲି ବ୍ଲକ୍‌ରୁ ଜୁନିୟର ବିଭାଗରୁ ଶକ୍ତିସ୍ୱରୂପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ। ଗତ ମାସ ୨୯ତାରିଖ ଦିନ ପୁରୀ ଜିଲ୍ଲା ସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶକ୍ତିସ୍ୱରୂପ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ପୁରୀ ସଦ୍‌ଭାବନା ଗୃହରେ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରିଜୀ ଜୟନ୍ତୀରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ତାଙ୍କୁ ସମ୍ମାନିତ କରିଥିଲେ।

## ଦୁର୍ଗାପୂଜା ଓ ଭସାଣ ପାଇଁ ପ୍ରସ୍ତୁତି ବୈଠକ

**ଫୁଲନଖରା,୪।୧୦/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ଭାଣପୁର ଦୁର୍ଗାପୂଜା ଓ ଭସାଣ ଉତ୍ସବ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ପୂଜା କମିଟି ସଭାପତି ପ୍ରମୋଦକୁମାର ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଆଇସି ତୁଷାରକାନ୍ତ ସେଠୀ, ସମାଜସେବୀ ପ୍ରଭାତ ନନ୍ଦ, ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି ଓ ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ଓ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଜେନା ଅତିଥିଭାବେ ଯୋଗଦେଇ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣ କାର୍ଯ୍ୟ ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଚଳିତବର୍ଷ ପୂଜାରେ ୧୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିଲାବେଳେ ମା'ଙ୍କ ସ୍ଥାୟୀ ମେଢ଼ ନିର୍ମାଣ ପାଇଁ ସହମତ ପ୍ରକାଶ ପାଇଥିଲା। ଷଷ୍ଠୀ ତିଥିରେ ୨ଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। କମିଟିର ସ୍ଥାୟୀ ମଣ୍ଡପ ପାଇଁ ଜମି ଯୋଗାଇଦେବାକୁ ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ସ୍ଥିର ହୋଇଥିଲା। ବୈଠକରେ ରାଜେଶ କୁମାର ଭଞ୍ଜ, ରଣଜିତ ଦାସ, ସୁକାନ୍ତ ଜେନା ଓ କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ଦିଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳକଙ୍କ ବେପରୁଆ ଗାଡ଼ିଚାଳନା ଅଭିଯୋଗ

**ଛତ୍ରପୁର,୪।୧୦/ଏନ୍‌ଏନ୍‌ଏସ୍:** ଛତ୍ରପୁର ପୌରପରିଷଦ ଓ ଗ୍ରାମାଞ୍ଚଳରେ ନାବାଳକମାନେ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ିଚାଳନା କରୁଥିବା ଅଭିଯୋଗ ହୋଇଛି। ଏହାସହ ବିକଟାଳ ଶବ୍ଦ କରୁଥିବା ସାଇଲେନସର୍ ଓ ହର୍ନ ବଜାଇ ଜନସାଧାରଣଙ୍କୁ ବିରକ୍ତି କରୁଛନ୍ତି। ନାବାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯୋଗୁ ଅନେକ ସମୟରେ ଲୋକକ ଦୁର୍ଘଟଣାର ଶିକାର ହେବାସହ ମୃତ୍ୟୁମୁଖରେ ମଧ୍ୟ ପଡ଼ିଥାନ୍ତି। ଅମାନିଆ ନାବାଳକଙ୍କ ଅଭିଭାବକଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଓଲଟା ଗାଳିଗୁଳଜ କରିବା ସହ ଧମକ ଚମକ ଦିଆଯାଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ପରିବହନ ବିଭାଗ ଓ ପୁଲିସ୍ ତୁରନ୍ତ ଧରପଗଡ଼ କରି ନାବାଳକ ଚାଳକ ଓ ଗାଡ଼ି ମାଲିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତା

**ଭୁବନେଶ୍ୱର,୪।୧୦/ଏନ୍‌ଏନ୍‌ଏସ୍:** ଧୀରେ ଧୀରେ ହଜିଯାଉଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ନେଇ ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତା 'କାହିଁ ଗୁମ୍ ନ ହୋ ଯାଏ' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ମୋଟ ୪୫ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀମାନେ ନିଜ ନିଜ ଅଞ୍ଚଳର ପାରମ୍ପରିକ ଏବଂ ଧୀରେ ଧୀରେ ହଜିଯାଉଥିବା ଖାଦ୍ୟକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ପ୍ରତିଯୋଗୀମାନେ ନିଜ ରାଜ୍ୟର ପାରମ୍ପରିକ ଖାଦ୍ୟ ସହିତ ଅନ୍ୟ ରାଜ୍ୟର ବିଭିନ୍ନ ପାରମ୍ପରିକ ଖାଦ୍ୟକୁ ମଧ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ସଂଯୋଜିକା ସଙ୍ଗୀତା ଦାସ, ଫାଉଣ୍ଡର୍, ସଙ୍ଗୀତା ଡ୍ରିମ୍ ଫୁଡ୍‌ସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା। ବିଚାରକମଣ୍ଡଳୀରେ ସେଫ୍ ସୁବୋଧ ଓ ସେଫ୍ ଲଳିତଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ରହିଥିଲେ। ବିଚାର ପରେ ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ ପର୍ଯ୍ୟାୟ ପାଇଁ ଚୟନ କରାଯାଇଛି। ସେମାନେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ପର୍ଯ୍ୟାୟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ତେବେ ପ୍ରଥମ ସ୍ଥାନରେ ସୋନାଲି ଦାସ, ଦ୍ୱିତୀୟ ସ୍ଥାନରେ ଅନିତା ବେହେରା ଓ ତୃତୀୟ ସ୍ଥାନ ତସ୍କିନ୍ ଫାତିମା ହାସଲ କରିଥିଲେ। ଏହି ଅବସରରେ ନିର୍ଲିପ୍ତା ରାଉତ, ଅମୀୟ ଧଳ, ପ୍ରଫେସର ଆଶିଷ ସ୍ୱାଇଁ, ଡ. ରୋଜାଲିନ୍ ପାଟଶାଣୀ, ରୋହିତ ଶ୍ରୀବାସ୍ତବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ୟୁଟ୍ୟୁବର୍ ଓ ଫୁଡ୍ ବ୍ଲଗର୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସଙ୍ଗୀତା ଦାସ କହିଥିଲେ ଯେ ଆମର ପୁରୁଣା ଓ ପାରମ୍ପରିକ ଖାଦ୍ୟକୁ ଲୋକମାନେ ଯେପରି ଭୁଲି ନଯାଆନ୍ତି, ସେଥିପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ସହିତ ଘରର ଗୃହିଣୀମାନଙ୍କ ପ୍ରତିଭାକୁ ଏକ ବଡ଼ ପ୍ଲାଟଫର୍ମ ଦେବା ମଧ୍ୟ ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଲୋକ ମହାନ୍ତି, ସସ୍ମିତା ପତି, ପ୍ରଜ୍ଞାନ ଦାଶ ଓ ସୁଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶୁଭଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରପଞ୍ଚ ଚାମେଲୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଚାରିଛକ,୪।୧୦/ଏନ୍‌ଏନ୍‌ଏସ୍:** ସାରା ଓଡ଼ିଶାରେ ଚର୍ଚ୍ଚିତ ମହିଳା ସରପଞ୍ଚ ଚାମିଲୀ ଓଝାଙ୍କୁ ରବିବାର ଦିନ ନିମାପଡ଼ା ବ୍ଲକ ଛଣିଜଙ୍ଗ ଗ୍ରାମପଞ୍ଚାୟତ ଆମ୍ଭୋର ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆମ୍ଭୋର ଗ୍ରାମର ଯୁବସମାଜସେବୀ ପ୍ରଫୁଲ୍ଲ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଚର୍ଚ୍ଚିତ ନେତ୍ରୀ ତଥା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲୀ ଓଝା ଯୋଗଦେଇ ଏହିଭଳି ସମ୍ବର୍ଦ୍ଧନା ସଭା ଉତ୍ସବ ଅନ୍ୟମାନଙ୍କ ପାଇଁ ଉଦାହରଣ। କୌଣସି ରାଜନେତା ଟଙ୍କାର ପ୍ରଲୋଭନରେ ବଂଶବର୍ତ୍ତୀ ନ ହୋଇ ନିଜର ହକ୍ ପାଇଁ ନିଜେ ଲଢ଼ିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମର ଶତାଧିକ ବରିଷ୍ଠ ନାଗରିକ, ମହିଳା ଓ ଯୁବକମାନେ ଯୋଗଦେଇଥିଲେ।

**କବାଡ଼ି ପ୍ରତିଯୋଗିତା**

## ବାଲିଗୁଡ଼ାକୁ ହରାଇ ସ୍ପୋର୍ଟ୍ସ କ୍ଲବ୍ ବାରଖମା ଚାମ୍ପିଅନ୍



**ବାଲିଗୁଡ଼ା,୪।୧୦/ଏନ୍‌ଏନ୍‌ଏସ୍:** କ୍ରୀଡ଼ା ପ୍ରତିଭାର ବିକାଶ ସହ ଯୁବପିଢ଼ିଙ୍କ ମଧ୍ୟରେ କବାଡ଼ି ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟରେ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଦିନିକିଆ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବାଲିଗୁଡ଼ା ସମେତ ଆଖପାଖ ଅଞ୍ଚଳର ୧୨ଟି କବାଡ଼ି ଦଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସଂଘର ଉପସଭାପତି ସତ୍ୟନାରାୟଣ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଦିନତମାମ ବିଭିନ୍ନ ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ଫାଇନାଲ ମ୍ୟାଚ୍‌ରେ ବାଲିଗୁଡ଼ା ଉପଖଣ୍ଡ କ୍ରୀଡ଼ା ସଂଘ ଓ ସ୍ପୋର୍ଟ୍ସ କ୍ଲବ୍ ବାରଖମା ମଧ୍ୟରେ କଡ଼ା ଟକ୍କର୍ ହୋଇଥିଲା। ଶେଷରେ ବାରଖମା ୩୩-୨୯ ଗୋଲ୍‌ରେ ବାଲିଗୁଡ଼ାକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ବିଜେତା ବାରଖମା ଦଳକୁ ଟ୍ରଫି ସହ ୫୦୦୧ ଟଙ୍କା ଏବଂ ଉପବିଜେତା ବାଲିଗୁଡ଼ା ଦଳକୁ ଟ୍ରଫି ସହ ୩୦୦୧ ଟଙ୍କା ପୁରସ୍କାର ଅତିଥିମାନେ ପ୍ରଦାନ କରିଥିଲେ। ଏଥିସହ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସଂଘର ଉପଦେଷ୍ଟା ଶେଖ୍ ସାଦିକ୍, ସୁରେନ୍ଦ୍ର କୁମାର ପାତ୍ର, ସାଧାରଣ ସମ୍ପାଦକ ଡ. ସୁଶାନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରଞ୍ଜିତ କୁମାର ମହାନ୍ତି, କ୍ରୀଡ଼ା ଆୟୋଜକ ଉପଦେଷ୍ଟା ମଣ୍ଡଳର ଏଲିୟାସ୍ ଦିଗାଳ, କ୍ରୀଡ଼ା ସମ୍ପାଦକ ଶିବାନନ୍ଦ ପଟ୍ଟନାୟକ, ଏ ଶ୍ରୀନିବାସ ଦୋରାଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, ଗଙ୍ଗାଧର ପଣ୍ଡା, ଭଗବାନ ପଣ୍ଡା, ସୂର୍ଯ୍ୟନାରାୟଣ ସୁଆର, ସୁଜିତ କୁମାର ପାଳ, ରଞ୍ଜନ କୁମାର ନାୟକ, ଦିବାକର ବେହେରା, ସମୀର କୁମାର ପଟ୍ଟନାୟକ, ସୌମ୍ୟରଞ୍ଜନ ନାୟକ, ରୂପକ କୁମାର ନାୟକ, ଦେବୀରଞ୍ଜନ ନାୟକ ନିଶାନ ସିଂଦେଓ ଓ ହେମନ୍ତ ପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ନିତିଦିନ NITIDIN

## ନୀଳମାଧବ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**କଣ୍ଟିଲୋ,୪।୧୦/ଏନ୍ଏନ୍ଏସ୍:** କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବ ରେଡକ୍ରସ ଅଧ୍ୟାପକ ମାନଗୋବିନ୍ଦ ରାଉତ ଓ ଅଧ୍ୟାପିକା ନମିତା ସାହୁଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ ୟୁନିଟ୍ ତରଫରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ଏକ ରକ୍ତଦାନ ଶିବିର ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଖଣ୍ଡପଡ଼ା ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।



### 'ମାଇଁ ଭାରତ' ପକ୍ଷରୁ କୋଣାର୍କରେ ବିଶାଳ ଗଣଦୌଡ଼

# ନିଶାମୁକ୍ତ ପାଇଁ ଯୁବସମାଜକୁ ଆହ୍ୱାନ

**କୋଣାର୍କ,୪।୧୦/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ 'ମାଇଁ ଭାରତ', ପୁରୀ ଓ କୋଣାର୍କ ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ରବିବାର ପ୍ରତ୍ୟୁଷରୁ ନିଶାମୁକ୍ତ ଭାରତ ଗଠନ ପାଇଁ ଏକ ସଚେତନତା ଗଣଦୌଡ଼ କୋଣାର୍କ

**ସାମୂହିକ ଶପଥ ନେଲେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ**

ସୂର୍ଯ୍ୟମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ଚନ୍ଦ୍ରଭାଗାଠାରେ ଉଦ୍ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ନିର୍ଦ୍ଦେଶକ ଶକ୍ତିପ୍ରସାଦ ସିଂ ଓ କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ ଯୋଗଦେଇ ସବୁଜ ପତାକା ଦେଖାଇ ବିଶାଳ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ । ପାଞ୍ଚଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଶାଳ ଗଣଦୌଡ଼ରେ ଅଂଶଗ୍ରହଣ କରି




ସଚେତନତା ବାର୍ତ୍ତା ନେଇ ଚନ୍ଦ୍ରଭାଗାଠାରେ ପହଞ୍ଚିଥିଲେ । ସେଠାରେ ଉଦ୍ଯାପନ ସମାରୋହରେ ମୁଖ୍ୟଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ଅଗ୍ନିଶମ ଅଧିକାରୀ ବିଚିତ୍ର ଚୌଧୁରୀ, ପୁରୀ ଜିଲ୍ଲା ଯୁବ ଅଧିକାରୀ ସୁଶ୍ରୀସଂଗୀତା ମହାପାତ୍ର, ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା, ବନବିଭାଗର ସାରିକା ମହାନ୍ତି, ରେଡକ୍ରସ୍‌ର କାଉନସିଲର ଅଧ୍ୟାପକ ଅରବିନ୍ଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଯୁବସମାଜ ନିଶାମୁକ୍ତ ଭାରତ ଗଠନ ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଯୁବ ଭରତର ରାଜ୍ୟ ନିର୍ଦ୍ଦେଶକ ଶକ୍ତିପ୍ରସାଦ ସିଂ ସମସ୍ତଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ । ପରେ ସମସ୍ତଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁରୂପ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୦୦ଗୋଟି ରବିବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ଯୁବସମାଜକୁ ସଚେତନତା କରାଯିବ ବୋଲି ମାଇଁଭାରତ ପକ୍ଷରୁ କୁହାଯାଇଥିଲା । କାର୍ଯ୍ୟକ୍ରମକୁ ଅଶୋକ ବେହେରା, ନିରଞ୍ଜନ ତ୍ରିପାଠୀ, ଜ୍ଞାନରଞ୍ଜନ ବିଶ୍ୱାଳ, ବିରଞ୍ଚି ରଥ, ତୁଷାର ରାଉତ, ଭଗୀରଥି ସ୍ୱାଇଁ, ଆଭାସ ମୁଦୁଲି, ଦିଲୀପ କୁମାର ଜେନା, ପ୍ରଦୀପ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ ।

## ବଲଙ୍ଗା ଅଞ୍ଚଳର ଯୁବକଙ୍କ ଚେନ୍ନାଇରେ ସନ୍ଦେହଜନକ ମୃତ୍ୟୁ



**ବଲଙ୍ଗା,୪।୧୦/ଏନ୍ଏନ୍ଏସ୍:** ଚେନ୍ନାଇରେ ଏକ କମ୍ପାନୀରେ କାମ କରୁଥିବା ବଲଙ୍ଗା ଥାନା ଅନ୍ତର୍ଗତ ଚକ୍ରକୁଦ ଗ୍ରାମର ଜଣେ ଯୁବକଙ୍କ ରବିବାର ସକାଳେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତ ଯୁବକ ଜଣଙ୍କ ଚକ୍ରକୁଦ ଗ୍ରାମର ରାହୁଲ କାଣ୍ଡି(୨୦) । ସୂଚନା ମୁତାବକ ରାହୁଲ ଗତ ୩ମାସ ତଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହାୟତାରେ ଚେନ୍ନାଇ ଯାଇ ସେଠାରେ ଏକ ୱେଲ୍ଡିଂ କମ୍ପାନୀରେ କାମ କରୁଥିଲେ । ଆଜି ସକାଳେ ରାହୁଲଙ୍କ ବଡ଼ଭାଇ ମଳୟ ରଞ୍ଜନ କାଣ୍ଡିଙ୍କୁ ରାହୁଲ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ କମ୍ପାନୀ ମାଲିକ ଜଣାଇଥିଲେ । ରାହୁଲଙ୍କ ମୃତ୍ୟୁକୁ ନେଇ ସନ୍ଦେହ ହେବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମଳୟ ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ସେହିଭଳି ସାମାଜିକ କର୍ମୀ ଅମିୟ ବାରିକ ରାହୁଲଙ୍କ ପାର୍ଥିବ ଶରୀର ଗ୍ରାମକୁ ଫେରାଇ ଆଣିବା ପାଇଁ ରାଜ୍ୟ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଅବଗତ କରିବା ସହ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ସୂଚନାଥାଉ କି ରାହୁଲଙ୍କ ବାପା ବୋଉଙ୍କ ମଧ୍ୟରେ ଦୀର୍ଘ ୨୦ବର୍ଷ ତଳେ ଛାଡ଼ପତ୍ର ହୋଇଥିବାରୁ ରାହୁଲଙ୍କ ବୋଉ ୨ପୁଅଙ୍କ ସହ ବାପଘର ଚକ୍ରକୁଦ ଗ୍ରାମରେ ରହୁଥିଲେ । ବୋଉଙ୍କ ମାନସିକ ବିକୃତ ହେବାରୁ ଆଜିକୁ ୫ବର୍ଷ ତଳୁ ସେ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି । ମାମୁଁ ଘରେ ୨ଭାଇ ରହୁଥିଲାବେଳେ ଆର୍ଥିକ ଅନଟନରେ ରହୁଥିବାରୁ ରାହୁଲ ବାହାରକୁ କାମକୁ ଯିବାକୁ ବାଧ ହୋଇଥିଲେ ।

## ବୃଦ୍ଧାଙ୍କୁ ଦୁଷ୍କର୍ମ ଘଟଣାରେ ଜେଲ୍‌ଗଲେ ହାଇସ୍କୁଲ୍ ପିଅନ

**ନୟାହାଟ,୪।୧୦/ଏନ୍ଏନ୍ଏସ୍:** ଜନୈକା ୬୯ବର୍ଷର ବୃଦ୍ଧାଙ୍କୁ ଦୁଷ୍କର୍ମକରି ଜଣେ ସରକାରୀ ଚାକିରିଆ ବାବୁଙ୍କୁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ରବିବାର ଗିରଫକରି କୋର୍ଟଚାଲାଣ କରିଛନ୍ତି । ଏହି ଘଟଣାରେ ଗୋପ ଥାନାରେ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତର ମହନୀପୁର ଗ୍ରାମର ଜନୈକା ୬୯ବର୍ଷର ବୃଦ୍ଧାଙ୍କୁ ରାସ୍ତା ଉପରୁ ଟେକିନେଇ ଏକ ମଶାଣି ନିକଟରେ ଦୁଷ୍କର୍ମ ପାଇଁ ଉଦ୍ୟମ କରିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଫାଣ୍ଡି ଅଧିକାରୀ ଶ୍ରୀ ସାହୁ ଘଟଣାର ତଦନ୍ତକରି ଅରେଇ ଉଚ୍ଚବିଦ୍ୟାଳୟରେ ପିଅନ ଚାକିରି କରିଥିବା ଇନ୍ଦ୍ରମଣି ପରିଡାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ପିଅନ ଇନ୍ଦ୍ରମଣିଙ୍କ ଘର ମହନୀପୁର ଗ୍ରାମରେ ବୋଲି ଜଣାପଡ଼ିଛି ।

## କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ସାଲେପୁର,୪।୧୦/ଏନ୍ଏନ୍ଏସ୍:** ଗାଧୋଇବା ହେଲା କାଳ । କେନାଲରେ ଗୋଡ଼ଖସି ପାଣିରେ ବୁଡି ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ସାଲେପୁର ବ୍ଲକ ବାରିଗୋଳ ପଞ୍ଚାୟତରେ । ଘଟଣାରୁ ପ୍ରକାଶ ବାରିଗୋଳ ଗ୍ରାମର ମସ୍‌ଜିଦ ନିକଟ ୬ନମ୍ବର କେନାଲରେ ସେହି ଗ୍ରାମର ଫଗୁ ସାମଲଙ୍କ ପୁଅ ମନୋଜ କୁମାର ସାମଲ(୩୫) ଓରଫ୍ ଡୋରା ଗାଧୋଉଥିଲେ । କୌଣସି କାରଣରୁ ତାଙ୍କର ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ । ଏ ନେଇ ସ୍ଥାନୀୟ ଲୋକମାନେ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ଯୁବକଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସାଲେପୁର ପୋଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲେ । ଡୋରାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଘରୋଇ ବ୍ୟାଙ୍କରୁ ଟଙ୍କା ଠକେଇ, ଜଣେ ଗିରଫ

**ବୟାଳିଶମୌଜା,୪।୧୦/ଏନ୍ଏନ୍ଏସ୍:** ଏକ ଘରୋଇ ସୁନା ବନ୍ଧକ ବ୍ୟାଙ୍କରୁ ୧ଲକ୍ଷ ୮୬ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ୪୨ମୌଜା ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଜଗତପୁର ଥାନା ଅନ୍ତର୍ଗତ ନିମପୁର ଅଞ୍ଚଳର ବିଶ୍ୱଜିତ୍ ବେହେରା । ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ଜୁନ ୧୮ରେ ଦଧିବାମନପୁର ଅଞ୍ଚଳରେ କର୍ଯ୍ୟ କରୁଥିବା ଏକ ଘରୋଇ ସୁନା ବନ୍ଧକ ବ୍ୟାଙ୍କରୁ ଋଣ ପାଇଁ ଆବେଦନ କରିଥିଲେ । ଅନ୍ୟ ବ୍ୟାଙ୍କରେ ତାଙ୍କର ସୁନା ଥିବାରୁ ନିଲାମ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି । ତେଣୁ ଏହି ବ୍ୟାଙ୍କରୁ ଋଣ ନେଲେ ସୁନା ମୁକୁଳାଇ ଏଠାରେ ବନ୍ଧକ ରଖିବେ । ବ୍ୟାଙ୍କ ଋଣ ମଞ୍ଜୁର କରି ଅଭିଯୁକ୍ତଙ୍କ ଆକାଉଣ୍ଟରେ ଦେଇଥିଲେ । ଏହା ପରେ ସେ ଫେରାର ହୋଇଯାଇଥିଲେ । ଶନିବାର ବାଦାମବାଡ଼ି ଅଞ୍ଚଳରେ ବୁଲୁଥିବା ଖବର ପାଇ ଥାନାଧିକାରୀ ହେମନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉକରି ଅଭିଯୁକ୍ତଙ୍କୁ ଧରିଥିଲା ।

## ଔଷଧ ଦୋକାନରେ ଡ୍ରଗ୍ସ ଅଧିକାରୀଙ୍କ ଚଢ଼ଉ

**ନୟାହାଟ,୪।୧୦/ଏନ୍ଏନ୍ଏସ୍:** ଶନିବାର ଡ୍ରଗ୍‌ସ ଇନିସ୍‌ପେକ୍ଟର ନୟାହାଟ ବଜାରରେ ଥିବ ବିଭିନ୍ନ ଔଷଧ ଦୋକାନଗୁଡିକରେ ଚଢ଼ଉ କରିବା ସହିତ ଔଷଧର ମାନ ଯାଞ୍ଚ କରିଥିଲେ । ଚଢ଼ଉ ସମୟରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ଓ ଡ୍ରଗ୍‌ସ



ଇନିସ୍‌ପେକ୍ଟରଙ୍କ ୪ଜଣିଆ ଦଳ କେତେକ ଦୋକାନରେ ଔଷଧର ମାନ ପରୀକ୍ଷା କରିଥିବା ସହିତ ସମୟସୀମା ଚାଲିଯାଇଥିବା ଔଷଧ ନ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶଙ୍କ ୧୨୨ତମ ଜୟନ୍ତୀ

**ଚାରିଛକ,୪।୧୦/ଏନ୍ଏନ୍ଏସ୍:** ନିମାପଡ଼ା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର



ଉତ୍କଳ ପ୍ରଦେଶ ଗଠନ ପରବର୍ତ୍ତୀ ନିମାପଡା କାକଟପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀର ସର୍ବପ୍ରଥମ ବିଧାୟକ ତଥା ନିମାପଡ଼ାର ଗର୍ବ, ଗୌରବ ଓ ସ୍ୱାଭିମାନ ତଥା ସର୍ବତ୍ୟାଗୀ ଜନନାୟକ ମୋହନ ଦାସଙ୍କ ୧୨୨ତମ ପୁଣ୍ୟ ଜନ୍ମଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ରବିବାର ସକାଳେ ଦୋଳବେଦୀ ଛକସ୍ଥିତ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ତଥା ମାଟିମନସ୍କ ପୂଜ୍ୟପୂଜା ସମର୍ପିତ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ କୁଶଭଦ୍ରା, ଭାର୍ଗବୀ ବ୍ରିଜ ନିର୍ମାଣ, ନିମାପଡା କଲେଜ, ମହିଳା କଲେଜ ପ୍ରତିଷ୍ଠା, ଭୁଦାନ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ, କୃଷକଙ୍କ ଅଧିକାର ପାଇଁ ସଂଗ୍ରାମ, ଜମିଦାରୀ ପ୍ରଥା ଉଛେଦ, ଧାନ, ପାନ, ମାଛକୁ ଟିକସ ମୁକ୍ତ କରିବାରେ ସ୍ୱର୍ଗତ ମୋହନ ଦାସଙ୍କ ଭୂମିକାକୁ ମନେପକାଇ ସ୍ମୃତିଚାରଣ କରିଥିଲେ । ପରେ ନିମାପଡ଼ାର ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

## ସୋଲାର୍ ସେଟ୍ଅପ୍ ସ୍ଥାପନ ନେଇ ସଫଳତା ସମାରୋହ

**ସାଲେପୁର,୪।୧୦/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଛଣିପୁର ପଞ୍ଚାୟତର ଶଙ୍କରପୁରଠାରେ ସଷ୍ଟୟିଲ୍ଡ ସୋଲାରରେ ୫୦୦ତମ ସୋଲାର୍ ସେଟ୍ଅପ୍ ସ୍ଥାପନ ଅବସରରେ ଏକ ଭବ୍ୟ ସଫଳତା ସମାରୋହ ଅନୁଷ୍ଠିତ ହୋଇଯାଇଛି । ୫୦୦ତମ ହିତାଧିକାରୀ ତଥା ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଭୂୟାଁଙ୍କ ବାସଭବନ ପରିସରରେ ଏହି ସମାରୋହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ଡ. ହିମାଂଶୁ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିର୍ମଳେନ୍ଦୁ ପ୍ରକାଶ ଦାସ, ବିଜେପି ଜିଲ୍ଲା ସମ୍ପାଦକ ତାପସ ଜେନା, ମହିଳା ନେତ୍ରୀ ରାଜଶ୍ରୀ ମହାପାତ୍ର ଓ




ସାଲେପୁର ଶାଖା ପ୍ରବନ୍ଧକ ସୁଶୀଲ ଜେନା ଯୋଗଦେଇଥିଲେ । ସମାରୋହରେ ୫୦୦ତମ ହିତାଧିକାରୀ ହେମନ୍ତ କୁମାର ଭୂୟାଁ ସୌରଶକ୍ତି ବ୍ୟବହାର ସମ୍ପର୍କରେ ନିଜ ଅନୁଭୂତି ବଖାଣିବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ସୁଫଳ ଓ ଏହାଦ୍ୱାରା ମିଳୁଥିବା ଆର୍ଥିକ ଲାଭ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରଚଳିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ ମିଳୁଥିବା ୧ଲକ୍ଷ ୩୮ହଜାର ଟଙ୍କାର ସବ୍‌ସିଡି ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା । ସୌରଶକ୍ତିର ବ୍ୟବହାର ଦ୍ୱାରା ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ ସହ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତିର ପ୍ରସାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ସଷ୍ଟୟିଲ୍ଡ ସୋଲାରରେ ଏହି ୫୦୦ତମ ସୋଲାର୍ ସେଟ୍ଅପ୍ ସ୍ଥାପନ ସଂସ୍ଥା ପାଇଁ ଏକ ଉଲ୍ଲେଖନୀୟ ସଫଳତା ହୋଇଥିବା ବେଳେ ଏହା ଅଞ୍ଚଳରେ ସୌରଶକ୍ତି ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି କରିବା ସହ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ ।

## ଗଡ଼ଦେବୀ ରାମଚଣ୍ଡୀଙ୍କ ଷୋଳପୂଜା



**ବୋଲଗଡ଼,୪।୧୦/ଏନ୍ଏନ୍ଏସ୍:** ବୋଲଗଡ଼ ସଦରସ୍ଥିତ ଗଡ଼ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କର ଷୋଳପୂଜା ଶନିବାର ଠାରୁ ଆରମ୍ଭ ହୋଇଛି । ଆଶ୍ୱିନ ମାସ ଦେବୀମାନଙ୍କର ପାର୍ବଣ ଋତୁ ଭାବେ ସର୍ବବିଦିତ । ଏହି ମାସରେ ସାରା ରାଜ୍ୟରେ ଦେବୀ କାଉୟନୀ ପୀଠ ମାନଙ୍କରେ ଷୋଳପୂଜାର ବିଧି ବ୍ୟବସ୍ଥା ରହିଛି । ଏହି ଅବସରରେ ଅଞ୍ଚଳର ସୁଖ୍ୟାତି ଅର୍ଜନ କରିଥିବା ରାଜ ପ୍ରତିଷ୍ଠିତ ମା' ଗଡ଼ଦେବୀଙ୍କ ଷୋଳପୂଜା ଦୀର୍ଘ ୧୬ଦିନ ଧରି ଚାଲୁରହିବ । ବିଜୟା ଦଶମୀ ଦିବସରେ ଏହି ଷୋଳପୂଜାର ଅନ୍ତିମ ଦିବସ ଭାବେ ଗଣ୍ୟ ରହିଆସି ଅଛି । ମା' ଗଡ଼ଦେବୀଙ୍କ ଖଡ୍ଗ ଷୋଳପୂଜାର ଅଗ୍ର ଭାଗେ ପୂଜିତ ରହିବେ । ଏହି ଷୋଳପୂଜାର ଅଷ୍ଟମୀ ତିଥିରେ ମା' ପୀଠରେ ବଳିପ୍ରଥା ରହିଥିଲେ ହେଁ ଏହା ଉପରେ କଟକଣା ଲାଗୁ ରହିଥିବାରେ ଦୀର୍ଘ ବର୍ଷର କୁପ୍ରଥାକୁ ବନ୍ଦ କରାଯାଇଛି । ହେଲେ ଅଷ୍ଟମୀ ତିଥିରେ ପୀଠରେ ଆମିଷ ଶଙ୍ଖୁଡ଼ି ଭୋଗ ଲାଗି ହେଉଛି ।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକ ସାମିଲ୍



**ପିପିଲି,୪।୧୦/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ ପିପିଲିରେ ଅନୁଷ୍ଠିତ ହୋଇଛି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ । ଆଜି ପିପିଲି ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିଥିବା ସେବା ସଂକଳ୍ପ ଅଭିଯାନର ଅଂଶବିଶେଷ ଭାବେ ଏହି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଜମି ରହିଥିବା ଅନାବନା ଲଟା, ଗଛଲତା ଓ ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା । ଏଥିରେ ସାଂସଦ ଡକ୍ଟର ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ନିଜେ ହାତରେ କୋଦାଳ ଓ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ପିପିଲି ଏନ୍ଏସିର ୫ଥରର ପୂର୍ବତନ ଅଧ୍ୟକ୍ଷ ଗୋକୁଳାନନ୍ଦ ମହାନ୍ତି, ପିପିଲି ବିଡିଓ ସରୋଜ ରାଉତ, ଏବିଡିଓ ଶୈଳବାଳା ତ୍ରିପାଠୀ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଅତିରିକ୍ତ ତହସିଲଦାର, ପିପିଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ଏସଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ବ୍ଲକ, ତହସିଲ ଓ ଏନ୍ଏସିର କର୍ମଚାରୀ ଏବଂ ସ୍ୱଚ୍ଛକର୍ମୀମାନେ ସାମିଲ ହୋଇଥିଲେ । ସଫେଇ ଯୋଗୁଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସୃଷ୍ଟି ହୋଇଥିବା ସାଂସଦ ଡକ୍ଟର ସମ୍ବିତ ପାତ୍ର କହିଥିଲେ । ସେହିପରି ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହାକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରି ପରିବେଶକୁ ସ୍ୱଚ୍ଛ ରଖିବାକୁ ବିଧାୟକ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ ।

## ପୁରାତନ ଛାତ୍ର ପରିଷଦର ଚତୁର୍ଥ ବୈଠକ

**ସାକ୍ଷୀଗୋପାଳ,୪।୧୦/ଏନ୍ଏନ୍ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୁମିନି କମିଟି ସଭାପତି ଦୀପକ କୁମାର ଶତପଥୀଙ୍କ ସଭାପତିତ୍ୱରେ ପରିଷଦର ଚତୁର୍ଥ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଯୋଜକ ଚନ୍ଦ୍ରଶେଖର ତ୍ରିପାଠୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଏବଂ ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ବୈଠକରେ ଚନ୍ଦନପୁର, ଡେଲାଙ୍ଗ, ଅଲଗୁମ୍, ସାରଙ୍ଗଯୋଡ଼ି, ସାତସଙ୍ଖ, ତେଇସିପୁର, ପିପିଲି, ଗବକୁଣ୍ଡ ଅଞ୍ଚଳର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଯୋଗାଯୋଗ କରିବା ପାଇଁ ପୂର୍ବ ବୈଠକର ନିଷ୍ପତ୍ତି ଅନୁସାରେ ସୂଚନା ବ୍ୟାନର ଲଗାଯାଇଛି । ସ୍ୱର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସାକ୍ଷୀଗୋପାଳ ଶାଖାରେ ଖୋଲାଯିବା ପାଇଁ ସ୍ଥିର କରାଯାଇଥିଲା । ପ୍ରତ୍ୟେକ ରବିବାର ପୁରାତନ ଛାତ୍ରଛାତ୍ରୀ ପରିଷଦର ସାଧାରଣ ସଭା ଅପରାହ୍ନ ତିନି ଘଟିକା ସମୟରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ସୁବର୍ଣ୍ଣଜୟନ୍ତୀ ପାଳନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ କଲେଜ ପରିସରରେ ଅଫିସ କାର୍ଯ୍ୟାଳୟ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଅଫିସ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦଶଜଣ ସଭ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ପୁରାତନ ଛାତ୍ର ଦେବେନ୍ଦ୍ର ମହାପାତ୍ର, ବଳରାମ ମହାନ୍ତି, ତ୍ରିଲୋଚନ ରଥ, ଦୁର୍ଗେଶ ମିଶ୍ର, ସୁବର୍ଣ୍ଣ ଜୟନ୍ତୀକୁ ସୁଚାରୁରୂପେ ପାଳନ କରିବା ପାଇଁ ନିଜସ୍ୱ ମତ ରଖିଥିଲେ ଓ ଦଳ ମତ ନିର୍ବିଶେଷରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ପୁରାତନ ଛାତ୍ର ସମ୍ପାଦକ ସତୀଶ କୁମାର ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ଉପେନ୍ଦ୍ର ବିଶ୍ୱାଳ, ବସନ୍ତ ପଟ୍ଟନାୟକ, ଗୋପୀନାଥ ରଥ, ହରପ୍ରସାଦ ରଥ, ସବିତା ପଣ୍ଡା, ଜାନକୀ ବଲ୍ଲଭ ବରାଳ, ରଘୁନାଥ ସାହୁ, ଗୋପାଳଚନ୍ଦ୍ର ବରାଳ, ସତ୍ୟରଞ୍ଜନ ଦାସ, ସୁବାସ ଚନ୍ଦ୍ର ଶତପଥୀ, ପ୍ରମୋଦ ରାଉତ, ଉମାକାନ୍ତ ପଣ୍ଡା, କାଳନ୍ଦୀ ବେହେରା, ପ୍ରଶାନ୍ତ ବିଶ୍ୱାଳ, କାଲୁ ସ୍ୱାଇଁ, ଆଲୋକ ଖୁଣ୍ଟିଆ, ପ୍ରମୋଦ କୁମାର ପଣ୍ଡା, ରାକେଶ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ସର୍ବଶେଷରେ ସୁବର୍ଣ୍ଣ ଜୟନ୍ତୀ ପାଳନରେ ସମସ୍ତଙ୍କ ସହଯୋଗ କାମନା କରି ସଂଯୋଜକ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଷୋଳପୂଜା ଆରମ୍ଭ

**ନୟାହାଟ,୪।୧୦/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କ ପବିତ୍ର ଷୋଳପୂଜା ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଗତକାଲି ଠାରୁ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ପ୍ରତ୍ୟୁଷରୁ ପବିତ୍ର ପ୍ରାଚୀନଦୀରୁ ଜଳ ଅଣାଯାଇ ମା'ଙ୍କ ମହାସ୍ନାନ ପର୍ବ କରାଯାଇଥିଲା । ସୂର୍ଯ୍ୟ ପୂଜା, ଗୋମାତା ପୂଜା, ପରେ ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଛି । ସକାଳୁ ପହିଲି ଭୋଗ, ଦିନରେ ରାଜଭୋଗ ଓ ରାତ୍ରରେ ପଣା



ଭୋଗ ଲାଗି ହୋଇଥାଏ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି । ଏଠାରେ ଗୋଟିଏ ଛାତ ତଳେ ମା' ଦକ୍ଷିଣକାଳୀ ଓ ଶ୍ୟାମାକାଳୀ ପୂଜା ପାଉଛନ୍ତି । ଅଞ୍ଚଳର ବହୁ ଭକ୍ତ ମା'ଙ୍କ ଦର୍ଶନ କରି କୃପା ଭିକ୍ଷା କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଏହି ପୂଜାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିଥାନ୍ତି । ଏହା ଅଷ୍ଟମୀ ଦିନ ଯାଏ ଚାଲୁ ରହିଥାଏ ।

**ଅଲିଭା ସ୍ମୃତିରେ ପ୍ରଦୀପ ମହାରଥୀ**

## ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଝୁରିଲା ପିପିଲି-ଡେଲାଙ୍ଗ

**ପିପିଲି,୪।୧୦/ଏନ୍ଏନ୍ଏସ୍:** ଡେଲାଙ୍ଗ-ପିପିଲିର ୭ ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଦିବସ ନିକଟସ୍ଥ ମାଣିକ ଗାର୍ଡେନଠାରେ ଶ୍ରଦ୍ଧା ଓ ସ୍ମୃତିର ସହ ପାଳିତ ହୋଇଯାଇଛି । ପ୍ରାକ୍ତନ ଅଧ୍ୟାପିକା ତଥା ସ୍ୱର୍ଗତ ମହାରଥୀଙ୍କ ଧର୍ମପତ୍ନୀ ଡଃ ପ୍ରତିଭା ମହାରଥୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ବହୁ ବରିଷ୍ଠ ରାଜନେତା, ଜନପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇ ସ୍ୱର୍ଗତ ମହାରଥୀଙ୍କ ଅଲିଭା ସ୍ମୃତିଚାରଣ କରିଥିଲେ । ସଭାରେ ରେଢାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ



ସାମନ୍ତରାୟ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସୁବ୍ରତ କୁମାର ଛାଟେଇ ପ୍ରମୁଖ ଯୋଗଦେଇ କହିଛନ୍ତି ଗରିବଙ୍କ ସାଥୀ ଓ ପ୍ରଗତିର ରଥୀ ପ୍ରଦୀପ ମହାରଥୀ ଜଣେ ଅଦ୍ୱିତୀୟ ଜନନେତା ଥିଲେ । ତାଙ୍କର ଲୋକପ୍ରିୟତା, କାର୍ଯ୍ୟଦକ୍ଷତା, ନିର୍ଭୀକତା ଓ ସାହସିକତା ସହ ଅଞ୍ଚଳର ବିକାଶ ପାଇଁ ତାଙ୍କ ଅବଦାନ ତାଙ୍କୁ ସାରା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଦୁର୍ନୀତି ବିରୋଧରେ ତାଙ୍କ ଲଢ଼େଇ ଓ ଜନସାଧାରଣଙ୍କ ସମସ୍ୟାକୁ ନିଜର ସମସ୍ୟା ଭାବେ ଗ୍ରହଣ କରିବାର ଶୈଳୀ ପାଇଁ ସେ ସବୁବେଳେ ଲୋକଙ୍କ ମନରେ ରହିବେ । ମୃତ୍ୟୁ ପରେ ମଧ୍ୟ ତାଙ୍କର ଭାଷଣ ଓ ବିଭିନ୍ନ ସମୟର ଡାଇଲଗ୍ ଯୁବ ଓ ଛାତ୍ର ସମାଜ ପାଇଁ ପ୍ରେରଣା ପାଲଟିଛି । ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଭାଷଣ ଏବେ ବି ବେଶ୍ ଲୋକପ୍ରିୟ । ସେ କେବଳ ଜଣେ ରାଜ୍ୟସ୍ତରୀୟ ରାଜନୈତିକ ନେତା ନଥିଲେ, ବରଂ ଜଣେ ସଂସ୍କୃତିପ୍ରେମୀ ଓ ଜନସାଧାରଣଙ୍କ ସହ ଜଡ଼ିତ ନେତା ଭାବେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ଡଃ ପ୍ରତିଭା ମହାରଥୀଙ୍କ ରଚିତ 'ଅଖଣ୍ଡ ପ୍ରଦୀପ' ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥିସହ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପିପିଲି-ଡେଲାଙ୍ଗ ଅଞ୍ଚଳର ୪ ଜଣ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ମଧ୍ୟ 'ପ୍ରଦୀପ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ମହାରଥୀଙ୍କ ସୁପୁତ୍ର ତଥା ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଝିଅ ପଲ୍ଲବୀ ମହାରଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ସ୍ମୃତିସଭାରେ ପିପିଲି-ଡେଲାଙ୍ଗ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ ଓ ସାଧାରଣ ଲୋକ ଯୋଗଦେଇ ପ୍ରିୟ ଜନନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

**ନିତି ଭାରତୀ**

ଯନ୍ତ୍ରଣା ମନୁଷ୍ୟମାନଙ୍କୁ ସ୍ରଷ୍ଟାଙ୍କ ଅଭିମୁଖୀ କରାଇଥାଏ।
- ରମଣ ମହର୍ଷି

# ଭାରତର ଯୁବପିଢ଼ି ଓ ପରିବାର ଗଠନ



ଡକ୍ଟର ଚିତ୍ତରଂଜନ ମିଶ୍ର

ଯଦି ଆପଣ ଭାରତର ଜଣେ ଆଈ କିମ୍ବା ଜେଜେମା'ଙ୍କୁ ପଚାରିବେ ଯେ ତାଙ୍କ ସମୟ ଅପେକ୍ଷା ଏବେ କ'ଣ ବଦଳିଛି, ସେ ଆପଣଙ୍କ ସହ 'ପ୍ରଜନନ ହାର' ଭଳି କଠିନ କିମ୍ବା ପାରିଭାଷିକ ଶବ୍ଦ ବ୍ୟବହାର କରି କଥା ହେବେ ନାହିଁ, ବରଂ ସେ ତାଙ୍କ ନିଜ ଅନୁଭୂତିରୁ ସହଜ ଭାଷାରେ ବୁଝାଇ ଦେବେ। ସେ ତାଙ୍କ ନାତୁଣୀ ବିଷୟରେ କଥା ହେବେ, ଯିଏ କଲେଜ ପଢ଼ା ଶେଷ କରିଛି, ସହରରେ ଗୋଟିଏ ଚାକିରି କରୁଛି ଏବଂ ପରିବାର ଆରମ୍ଭ କରିବା ବା ସଂସାର ଗଢିବା ପାଇଁ ତା'ର ଆଦୌ କୌଣସି ବ୍ୟସ୍ତତା ହିଁ ନାହିଁ। ସେ ଏହାକୁ ଏକା ସାଙ୍ଗରେ ଓ ଗୋଟିଏ ନିଃଶ୍ୱାସରେ ଗର୍ବ ଏବଂ ଚିନ୍ତାର ସହିତ କହିଦେବେ ଏପରି ଏକ ମିଶ୍ରଣ, ଯାହା ତଥ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥାଏ।

ୟୁନାଇଟେଡ୍ ନେସନ୍ସ ପପୁଲେସନ୍ ଫଣ୍ଡ୍ (ୟୁଏନ୍ଏଫ୍ପିଏ)ର ଜନସାଂଖ୍ୟିକୀୟ ସର୍ବେକ୍ଷଣ ବିବରଣୀ: ୨୦୨୬ ମସିହା ଜୁଲାଇ ୧୧ତାରିଖ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଦିନ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍ପିଏ) 'ଜନସାଂଖ୍ୟିକୀୟ ଭବିଷ୍ୟତ ସର୍ବେକ୍ଷଣ'ର ଉନ୍ମୋଚନ କରିଥିଲା। ଏହି ପ୍ରକାରର ସର୍ବବୃହତ୍ ଅଧ୍ୟୟନ ଭାବେ ଏହା ପରିଗଣିତ ହୋଇଥାଏ, ଯାହାକି ବିଶ୍ୱର ୭୩ଟି ରାଷ୍ଟ୍ରର ୧ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଯୁବ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରି ରିପୋର୍ଟ ପ୍ରସ୍ତୁତ କରିଥିଲା। ସେମାନଙ୍କୁ ଅତି ସରଳ ପ୍ରଶ୍ନ ପଚରା ଯାଇଥିଲା- ସେମାନଙ୍କୁ ପଚରା ଯାଇ ନଥିଲା କି 'ଆଜିକାଲିର ଯୁବକ ଯୁବତୀମାନେ ପାରମ୍ପରିକ ପରିବାର ଗଠନ ଏବଂ ବୈବାହିକ ସଂପର୍କକୁ ପସନ୍ଦ କରୁଛନ୍ତି କି ନାହିଁ', ବରଂ ପାରମ୍ପରିକ ପରିବାର ଗଠନ ଏବଂ ବୈବାହିକ ସଂପର୍କ ମଧ୍ୟରେ କ'ଣ ସବୁ ପ୍ରତିବନ୍ଧକ ହୋଇ ଠିଆ ହେଉଛି ? ଏ ବର୍ଷ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏକ ଭିତ୍ତି ବିଷୟବସ୍ତୁ ନିର୍ଦ୍ଧାରଣ କରିଛନ୍ତି; ଆଉ ତାହା ହେଲା- 'ଗର୍ଭଧାରଣ ପାଇଁ ଉପଯୁକ୍ତ ସମୟ ଓ ପିଲାଜନ୍ମ ମଧ୍ୟରେ ସଠିକ୍ ବ୍ୟବଧାନ', ଯାହାକି ଆମକୁ ମନେ ପକେଇ ଦେଇଥାଏ ଯେ ପ୍ରତ୍ୟେକଟି ଜନସାଂଖ୍ୟିକୀୟ ଅଙ୍କର ହୃଦୟରେ ଏକ ପସନ୍ଦର ପ୍ରଶ୍ନ ସଦାସର୍ବଦା ଉତ୍ଥାପିତ ହୋଇଥାଏ। ଆଉ ତାହା ହେଲା- ଯୁବକ ଯୁବତୀମାନେ ନିଜ ସମୟ ନିର୍ଘଣ୍ଟ ଆଧାରରେ ଏବଂ ମୁକ୍ତ ଭାବେ ନିର୍ଣ୍ଣୟ ନେଇ ପାରିବେ କି କେତେବେଳେ ଓ କିଭଳି ଭାବେ ସେମାନେ ନିଜର ପରିବାରର ସର୍ଜନା କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ ?

ଭାରତର ପ୍ରଜନନ ହାର ଜଣେ ମହିଳା ପିଛା ୨ ଜଣ ପିଲାକୁ ଖସି ଆସିଛି, ଯାହାକି ସ୍ଥିର ଜନସଂଖ୍ୟା ବଜାୟ ରଖିବା ପାଇଁ ଆବଶ୍ୟକ ୨.୧ର ପ୍ରତିସ୍ଥାପନ ସ୍ତରଠାରୁ କମ୍ ଅଟେ। କିଛି ଲୋକ ଏହା ଶୁଣିବେ ଏବଂ 'ଶିଶୁ ଜନ୍ମହାର ହ୍ରାସ' କିମ୍ବା 'ଜନସଂଖ୍ୟା ସଂକଟ' ଭଳି ଶବ୍ଦ ପ୍ରୟୋଗ କରିବେ। 'ଜାତିସଂଘ ଜନସଂଖ୍ୟା ପାଣ୍ଠି' ଏଭଳି ଏକ ସ୍ଥିତିକୁ ସଂପୂର୍ଣ୍ଣ ଭିନ୍ନ ଭାବେ ଅବଲୋକନ କରିଥାଏ। ଏହା କୌଣସି ଚେତାବନୀର ସଂକେତ ନୁହେଁ, ବରଂ ଝିଅମାନଙ୍କ ଶିକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଗର୍ଭ ନିରୋଧକ ବିକଳ୍ପର ସଂପ୍ରସାରଣ ତଥା ମାତୃ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦଶନ୍ଧି ଦଶନ୍ଧି ଧରି ସରକାରଙ୍କ ଦ୍ୱାରା କରାଯାଇଥିବା ନିରନ୍ତର ପୁଞ୍ଜିନିବେଶର ପରିଣାମ। ମାତ୍ର ଗତ କିଛିଦିନ ମଧ୍ୟରେ ୧୮ବର୍ଷ ପୂର୍ବରୁ ବିବାହ କରୁଥିବା ଯୁବତୀମାନଙ୍କ ସଂଖ୍ୟା ୨୩.୩ ପ୍ରତିଶତରୁ ୨୦.୧ ପ୍ରତିଶତକୁ ହ୍ରାସ ପାଇଛି। ଏହା ଏକ ନୀତିଗତ ସଫଳତା ବା ସଫଳ ନୀତି ବୋଲି କୁହାଯାଇପାରେ, ଯାହାର ଶ୍ରେୟ ଭାରତର ଅନୁଷ୍ଠାନଗୁଡ଼ିକ ଉଚିତ ଭାବରେ ନେଇ ପାରିବେ। କିନ୍ତୁ ସଂଖ୍ୟାଗୁଡ଼ିକ ଏକା ସାଙ୍ଗରେ ଏକରୁ ଅଧିକ କାହାଣୀ କହିଥାନ୍ତି ଏବଂ ଯଦି ଆମେ କେବଳ ଭଲ ଖବର ପାଖରେ ଅଟକି ଯିବା, ତେବେ ଯୁବ ଭାରତ କ'ଣ କହିବାକୁ ଚେଷ୍ଟା କରୁଛି, ତାହା ଆମେ ହରାଇ ବସିବା ଅବା ବୁଝି ପାରିବା ନାହିଁ।

ଯୁବ ପିଢ଼ିଙ୍କୁ ସିଧାସଳଖ ପଚାରିଲେ ଜଣାପଡ଼େ ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ସେଇଆ ଚାହାନ୍ତି, ଯାହା ସେମାନଙ୍କ ପୂର୍ବ ପିଢ଼ି ଚାହୁଁଥିଲେ। ସାରା ଦେଶରେ, ପ୍ରତି ୧୦ ଜଣ ମହିଳାଙ୍କ ମଧ୍ୟରୁ ୪ ଜଣ ଏବଂ ଏକ-ତୃତୀୟାଂଶ ପୁରୁଷ (ପ୍ରାୟ ୩୩ ପ୍ରତିଶତ) କୁହନ୍ତି ଯେ ଦୁଇଟି ସନ୍ତାନ ହେଉଛି ସେମାନଙ୍କ ପାଇଁ ଏକ ଆଦର୍ଶ ପରିବାରର ସ୍ୱରୂପ। 'ଡେମୋଗ୍ରାଫିକ୍ ଫ୍ୟୁଚର୍ସ ସର୍ଭେ' ସମସ୍ତ ଦେଶରେ ସମାନ ଧାରା ଦେଖାଉଛି : ଯୁବପିଢ଼ି ପାରିବାରିକ ଜୀବନଠାରୁ ମୁହଁ ମୋଡୁ ନାହାନ୍ତି; ବରଂ ସେମାନେ ଏହା ଗଠନ ପାଇଁ ଉପଯୁକ୍ତ ପରିବେଶ ଓ ପରିସ୍ଥିତି ଅଛି କି ନାହିଁ, ତାହା ପଚାରୁଛନ୍ତି। ତେବେ ଏଠାରେ ଦ୍ୱିଧା ବା ସଂକୋଚ କାହିଁକି ? ଯେତେବେଳେ ଆମେ ଯୁବ ଦମ୍ପତି (ନୂଆ ବିବାହିତ ବା ପ୍ରେମୀ ଯୁଗଳ)ମାନଙ୍କୁ ପଚାରୁ ଯେ ସେମାନେ କଳ୍ପନା କରୁଥିବା ଜୀବନ ଏବଂ ସେମାନଙ୍କ ମଧ୍ୟରେ କେଉଁ ଜିନିଷ ବାଧକ ସାଜିଛି ବା ବାଟ ଓଗାଳିଛି, ସେତେବେଳେ ସେମାନଙ୍କର ଉତ୍ତର ପ୍ରାୟତଃ ବାସ୍ତବିକ ବା ବ୍ୟବହାରିକ ହୋଇଥାଏ। ୧୦ ଜଣଙ୍କ ମଧ୍ୟରୁ ପ୍ରାୟ ୪ ଜଣ (ଅର୍ଥାତ୍ ପ୍ରାୟ ୪୦ ପ୍ରତିଶତ) ଲୋକଙ୍କ କହିବା ଅନୁଯାୟୀ, ଟଙ୍କା ସବୁଠାରୁ ପ୍ରଥମେ ଆସେ ବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତା' ପଛକୁ ଘର ଏବଂ ତା' ପରେ ଚାକିରିରେ ସ୍ଥାୟିତ୍ୱ ପ୍ରାଥମିକତା ଲାଭ କରିଥାଏ। ତା' ପରେ ଏକ ଅତି ସରଳ, ମାନବୀୟ ଚିନ୍ତା: ଆମେ ଆମ ପିଲାମାନଙ୍କର କେତେ ଭଲ ଭାବରେ ଯତ୍ନ ନେଇପାରିବା ?

ଭାରତରେ ଯୁବତୀମାନେ ପ୍ରତିଦିନ ୫ ଘଣ୍ଟାରୁ ଅଧିକ ସମୟ ବିନା ପାରିଶ୍ରମିକରେ ଘରକାମ ଏବଂ ଘରର ଯତ୍ନ ନେବାରେ ବିତାଇଥାନ୍ତି, ଯେତେବେଳେ କି ଯୁବକମାନେ ଏ କ୍ଷେତ୍ରରେ ମାତ୍ର ୩୦ ମିନିଟ୍ ବିତାଇଥାନ୍ତି। ପ୍ରତି ୧୦୦ ଜଣ ଯୁବତୀଙ୍କ ମଧ୍ୟରୁ ମାତ୍ର ୧୫ ଜଣ ଦରମା ମିଳୁଥିବା କାମ (ବା ଚାକିରି) କରୁଛନ୍ତି, ଯେଉଁଠି କି ପ୍ରତି ୧୦୦ ଜଣ ଯୁବକଙ୍କ ମଧ୍ୟରୁ ୫୫ ଜଣ ଏଭଳି କାମ କରୁଛନ୍ତି। ଏଗୁଡ଼ିକ କେବଳ ପରିସଂଖ୍ୟାନ ନୁହେଁ। କାହିଁକି ବହୁତ ଦକ୍ଷ, ପ୍ରତିଭାବାନ ଏବଂ କାମ କରିବାକୁ ସକ୍ଷମ ଯୁବତୀମାନେ ଭାବନ୍ତି ଯେ ସେମାନଙ୍କୁ କ୍ୟାରିୟର (ଚାକିରି/ କର୍ମ ଜୀବନ) ଏବଂ ପରିବାର ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡ଼ିବ, ଯେତେବେଳେ କାହାକୁ ବି ଏପରି କଷ୍ଟକର ତଥା ବାଧ୍ୟତାମୂଳକ ଚୟନ କରିବା ଉଚିତ ନୁହେଁ।

ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ: ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସମସ୍ତ ଯୁବପିଢ଼ି କୁହନ୍ତି କି, ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନକୁ ଅତ୍ୟନ୍ତ ବିପର୍ଯ୍ୟସ୍ତ କରି ଦେଉଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ କୁହନ୍ତି ଯେ ଏହା ସେମାନଙ୍କ ବୈବାହିକ ଶାନ୍ତିକୁ ବହୁଳ ଭାବେ ପ୍ରଭାବିତ କରୁଛି। ପ୍ରାୟ ଅର୍ଦ୍ଧେକ ଯୁବ ଭାରତୀୟ ଏକା ସଙ୍ଗେ ବିବାଦ/ ଯୁଦ୍ଧ, ଅର୍ଥନୈତିକ ଅସୁରକ୍ଷା ଏବଂ ପରିବେଶଜନିତ ବିପଦକୁ ନେଇ ଅତ୍ୟନ୍ତ ଚିନ୍ତିତ ଥିବା ପ୍ରକାଶ କରିଛନ୍ତି, ଯାହାକି ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକ ତୁଳନାରେ ଏଠାରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ହାର ମଧ୍ୟରୁ ଅନ୍ୟତମ। ଏହା ସହିତ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରଚଣ୍ଡ ବେକାରୀ ସମସ୍ୟା ଏବଂ ଅନେକ ଭାରତୀୟ ପରିବାରରେ




ମାନସିକ ସ୍ୱାସ୍ଥ୍ୟକୁ ନେଇ ମାତ୍ର ଆରମ୍ଭ ହୋଇଥିବା ଆଲୋଚନାକୁ ଯୋଡ଼ିଦେଲେ ଏକ ସଂପୂର୍ଣ୍ଣ ବା ସ୍ୱଷ୍ଟ ଚିତ୍ର ସାମ୍ନାକୁ ଆଣିଥାଏ। ଏହା ଏମିତି ଏକ ପିଢ଼ି ନୁହେଁ ଯେ ପିତାମାତା ହେବାକୁ ବା ପରିବାର ଗଠନ କରିବାକୁ ସେମାନେ ପ୍ରତ୍ୟାଖ୍ୟାନ କରୁଛନ୍ତି, ବରଂ ଏହା ଏଭଳି ଏକ ପିଢ଼ି, ଯେଉଁ ପିଢ଼ି ଅତି ଯୁକ୍ତିଯୁକ୍ତ ଭାବରେ ପ୍ରଶ୍ନ ପଚାରୁଛି ଯେ ତାଙ୍କ ପାଦ ତଳେ ଥିବା ଭୂମି (ଅର୍ଥାତ୍ ସେମାନଙ୍କର ଆର୍ଥିକ କିମ୍ବା ସାମାଜିକ ସ୍ଥିତି) ଏକ ସୁଦୃଢ଼ ଭବିଷ୍ୟତ ଗଠନ କରିବା ପାଇଁ ଯଥେଷ୍ଟ ସ୍ଥିର କି ନୁହେଁ ?

ଭାରତରେ ଆନ୍ତଃ-ରାଜ୍ୟ ଅସମାନତା ମଧ୍ୟ ପରିଦୃଶ୍ୟ ହୋଇଥାଏ। ବିହାରର ପ୍ରଜନନ ହାର ୨.୭ ଥିଲା ବେଳେ ସିକ୍କିମର ମାତ୍ର ୧.୦ ଅଟେ; କେରଳ, ଦିଲ୍ଲୀ ଏବଂ ତାମିଲନାଡୁ ବହୁ ପୂର୍ବରୁ ପ୍ରତିସ୍ଥାପନ ସ୍ତର (ରିପ୍ଲେସ୍ମେଣ୍ଟ ଲେଭେଲ) ୨.୧ଠାରୁ କମ୍ ରହି ଆସିଛନ୍ତି, ଯେତେବେଳେ କି ବିହାର, ଉତ୍ତରପ୍ରଦେଶ ଏବଂ ଝାଡ଼ଖଣ୍ଡ ଏବେ ବି ସେହି ସ୍ତର ହାସଲ କରିବାକୁ ଚେଷ୍ଟା କରୁଛନ୍ତି। ଏହି ପାର୍ଥକ୍ୟଗୁଡ଼ିକ ଦର୍ଶାଏ ଯେ ଭାରତର ଜନସଂଖ୍ୟାଗତ ପରିବର୍ତ୍ତନ (ଡେମୋଗ୍ରାଫିକ୍ ଟ୍ରାଞ୍ଜିସନ୍) ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଗତିରେ ଘଟୁଛି ଏବଂ କୌଣସି ଗୋଟିଏ ଜାତୀୟ ନୀତି ସମସ୍ତ ରାଜ୍ୟର ବାସ୍ତବତାକୁ ସଂପୂର୍ଣ୍ଣ ରୂପେ ସମାଧାନ କରି ପାରିବ ନାହିଁ।

ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା: ଭାରତ ସରକାର ଏବଂ ସମୁଦାୟଗୁଡ଼ିକ ସହିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ବନ୍ଧୁତ୍ୱର ଉଦ୍ଦେଶ୍ୟ ହେଉଛି- ଯୁବପିଢ଼ି ଆମକୁ ଯାହା କହୁଛନ୍ତି, ତାହାକୁ ବାସ୍ତବିକ ସହାୟତାରେ ପରିଣତ କରିବା: ଉଚ୍ଚ ଗୁଣବତ୍ତାସଂପନ୍ନ, ଶସ୍ତା ଓ ସହଜଲଭ୍ୟ ଶିଶୁ ଯତ୍ନ; ପରିବାରଗୁଡ଼ିକ ଯେଉଁଠାରେ ପିଲାମାନଙ୍କର ଦେଖାଶୁଣା ଦାୟିତ୍ୱକୁ ସମାନ ଭାବରେ ବାଣ୍ଟିଥାନ୍ତି; ଶ୍ରମ ବଜାରରେ ପ୍ରବେଶ କରୁଥିବା ଯୁବପିଢ଼ିଙ୍କ ପାଇଁ ସ୍ଥିର ଓ ଗୌରବମୟ କାର୍ଯ୍ୟ କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ (ସହାୟତା); ଏବଂ ପରିବାର ତଥା ଭବିଷ୍ୟତ ବିଷୟରେ ଆଲୋଚନା କରିବା ସମୟରେ ଜଳବାୟୁ ଚିନ୍ତା ସମେତ ଯୁବ ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦେବା। ପିତାମାତାଙ୍କ ଛୁଟି, ନମନୀୟ କାର୍ଯ୍ୟ ବ୍ୟବସ୍ଥା ଏବଂ ପରିବାର-ଅନୁକୂଳ କାର୍ଯ୍ୟସ୍ଥଳୀ ଜରିଆରେ ଯୁବକ ଯୁବତୀମାନଙ୍କୁ କାମ ଏବଂ ଯତ୍ନ ନେବା ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିବା ଦିଗରେ ବେସରକାରୀ କ୍ଷେତ୍ରର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତିସଂଘ ବିକାଶ ପ୍ରଣାଳୀରେ ଜାତିସଂଘ ଜନସଂଖ୍ୟା ପାଣ୍ଠିର ଏକ ଅନନ୍ୟ ଭୂମିକା ରହିଛି- ତଥ୍ୟ ସଂଗ୍ରହ, ଜନସଂଖ୍ୟା ଗତିଶୀଳତା ଏବଂ ପ୍ରମାଣଭିତ୍ତିକ ନୀତି ପ୍ରଣୟନ କ୍ଷେତ୍ରରେ ଏହା ଏକ ଅଗ୍ରଣୀ ସଂସ୍ଥା। ଡେମୋଗ୍ରାଫିକ୍ ଫ୍ୟୁଚର୍ସ ସର୍ଭେ (ଜନସଂଖ୍ୟା ଭବିଷ୍ୟତ ସର୍ବେକ୍ଷଣ) ଦର୍ଶାଏ ଯେ କିପରି ବିଭିନ୍ନ ଦେଶଗୁଡ଼ିକୁ ଜନସଂଖ୍ୟାଗତ ପରିବର୍ତ୍ତନକୁ ବୁଝିବାରେ, ସେଥିପାଇଁ ଯୋଜନା କରିବାରେ ଏବଂ ସେହି ଯୋଜନା ଅନୁସାରେ ନିଜକୁ ଅଭ୍ୟସ୍ତ କରାଇବାରେ ସାହାଯ୍ୟ କରିବା ପାଇଁ ଜନସଂଖ୍ୟା ତଥ୍ୟକୁ ବ୍ୟବହାର କରାଯାଇ ପାରିବ ଏବଂ କରାଯିବା ମଧ୍ୟ ଅତି ଆବଶ୍ୟକ।

ଭାରତରେ ୧୫ରୁ ୨୪ ବର୍ଷ ବୟସର ପ୍ରାୟ ୨୫୫ ନିୟୁତ (୨୫.୫ କୋଟି) ଯୁବକ ଯୁବତୀ ଅଛନ୍ତି, ଯାହାକି ଏହି ଦେଶ କିମ୍ବା ବୋଧହୁଏ ଯେ କୌଣସି ଦେଶ ଦ୍ୱାରା ଏ ପର୍ଯ୍ୟନ୍ତ ଗଢ଼ା ଯାଇଥିବା ସବୁଠାରୁ ବଡ଼ ପିଢ଼ି। ଏହା ହିଁ ହେଉଛି ଭାରତର ଜନସଂଖ୍ୟାଗତ ଲାଭାଂଶ (ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ଏବଂ ଆମକୁ ମନେ ରଖିବାକୁ ପଡ଼ିବ ଯେ ସୁବର୍ଣ୍ଣ ସୁଯୋଗର ଏକ ଏଭଳି ସମୟ, ଯାହା ସବୁଦିନ ପାଇଁ ଖୋଲା ରହିବ ନାହିଁ। ଏହି ଅମୃତ ବେଳାର ସୁବିନିଯୋଗ କରି ଆମେ ରାଷ୍ଟ୍ର ପାଇଁ ବଡ଼ ସଫଳତା ହାସଲ କରି ପାରିବା। କାରଣ, ଆଜିର ଯୁବପିଢ଼ି କାଲିକି ବୃଦ୍ଧ ହୋଇଯିବେ, ପକ୍ୱ କେଶ ଧାରଣ କରିବେ ଏବଂ ଏହି ସୁଯୋଗ ହାତଛଡ଼ା ହୋଇଯିବ। ଆଜି ଆମେ ଯେଉଁ ନିଷ୍ପତ୍ତି ନେବୁ, ତାହା ହିଁ ସ୍ଥିର କରିବ ଯେ ଏହି ପିଢ଼ି ସୁଯୋଗର ସମୟ ସୀମା ଶେଷ ହେବା ପୂର୍ବରୁ ନିଜର ସଂପୂର୍ଣ୍ଣ କ୍ଷମତାର ସଦୁପଯୋଗ କରି ପାରିବ କି ନାହିଁ ? ନିଜର ପ୍ରତିଭାକୁ ବାସ୍ତବ ରୂପ ଦେଇ ପାରିବ କି ନାହିଁ ? ନିଜର ଅସୁମାରୀ ସ୍ୱପ୍ନକୁ ଚରିତାର୍ଥ କରି ପାରିବ କି ନାହିଁ ? ଯୁବ ଭାରତୀୟମାନେ ପରିବାରର ଚିନ୍ତାଧାରା ବା ପରିବାର ଗଠନ କରିବା ପ୍ରକ୍ରିୟାଠାରୁ ଦୂରେଇ ଯାଉ ନାହାନ୍ତି କି ମୁହଁ ଫେରାଇ ନେଉ ନାହାନ୍ତି। ସେମାନେ ସେହି ପରିସ୍ଥିତିକୁ ଅପେକ୍ଷା କରି ବସି ରହିଛନ୍ତି, ଯାହା ସେମାନଙ୍କୁ ଏଥିପାଇଁ ସଂପୂର୍ଣ୍ଣ ଭାବେ ହିଁ କହିବାକୁ ଅନୁମତି ଦେବ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି**
**କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର**
**ମୋ: ୯୩୩୮୨୦୪୯୯୩**
crmishra49@yahoo.in

NITIDIN
ନିତିଦିନ
ସୋମବାର , ୫ ଅକ୍ଟୋବର ୨୦୨୬

# ସୁପ୍ରିମ୍‌କୋର୍ଟ ଏବଂ ଏସ୍ଆଇଆର୍, ଇସି ଓ ସିଇସି

ସମଗ୍ର ଦେଶରେ ବର୍ତ୍ତମାନ ଗୋଟିଏ ଚର୍ଚ୍ଚା- ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ନାମରେ ନିର୍ବାଚନ କମିଶନ (ଇସି) ନୂଆ ଭୋଟର ତାଲିକା ପ୍ରସ୍ତୁତ କରି ସେଥିରୁ କୋଟି କୋଟି ଲୋକଙ୍କ ନାମ କାଟିବା ଏବଂ ଏହି କାର୍ଯ୍ୟକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ତାଙ୍କର ଅନ୍ୟ ଦୁଇ ସାଥୀ ଇସିଙ୍କ ମତାମତ ନ ନେଇ ଏକଚାଟିଆ ଭାବରେ ସମ୍ପାଦନ କରିବା ଓ ଏଥି ପାଇଁ ତାଙ୍କ ବହିଷ୍କାରର ଦାବି ଉଠିବା, ଯାହା ଅକ୍ଟୋବର ୨ ତାରିଖ ଗାନ୍ଧିଜୀଙ୍କ ଜନ୍ମବାର୍ଷିକୀରୁ ଆରମ୍ଭ ହୋଇଛି। ଦେଶର ଅନେକଗୁଡ଼ିଏ ବିରୋଧୀ ଦଳ, ବିଦ୍ୟାର୍ଥୀମାନଙ୍କ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ନାଗରିକମାନେ ଦିଲ୍ଲୀ, ମୁମ୍ବାଇ ତଥା ଅନ୍ୟ ସ୍ଥାନଗୁଡ଼ିକରେ ଉକ୍ତ ଦିବସଠାରୁ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସଡ଼କକୁ ଓହ୍ଲାଇଛନ୍ତି। ଅପର ପକ୍ଷରେ, ଏକ ଅନୁତାପ କରିବା ଭଳି କାମ କରିବାକୁ ଯାଇ ସିଇସି ଜ୍ଞାନେଶ କୁମାରଙ୍କ ନେତୃତ୍ୱାଧୀନ ଇସି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଯେ, ଯେଉଁସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ କାର୍ଯ୍ୟ ସମ୍ପନ୍ନ ହୋଇ ସାରିଛି, ସେସବୁ ସ୍ଥାନରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସହିତ ଯୁବ ବର୍ଗ ଓ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯୋଗ୍ୟ ହୋଇଥିବା ଭୋଟରମାନଙ୍କ ନାମକୁ ତାଲିକାରେ ସାମିଲ କରିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରାଯିବ। ଏହା ଭିତରେ ସର୍ବାଧିକ ଉଲ୍ଲେଖନୀୟ କଥାଟି ହେଉଛି, ଫର୍ମ ୬ର ଘୋଷଣାନାମା, ଯାହା ଭୋଟରମାନଙ୍କୁ 'ନିର୍ଦ୍ଧାରଣ' (ମ୍ୟାପିଂ) ଜରିଆରେ ସେମାନଙ୍କର ଯୋଗ୍ୟତା ପ୍ରମାଣିତ କରିବା ପଥରେ ଅନେକଗୁଡ଼ିଏ ପ୍ରତିବନ୍ଧକ ସୃଷ୍ଟି କରିଛି, ତାହା ଆଉ ବ୍ୟବହାର କରାଯିବ ନାହିଁ। ଏହି କାର୍ଯ୍ୟ ଆଗେଇ ଚାଲିବା ବେଳେ ଯୋଗ୍ୟ ଭୋଟରମାନଙ୍କୁ ତାଲିକାରୁ ବାଦ୍ ଦେବା ଅପେକ୍ଷା ତାଲିକାର ଅଦ୍ୟତନ କରାଯିବାର ପ୍ରକ୍ରିୟା ଏଥରକ ହୁଏତ ଅଧିକ ନିଷ୍ପକ୍ଷ ଏବଂ ସମାବେଶୀ ହେବ, କିନ୍ତୁ ଏକଥାଠାରୁ ମୁହଁ ଫେରାଇ ନିଆଯାଇ ପାରିବ ନାହିଁ ଯେ ୨୦୨୬ରେ ଏସ୍ଆଇଆର୍ କାର୍ଯ୍ୟ ସମ୍ପାଦନ ହୋଇ ସାରିଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ, ଯେଉଁମାନେ କି ନିର୍ବାଚନର ସାମ୍ନା କରି ସାରିଛନ୍ତି, ସେଗୁଡ଼ିକରେ ଶାସକ ଦଳକୁ ସନ୍ତୁଷ୍ଟ କରିବାକୁ ଯାଇ ଇସି କେତେକ ବର୍ଗ, ଗୋଷ୍ଠୀ ଏବଂ ସମ୍ପ୍ରଦାୟ ତଥା ପ୍ରବାସୀ ଇତ୍ୟାଦିମାନଙ୍କୁ ଅତ୍ୟନ୍ତ କଠୋର ଭାବରେ ମତଦାନ କରିବାରୁ ବଞ୍ଚିତ କରି ସାରିଛନ୍ତି।

ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ସିଇସିଙ୍କୁ ବହିଷ୍କାର କରିବା ଦାବିରେ ବିରୋଧୀମାନଙ୍କର ଏକ ସାମୂହିକ ଗୋଷ୍ଠୀ ସଡ଼କକୁ ଓହ୍ଲାଇବାର କାର୍ଯ୍ୟ ଯେତେବେଳେ ଗତିଶୀଳତା ହାସଲ କରିବା ଆରମ୍ଭ କରିଛି, ସୁପ୍ରିମ୍‌କୋର୍ଟ ଏସ୍ଆଇଆର୍ ଚାଲୁଥିବା ବେଳେ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ପଏଣ୍ଟରେ ନିଜର ହସ୍ତକ୍ଷେପ ସତ୍ତ୍ୱେ, ବିଶେଷକରି ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ହସ୍ତକ୍ଷେପ କରିଥିଲେ ସୁଦ୍ଧା, ପୁଣିଥରେ ଏହା ଉପରେ ଚିନ୍ତା କରିବା ନିମନ୍ତେ ସମୟ ଦେବା ଉଚିତ ଏବଂ ନିଷ୍ପତ୍ତି ନେବା ଉଚିତ ଯେ, ଯେଉଁସବୁ ବେଆଇନ କାର୍ଯ୍ୟ ଦର୍ଶାଯାଇଛି, ଭୋଟର ତାଲିକାକୁ ଅଦ୍ୟତନ କରାଯିବା ବେଳେ ସେସବୁକୁ କିପରି ପ୍ରତ୍ୟାହାର କରି ନିଆଯାଇ ଲୋକଙ୍କ ମନରେ ରହିଥିବା ସନ୍ଦେହଗୁଡ଼ିକୁ ଦୂର କରାଯାଇ ପାରିବ। ଏହି ନୀତିରେ ଦ୍ୱିମତ ନାହିଁ ଯେ ଭୋଟର ତାଲିକାରୁ ମୃତକ ଏବଂ ଅଣ-ଅଧିବାସୀମାନଙ୍କ ନାମ ବାଦ୍ ଦେବା ତଥା ସାବାଳକ ହେବାର ବୟସ ବା ବାସସ୍ଥାନ ଦ୍ୱାରା ଯୋଗ୍ୟତା ହାସଲ କରିବା ପରେ ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ହୋଇଛନ୍ତି, ସେମାନଙ୍କର ନାମକୁ ସାମିଲ କରିବା ନିମନ୍ତେ ପର୍ଯ୍ୟାୟକ୍ରମେ ଏହି ତାଲିକାର ସଂଶୋଧନ କରାଯିବା ଉଚିତ। କିନ୍ତୁ ସାମ୍ପ୍ରତିକ ସମୟରେ ଏହି କାର୍ଯ୍ୟ ଯେଉଁଭଳି ଢଙ୍ଗରେ କରାଗଲା, ତାହା ଅନେକଗୁଡ଼ିଏ ପ୍ରଶ୍ନ ଉଠାଇଲା ଏବଂ ବର୍ତ୍ତମାନ ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବାହୁ ସୁପ୍ରିମ୍‌କୋର୍ଟଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛି ଏହି କାର୍ଯ୍ୟ ଉପରେ ରାୟ ପ୍ରଦାନ କରି ଅନ୍ୟ ବାହୁଟିର କାର୍ଯ୍ୟରେ ରହିଥିବା ତ୍ରୁଟିକୁ ସୁଧାରିବା। ବର୍ତ୍ତମାନ ତାରିଖ ସୁଦ୍ଧା ଯେଉଁ ଭଳି ଭାବରେ ଭୋଟର ଏବଂ ବିରୋଧୀ ଦଳମାନେ, ଯେଉଁମାନେ କି ପ୍ରତିବାଦ ଜାହିର କରିବାକୁ ସେମାନଙ୍କର ସ୍ୱର ଉତ୍ତୋଳନ କରିଛନ୍ତି, ସେମାନଙ୍କ ମନରେ ରହିଥିବା ସନ୍ଦେହ ଏବଂ ସିଇସି ସେମାନଙ୍କର ସାଥୀ କମିଶନରମାନଙ୍କ ମତାମତକୁ ଦଳି ଦେଇ କାର୍ଯ୍ୟ କରିଥିବାର ଖବର ସାମ୍ନାକୁ ଆସିଛି, ତାହା ନିକଟ ଅତୀତରେ ହୋଇ ଯାଇଥିବା ନିର୍ବାଚନଗୁଡ଼ିକର ଫଳାଫଳକୁ ନେଇ ଘୋର ସନ୍ଦେହ ଜାତ କରାଇଛି। ନିର୍ବାଚନଗୁଡ଼ିକ ମିଶ୍ରିତ ଫଳାଫଳ ପ୍ରଦାନ କରିଥିବାରୁ ଇଭିଏମ୍‌ର କାର୍ଯ୍ୟକୁ ନେଇ ଉପୁଜି ଥିବା ସନ୍ଦେହ ବର୍ତ୍ତମାନ ସମୟରେ ଆଉ ନଥିବା ବେଳେ ଏସ୍ଆଇଆର୍ ପ୍ରକ୍ରିୟାକୁ ଆଦୌ ସତ୍ୟତାର ଆଧାର ନଥାଇ ଉତ୍ଥାପନ କରାଯାଇ ନାହିଁ।

ସମ୍ପ୍ରତି ସମ୍ପାଦିତ ଭୋଟର ତାଲିକାରୁ ୧୪ କୋଟି ଭୋଟର, ବା ହାରାହାରି ୧୫ ପ୍ରତିଶତ ଯୋଗ୍ୟ ଭୋଟରଙ୍କ ନାମ କଟିଯିବାର କଥା କହିବା ହୁଏତ ଅତିରଞ୍ଜନ ହୋଇପାରେ, ଏଇ ଦୃଷ୍ଟିରୁ ଯେ ପ୍ରାୟ ୨.୮ କୋଟି ଭୋଟର ହୁଏତ ମୃତ୍ୟୁବରଣ କରିଥାଇ ପାରନ୍ତି ଏବଂ ଏହି ସଂଖ୍ୟାର ପାଖାପାଖି ଦୁଇ ଗୁଣ ଭୋଟର ସେମାନଙ୍କର ଚିହ୍ନିତ ବାସଗୃହରେ କାର୍ଯ୍ୟ ଅନୁଷ୍ଠିତ ହେବା ବେଳେ ଅନୁପସ୍ଥିତ ଥାଇ ପାରନ୍ତି। ତେବେ ଏସ୍ଆଇଆର୍ ପ୍ରକ୍ରିୟା ମୂଳରୁ ତ୍ରୁଟିପୂର୍ଣ୍ଣ ରହିଥିଲା, କାରଣ ଏହା ସେହି ଗଣିତକୁ ଅନୁସରଣ କରିଥିଲା, ଯାହା ଗୋଟିଏ ପଟକୁ ଢଳିବା ଭଳି ମନେ ହେଉଥିଲା, ଯେଉଁଥିରେ କିଛି ଭୋଟରଙ୍କ ନାମକୁ ବାଦ୍ ଦିଆଯିବ ଏବଂ ଏହି ନୀତି ଉପରେ ପର୍ଯ୍ୟବସିତ ନଥିଲା ଯେ କୌଣସି ଯୋଗ୍ୟ ଭୋଟରଙ୍କୁ ମତଦାନ କରିବା ପାଇଁ ରହିଥିବା ତାଙ୍କର ଅଧିକାରରୁ ବଞ୍ଚିତ କରାଯିବ ନାହିଁ। ସମ୍ପ୍ରତି ସୁପ୍ରିମ୍‌କୋର୍ଟଙ୍କୁ ଅନେକଗୁଡ଼ିଏ କଥା ଉପରେ ଆଦେଶ ଦେବାକୁ ପଡ଼ିବ, ଯେଉଁଥିରେ ସର୍ବାଧିକ ଉଲ୍ଲେଖନୀୟ ପ୍ରଶ୍ନଟିଏ ଅବଶ୍ୟ ସାମିଲ ହେବ ଯେ ଇସିଙ୍କୁ ଯେଉଁ ପ୍ରତିରୋଧକ କ୍ଷମତା ପ୍ରଦାନ କରାଯାଇଛି, ତାହା ଆଇନଗତ କି ନୁହେଁ। ଅତୀତରେ ଇସିଙ୍କ ଉପରେ ଅନେକ ସଂଖ୍ୟକ ଆକ୍ରମଣ ସତ୍ତ୍ୱେ ଏହା ତାଙ୍କର ନିରପେକ୍ଷତା ବଜାୟ ରଖିବା ଭଳି କାର୍ଯ୍ୟ କରିଛନ୍ତି, ଯେଉଁଥିପାଇଁ ଭାରତୀୟ ଗଣତନ୍ତ୍ରର ପବିତ୍ରତା ଏକ ବୈଶିଷ୍ଟ୍ୟ ଭାବରେ ରହି ଆସିଛି। ଏହି ସୁନାମକୁ ବର୍ତ୍ତମାନ କେତେଜଣ ଅଧିକାରୀଙ୍କ ପାଇଁ ନଷ୍ଟ ହେବାକୁ ଦିଆଯିବା ଉଚିତ ନୁହେଁ। ୨୦୨୭ ଏବଂ ତା' ଆଗକୁ ନିର୍ବାଚନଗୁଡ଼ିକ ପୂର୍ବରୁ ଯେତେ ଶୀଘ୍ର ସୁପ୍ରିମ୍‌କୋର୍ଟ ନିର୍ବାଚନ କମିଶନଙ୍କ ନିରପେକ୍ଷତା ବଜାୟ ରଖିବା ପାଇଁ ନିଷ୍ପତ୍ତି ନେବେ, ତାହା ଏହି ଗଣତନ୍ତ୍ର ପାଇଁ ସେତେ ଉତ୍ତମ ହେବ।

# ଅନନ୍ୟ ସଂଗ୍ରାମୀ ବିପ୍ଳବୀ ପ୍ରାଣନାଥ



ପ୍ରହଲାଦ କୁମାର ସିଂହ

'କର୍ମ ମାତ୍ର ଧର୍ମ କର୍ମ ହିଁ ଜୀବନ/ କର୍ମକୁ ନବାନ୍ଧେ ଜନ୍ମ ବା ମରଣ/ ଫିଟିଯାଉ ପନ୍ଥା ଦିଶୁ ଲୋକସେବା/ ସେବା ବିନା ନୋହେ କାହାରିଟି କେବା।' ଜାତୀୟତାବାଦୀ କବି କୃଷ୍ଣମୋହନ ପଟ୍ଟନାୟକ ତାଙ୍କ ସୁପୁତ୍ରୀ ମଞ୍ଜରୀଙ୍କ ସହ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ବିବାହ ଅବସରରେ ଭେଟି ଦେଇଥିବା ଏକ ମର୍ମସ୍ପର୍ଶୀ କବିତାର ଏହି କେତୋଟି ପଙ୍କ୍ତି ସୂଚାଇ ଦିଏ ଜୀବନରେ କର୍ମ ଓ ଧର୍ମର ଗୁରୁତ୍ୱକୁ। ୧୯୩୫ ଜୁନ୍ ୨୮ ତାରିଖରେ ନିଆରା ଢଙ୍ଗରେ ଏହି ବିବାହ ସଂପନ୍ନ ହୋଇଥିଲା। ସେତେବେଳକୁ ପ୍ରାଣନାଥଙ୍କ ବୟସ ୩୦ ବର୍ଷ।

ମଣିଷଙ୍କ କାନ୍ଧରେ ସବାର ହୋଇ ପାଲିଙ୍କିରେ ବର ଭାବେ ଆସିବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ ପ୍ରାଣନାଥ। ଚାଲିଚାଲି ଶ୍ୱଶୁର ଘର ଗାଁ ବାଲିପାଟଣା ଥାନା ଅନ୍ତର୍ଗତ ଚଣାହାଟରେ ପହଞ୍ଚି ଥିଲେ ସେ। ମୁଣ୍ଡରେ ମୁକୁଟ କି ବେକରେ ଫୁଲମାଳ ନଥିଲା। ଖଦଡ଼ ଧୋତି ଓ ପଞ୍ଜାବୀ ଖଣ୍ଡେ ପିନ୍ଧି ସେ ଆସିଥିଲେ ବାହା ହେବାକୁ। ତାଙ୍କ ଗୋଡ଼ ଧୋଇବାକୁ ବାରିକକୁ ସେ ସୁଯୋଗ ଦେଇ ନଥିଲେ। ବାହାଘରରେ କିଛି ଯୌତୁକ ବି ନେଇ ନଥିଲେ। ଚଣାହାଟର ଜମିଦାର ତଥା ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସହକର୍ମୀ କୃଷ୍ଣମୋହନ ମନ ଉଣା କରିବାରୁ ଟେବୁଲ ଉପରେ ପଡ଼ିଥିବା ସେ ବର୍ଷର ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା 'ସମାଜ' ଖଣ୍ଡେ ସେ ଆଣିଥିଲେ ଉପହାର ଭାବେ। ତାଙ୍କ ବୈବାହିକ ଜୀବନ ଉପଭୋଗ ପାଇଁ ନୁହେଁ, ସେବା ପାଇଁ ବୋଲି କହିଥିଲେ ନବବଧୂ ମଞ୍ଜରୀଙ୍କୁ। ବାସ୍ତବରେ ପ୍ରାଣନାଥ-ମଞ୍ଜରୀ ଯୋଡ଼ି ସେମାନଙ୍କ ଜୀବନକୁ ସେବା, ସଂଗ୍ରାମ ଓ ସମର୍ପଣର ପଥରେ ଆଗେଇ ନେଇଥିଲେ।

୧୯୦୫ ନଭେମ୍ବର ୧୬ରେ ପ୍ରାଣନାଥଙ୍କ ଜନ୍ମ ପୁରୀ ଜିଲ୍ଲାର କଣାସ ନିକଟବର୍ତ୍ତୀ ଡିମିରି ଗାଁରେ। ବାପା ମଦନମୋହନ ପଟ୍ଟନାୟକ ଓ ମା' ଚିତ୍ରାଦେବୀ। ମାତ୍ର ଅଢ଼େଇ ବର୍ଷ ବୟସରେ ପ୍ରାଣନାଥ ମା'ଛେଉଣ୍ଡ ହୋଇଥିଲେ। ଗାଁ ଚାହାଳିରେ ପାଠପଢ଼ା ପରେ କଣାସ ସ୍କୁଲରୁ ମାଇନର୍ ପାସ୍ କରି ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ। ସେତେବେଳକୁ ତାଙ୍କ ବଡ଼ଭାଇ ଏହି ସ୍କୁଲରେ ଏକାଦଶ ଶ୍ରେଣୀର ଛାତ୍ର। ବଡ଼ଭାଇ ଉଦୟନାଥଙ୍କ ସହପାଠୀ ଥିଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ। କାଳିନ୍ଦୀଙ୍କ ସାନଭାଇ ଭଗବତୀ ଚରଣ ପାଣିଗ୍ରାହୀ ପ୍ରାଣନାଥଙ୍କ ତଳ ଶ୍ରେଣୀରେ ପଢୁଥିଲେ। ସେଇଠୁ ପ୍ରାଣନାଥ ଓ ଭଗବତୀଙ୍କ ଯୋଡ଼ି ଜମିଥିଲା। ୧୯୨୦ର ଅସହଯୋଗ ଆନ୍ଦୋଳନ କାଳରେ ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଭଗବତୀ ଓ ପ୍ରାଣନାଥ ଧର୍ମଘଟ କରିବା ସହ ପାଠପଢ଼ା ଛାଡ଼ିଥିଲେ। ପରେ ପୁଣି ସେମାନଙ୍କ ପାଠପଢ଼ା ଭିନ୍ନ ଭାବେ ଆରମ୍ଭ ହୋଇଥିଲା। ଶ୍ରୀକ୍ଷେତ୍ର ପୁରୀରେ ପ୍ରାଣନାଥ ଆସିଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂସ୍ପର୍ଶରେ। ଏଇଠି ତାଙ୍କର ମନ ସଂପୂର୍ଣ୍ଣ ଭାବେ ଦେଶସେବା ପାଇଁ ବଦଳିଗଲା। ୧୯୨୧ରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ ପୁରୀରେ ସ୍ୱେଚ୍ଛାସେବକ ଭାବେ କାମ କରୁଥିଲେ ପ୍ରାଣନାଥ। ସେତେବେଳେ ପଡ଼ିଥିବା ଦୁର୍ଭିକ୍ଷର ଦାରୁଣ ଦୃଶ୍ୟ ସେ ସ୍ୱଚକ୍ଷୁରେ ଦେଖିଥିଲେ। ମାଟ୍ରିକ୍ ପାସ୍ କରିବା ପରେ ଉଚ୍ଚଶିକ୍ଷା ଲାଗି ସେ ରେଭେନ୍ସା କଲେଜ୍‌ରେ ଭର୍ତ୍ତି ହୋଇଥିଲେ। ୧୯୨୮ରେ ସାଇମନ୍ କମିଶନ ବିରୋଧରେ ହୋଇଥିବା ଆନ୍ଦୋଳନରେ ଲାଲା ଲାଜପତ୍ ରାୟ ଲାଠିମାଡ଼ ଖାଇ ସହିଦ ହେଲେ। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ସେତେବେଳେ ପ୍ରାଣନାଥଙ୍କ ନେତୃତ୍ୱରେ ରେଭେନ୍ସା କଲେଜ୍‌ର ଛାତ୍ରମାନେ ଶ୍ରେଣୀ ବର୍ଜନ କରିବା ସହିତ ଓଳିଏ ଖାଇବା ବନ୍ଦ କରି ସେ ବାବଦ ଅର୍ଥ ଲାଲାଜୀ ସ୍ମୃତି ପାଣ୍ଠି ପାଇଁ ପଠାଇଥିଲେ।

୧୯୩୦ରେ ଲବଣ ସତ୍ୟାଗ୍ରହ ସମୟରେ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ କଟକରୁ ସତ୍ୟାଗ୍ରହୀମାନେ ପଦଯାତ୍ରାରେ ଇଞ୍ଚୁଡ଼ି ଅଭିମୁଖେ ବାହାରିବା ବେଳେ ପ୍ରାଣନାଥଙ୍କ ନେତୃତ୍ୱରେ ଛାତ୍ରମାନେ ଭାବ ବିହ୍ୱଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେତେବେଳକୁ ସେ ଖଦି ପିନ୍ଧୁଥାନ୍ତି ଓ ମଦ ଦୋକାନ ଆଗରେ ପିକେଟିଂ କରି ଗିରଫ ହେବାର ସୌଭାଗ୍ୟ ଲାଭ କରିଥାନ୍ତି। ଏହା ପରେ ତାଙ୍କ କର୍ମକେନ୍ଦ୍ର ହୋଇଗଲା ପୁରୀ। ୧୯୩୦ ଓ ୧୯୩୨ରେ ପ୍ରାଣନାଥ ଅନ୍ୟୂନ ୪ ଥର ଗିରଫ ହୋଇଥିଲେ। ସେ କାଶୀ ନଗରୀରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କଠାରୁ ଶିକ୍ଷା ଗ୍ରହଣ କରି ଶାସ୍ତ୍ରୀ ଉପାଧି ଧାରଣ କରିବାର ସୌଭାଗ୍ୟ ପାଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସେ କଂଗ୍ରେସର ସଦସ୍ୟତା ମଧ୍ୟ ଗ୍ରହଣ କରିଥିଲେ। ସେତେବେଳେ ଅନ୍ୟତମ ବିପ୍ଳବୀ ନବକୃଷ୍ଣ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ ସଂଘ ଗଢ଼ା ଯାଇଥିଲା ଓ ଏହି ସଂଘ ପକ୍ଷରୁ ସାରଥି ନାମରେ ଏକ ପତ୍ରିକା ବି ପ୍ରକାଶ ପାଉଥିଲା। ୧୯୩୪ ଜୁନ୍ ୫ ତାରିଖରେ କଟକ ସନ୍‌ସାଇନ୍ ପଡ଼ିଆ ନିକଟବର୍ତ୍ତୀ ଚୌଧୁରୀ ନିବାସରେ ଏହି ସାମ୍ୟବାଦୀ ଗୋଷ୍ଠୀଙ୍କର ପ୍ରଥମ ସମ୍ମିଳନୀ ହୋଇଥିଲା, ଯେଉଁଥିରେ ପ୍ରାଣନାଥ, ଭଗବତୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କଂଗ୍ରେସ ସୋସାଲିଷ୍ଟ ସମ୍ମିଳନୀରେ ସେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇଥିଲେ। ପୁରୀର ମେହନ୍ତରମାନଙ୍କଠାରୁ କଲିକତାର ରେଳବାଇ ଶ୍ରମିକ ଏବଂ ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳରେ କୃଷକମାନଙ୍କୁ ସଂଗଠିତ କରି ପ୍ରାଣନାଥ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥିଲେ। ବିଶେଷକରି ଖୋର୍ଦ୍ଧାର ଓଳସିଂ ଅଞ୍ଚଳରେ ଚାଷୀ ଆନ୍ଦୋଳନ ଚଳାଉଥିବା ପ୍ରାଣନାଥଙ୍କୁ ଲଙ୍ଗଳ ଚୋରି ମିଛ ମାମଲାରେ ଛନ୍ଦି ପୁଲିସ ଜେଲ୍ ପଠାଇ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ହୋଇଥିବା ପ୍ରଥମ ବିଧାନସଭା ନିର୍ବାଚନରେ ସେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେତେବେଳେ ନିର୍ବାଚନ ଲଢ଼ିବା ପାଇଁ ତାଙ୍କ ପାଖରେ ଥିଲା ମାତ୍ର ୫ ଅଣା ପଇସା। ଲୋକ ସମର୍ଥନ ସହିତ



ପୁଣ୍ୟତିଥି ଅବସରରେ

ପଣ୍ଡିତ ଜବାହରଲାଲ ନେହରୁ, ପଣ୍ଡିତ ନୀଳକଣ୍ଠ, ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ ପ୍ରମୁଖଙ୍କ ନିର୍ବାଚନୀ ସଭା ଯୋଗୁ ତାଙ୍କର ବିଜୟ ସହଜ ହୋଇଥିଲା। ସେ ସମୟରେ ଚାଷୀ ମୂଲିଆ ଆଦିଙ୍କୁ ଶୋଷଣ ମୁକ୍ତ କରିବା ଲାଗି ଅନେକ ଆଇନ୍ ପ୍ରଣୀତ ହୋଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ବିରୋଧ କରିବା ଲାଗି ଗାନ୍ଧିଜୀ ଆରମ୍ଭ କଲେ ବାଣୀ ସତ୍ୟାଗ୍ରହ। ଏଥିପାଇଁ ଓଡ଼ିଶାରୁ ଯେଉଁ ୨୭ ଜଣ ସତ୍ୟାଗ୍ରହୀଙ୍କ ନାମ ଗାନ୍ଧିଜୀ ତାଲିକାଭୁକ୍ତ କରିଥିଲେ ସେମାନଙ୍କ ଭିତରେ ପ୍ରାଣନାଥ ଥିଲେ ଅନ୍ୟତମ। ବାଣୀ ସତ୍ୟାଗ୍ରହରେ ଗିରଫ ହେବା ପରେ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରି ତାଙ୍କୁ ପୁଣି କାରାବରଣ କରିବାକୁ ପଡ଼ିଥିଲା। ବିଧାୟକ ଥାଇ ସେ ଗଢ଼ି ତୋଳିଥିଲେ ଦୁର୍ବାର କୃଷକ ଆନ୍ଦୋଳନ ଯେଉଁଠି ସ୍ଲୋଗାନ୍ ଦିଆ ଯାଉଥିଲା- 'ଲଙ୍ଗଳ ଯା'ର, ଜମି ତା'ର, ଜମିଦାରୀ ଧ୍ୱଂସ ହେଉ- ପ୍ରକୃତ ଚାଷୀ ଜମି ପାଉ, ବେଠି ବେଗାରୀ ଲୋପ ପାଉ, ମଠ ଧନ କୋଠ ହେଉ' ଇତ୍ୟାଦି। ସେତେବେଳେ ଢେଙ୍କାନାଳ, ତାଳଚେର, ନୀଳଗିରି, ନୟାଗଡ଼, ରଣପୁର, ଖଣ୍ଡପଡ଼ା, ଦଶପଲ୍ଲା, ଆଠଗଡ଼ ଆଦି ଗଡ଼ଜାତରେ ଚାଲିଥିବା ପ୍ରଜା ଆନ୍ଦୋଳନରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ୧୯୪୦ ମସିହାରେ ସେ କାରାରୁଦ୍ଧ ଥିବାବେଳେ ତାଙ୍କ ଶ୍ୱଶୁର କୃଷ୍ଣମୋହନ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଲା। ଏହାର କିଛି ଦିନ ପରେ ବିପ୍ଳବୀ ସାଥୀ ଭଗବତୀ ଚରଣ ପାଣିଗ୍ରାହୀ ମାତ୍ର ୩୪ ବର୍ଷ ବୟସରେ କାରାରୁଦ୍ଧ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ଘଟଣା କାରାରୁଦ୍ଧ ପ୍ରାଣନାଥଙ୍କ ପ୍ରାଣକୁ ବାଧିଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶାରେ କମ୍ୟୁନିଷ୍ଟ ଦଳର ପ୍ରତିଷ୍ଠାତାମାନଙ୍କ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ଥିଲେ ଅନ୍ୟତମ। ସାମ୍ୟବାଦୀ ପତ୍ରିକା ନୂଆ ଦୁନିଆ ଓ ନବଜୀବନର ମଧ୍ୟ ସଂପାଦନା ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ବି ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇ ସେ ଅନ୍ୟୂନ ୪ ଥର କାରାବରଣ କରିଥିଲେ। ସରକାରଙ୍କ ଉପରେ ନିର୍ଭର ନକରି ଲୋକେ ନିଜେ ନିଜର କିଭଳି ସୁରକ୍ଷା କରି ପାରିବେ, ସେଥିପାଇଁ ଯେଉଁ ଶ୍ରମଦାନ କାର୍ଯ୍ୟକ୍ରମ ହୋଇଥିଲା, ତାହାର ସ୍ୱାକ୍ଷର ଦେଖାଯାଏ ପଟିଆ ବନ୍ଧ ଓ କେତକୀ ଝରେ ବନ୍ଧରେ। ଏହାଛଡ଼ା ଜଟଣୀ ଓ ଖୋର୍ଦ୍ଧାରେ ସେ ଦୁଇଟି ହାଇସ୍କୁଲ ଜନସାଧାରଣଙ୍କ ସହଯୋଗରେ ପ୍ରତିଷ୍ଠା ସହ ଅନେକ ଜନକଲ୍ୟାଣକାରୀ କାମ କରିଥିଲେ।

୧୯୫୭ ମସିହାରେ କମ୍ୟୁନିଷ୍ଟ ପ୍ରାର୍ଥୀ ଭାବେ ସେ ଖୋର୍ଦ୍ଧାରୁ ପୁଣି ନିର୍ବାଚିତ ହେଲେ। ଏଥର ଅନ୍ୟାନ୍ୟ କାମ ସହିତ ତାଙ୍କର ଅବଦାନ ଥିଲା ଖୋର୍ଦ୍ଧାରେ କଲେଜ୍ ପ୍ରତିଷ୍ଠା। ଏଥିପାଇଁ ଖୋର୍ଦ୍ଧା ହାଇସ୍କୁଲରେ ୧୯୫୮ରେ ଅସ୍ଥାୟୀ ଭାବେ ଖୋର୍ଦ୍ଧା କଲେଜ୍ ଆରମ୍ଭ ହେଲା। ପରେ ପ୍ରାଣନାଥବାବୁଙ୍କ ଉଦ୍ୟମକ୍ରମେ ବରୁଣେଇ ପାହାଡ଼ ପାଦଦେଶରେ ୭୫ ଏକର ସରକାରୀ ଜମି ଏଥିପାଇଁ ପଟ୍ଟା ମିଳିଲା। ୧୯୫୯ ଜୁଲାଇ ୧୯ ତାରିଖରେ ଖୋର୍ଦ୍ଧା କଲେଜ୍ ଉଦ୍‌ଘାଟିତ ହେଲା। ଖୋର୍ଦ୍ଧାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାଣନାଥ ଯେଉଁ ପରିକଳ୍ପନା କରିଥିଲେ, ତାହା ଅଧୁରା ରହିଗଲା ଅସମୟରେ ତାଙ୍କ ଦେହାନ୍ତ ଯୋଗୁଁ। ତେବେ ପରବର୍ତ୍ତୀ ସମୟରେ ଖୋର୍ଦ୍ଧା କଲେଜ୍ ପ୍ରାଣନାଥଙ୍କ ନାମରେ ନାମିତ ହେଲା। ୧୯୬୦ ଦଶକରେ କଳାହାଣ୍ଡି ଦୁର୍ଭିକ୍ଷ ବେଳେ ତାଙ୍କର ସମର୍ପିତ ସେବା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

୧୯୭୦ରେ ବେଗୁନିଆ-ବାଘମାରୀ ଅଞ୍ଚଳରେ ଗାଁକୁ ଗାଁ ତାଙ୍କର ପଦଯାତ୍ରା ୭୦ ଦିନ ଧରି ଚାଲିଥିଲା। ଏହାପରେ ସେ ଅସୁସ୍ଥ ହୋଇ ପଡ଼ିଲେ। ଖୋର୍ଦ୍ଧା-ଭୁବନେଶ୍ୱରରେ ଚିକିତ୍ସା ପରେ ସେ ଗଲେ ତାଙ୍କ ବଡ଼ପୁଅଙ୍କ ପାଖରେ କଲିକତାରେ ଚିକିତ୍ସିତ ହେବା ପାଇଁ। ଡାକ୍ତର କହିଲେ, ଶରୀରର ଯତ୍ନ ନ ନେବାରୁ ତାଙ୍କ ଯକୃତ ଖରାପ ହୋଇଯାଇଛି। ଖବର ପାଇ ଗୁରୁଚରଣ ପଟ୍ଟନାୟକ ଓ ଦୁର୍ଗାଚରଣ ମହାନ୍ତି ତାଙ୍କୁ ଭେଟିବାକୁ କଲିକତା ଯାଇଥିଲେ। ସେତେବେଳକୁ ସେ କର୍ମଭୂମି ଖୋର୍ଦ୍ଧାକୁ ଫେରିବାକୁ ବ୍ୟାକୁଳ ଥାଆନ୍ତି। ଏମିତିକି ଅକ୍ଟୋବର ୧୫ରେ ଖୋର୍ଦ୍ଧାରେ ପହଞ୍ଚିବେ ବୋଲି ଖବର ଦେଇଥିଲେ ମଧ୍ୟ। ତେବେ ୧୯୭୦ ଅକ୍ଟୋବର ୫ ତାରିଖରେ କଲିକତାର ଡାକ୍ତରଖାନାରେ ତାଙ୍କର ଦେହାନ୍ତ ହେଲା। ଗଙ୍ଗା କୂଳରେ ବିଦ୍ୟୁତ୍ ଚୁଲାରେ ତାଙ୍କର ଶେଷ ସଂସ୍କାର କରାଯିବା ପରେ ତାଙ୍କ ଚିତାଭସ୍ମ ଖୋର୍ଦ୍ଧାରେ ସଂଯୋଗକ୍ରମେ ପହଞ୍ଚି ଥିଲା ଅକ୍ଟୋବର ୧୫ ତାରିଖରେ। ସେଦିନ ହଜାର ହଜାର ଲୋକ ଚିତାଭସ୍ମ ଦର୍ଶନ ପାଇଁ ଏକାଠି ହୋଇଥିଲେ। ସେବା ଓ ସଂଗ୍ରାମରେ ପରିପୂର୍ଣ୍ଣ ଏକ ଦିବ୍ୟ ଜୀବନର ଅବସାନ ଘଟିଲା। ଏବେ ବି ବିପ୍ଳବୀ ପ୍ରାଣନାଥ ଅନେକଙ୍କ ମନ-ପ୍ରାଣରେ ଅମର ହୋଇ ରହିଛନ୍ତି।

**ମୋ: ୯୪୩୭୦୧୭୩୯୫**
https://gandhibichar.com/

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ

**ଫୁଲନଖରା,୪।୧୦/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମୋତ୍ସବ ଉପଲକ୍ଷେ ସେବା ସପ୍ତାହ ପାଳନ ଅବସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇଁଶୋ ପଞ୍ଚାୟତ ସରପଞ୍ଚ ସରୋଜ ମହାପାତ୍ର, ବିଜେପି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟକୁମାର ସ୍ୱାଇଁ, ରାଜକିଶୋର ଜେନା, ଅଶୋକ ସାହୁ, ଦୁର୍ଗା ରଥ, ଆଲୋକ ଗଜେନ୍ଦ୍ର ଓ ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ଡାକ୍ତରଖାନା ପରିସରରେ ଚାରା ରୋପଣ କରିଥିଲେ। ପରେ କର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ବିଷୟରେ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତଙ୍କ ସହ ଆଲୋଚନା କରିଥିଲେ।

### ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହ

# ଚରିତ୍ର ଗଠନ, ଦାୟିତ୍ୱବୋଧରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି: ରାଜ୍ୟପାଳ

**ଖୋର୍ଦ୍ଧା,୪।୧୦/ଏନ୍ଏନ୍ଏସ୍:** ଶିକ୍ଷା କେବଳ ଜୀବିକା ନିର୍ବାହ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ନୁହେଁ, ବରଂ ଚରିତ୍ର ଗଠନ, ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏହି ଐତିହାସିକ ଅବସର ଶିକ୍ଷା, ଚରିତ୍ର ଗଠନ ଓ ସେବାର ଦୀର୍ଘ ପରମ୍ପରାକୁ ସ୍ମରଣ କରିବାର ଅବସର। ଏହି ଶିକ୍ଷାନୁଷ୍ଠାନ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ସହ ଓଡ଼ିଶାର ବୌଦ୍ଧିକ ଓ ସାମାଜିକ ବିକାଶରେ ଅବଦାନ ରଖିଛି ବୋଲି କହିଥିଲେ। ଅନୁଷ୍ଠାନର ନାମ ଓ ଏହାର ଅବସ୍ଥିତିର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ବକ୍ସି ଜଗବନ୍ଧୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମୟର ପରିବର୍ତ୍ତନ ସହ ଶିକ୍ଷା ବ୍ୟବସ୍ଥାରେ



ପରିବର୍ତ୍ତନ ଆବଶ୍ୟକ ହେଲେ ମଧ୍ୟ ଏହା ମୂଲ୍ୟବୋଧ ସହ ଜଡ଼ିତ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ରେ ସାମଗ୍ରିକ ଓ ଅନୁଭୂତିଭିତ୍ତିକ ଶିକ୍ଷା, ସୂକ୍ଷ୍ମ ଚିନ୍ତନ, ବୃତ୍ତିଗତ ଶିକ୍ଷା, ଡିଜିଟାଲ ସାକ୍ଷରତା, ଭାରତୀୟ ଜ୍ଞାନ ପରମ୍ପରା, କଳା, କ୍ରୀଡ଼ା ଓ ଜୀବନ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖସ୍ଥ ଶିକ୍ଷାରୁ ଜିଜ୍ଞାସା, ସୃଜନଶୀଳତା, ଦକ୍ଷତା ଓ ଚରିତ୍ର ଗଠନ ଦିଗରେ ଏହି ପରିବର୍ତ୍ତନ ବିଦ୍ୟାଳୟର ଘଉଡ, ସ୍କାଉଟ୍ସ, କ୍ରୀଡ଼ା ଓ ନୈତିକ ଶିକ୍ଷା ଉପରେ ଥିବା ଗୁରୁତ୍ୱ ସହ ସମନ୍ୱିତ ବୋଲି ସେ କହିଥିଲେ। ସମାରୋହରେ ବିଦ୍ୟାଳୟର ଚାରିଜଣ ବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ପତ୍ରିକା 'ଅବକାଶ-୧୨୫' ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସମ୍ବାଦ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି ଏବଂ ଆୟୋଜକ ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୁମିନି ଆସୋସିଏସନ୍‌ର ମୁଖ୍ୟ ସଂଯୋଜକ ବି. କେ. ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉତ୍ସବ କମିଟିର ସଭାପତି ପ୍ରଫେସର (ଡ.) ନାରାୟଣ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟମନ୍ଦିର ବୁଲିଲେ ନାଗାଲାଣ୍ଡର ରାଜ୍ୟପାଳ



**କୋଣାର୍କ,୪।୧୦/ଏନ୍ଏନ୍ଏସ୍:** ନାଗାଲାଣ୍ଡର ରାଜ୍ୟପାଳ ନନ୍ଦକିଶୋର ଯାଦବ ରବିବାର ପୂର୍ବାହ୍ନରେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅର୍କକ୍ଷେତ୍ର କୋଣାର୍କରେ ପହଞ୍ଚି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପୂର୍ବରୁ ଉପସ୍ଥିତ ଥିବା ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ୍, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ଓ ସୁଶିଲ ମିଶ୍ର, ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ, କୋଣାର୍କ ଥାନାଧିକାରୀ ପ୍ରଶାନ୍ତ ପଡିହାରୀ, ଗୋପ ବିଡିଓ ସୂର୍ଯ୍ୟଶଙ୍କର ଦାସ ପ୍ରମୁଖ ସ୍ୱାଗତ ଜଣାଇ ପାଛୋଟି ନେଇଥିଲେ। ରାଜ୍ୟପାଳ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯାଇ ବୁଲି ଦେଖିଥିଲେ। ଜିଲ୍ଲା ପ୍ରଶାସନ ଦ୍ୱାରା ନିଯୁକ୍ତ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ଗାଇଡ୍ ବିଶେଶ୍ୱର ଦାସ ସୂର୍ଯ୍ୟମନ୍ଦିର ଐତିହାସିକ ତଥ୍ୟ ଟିକିନିଖି ବୁଝାଇ ବୁଲାଇ ଦେଖାଇଥିଲେ। ସୂର୍ଯ୍ୟମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟଗୁଡିକ ଦେଖି ଭାବବିହ୍ୱଳ ହୋଇପଡିଥିଲେ ରାଜ୍ୟପାଳ ଶ୍ରୀ ଯାଦବ। ମନ୍ଦିରରେ କିଛି ସମୟ ଅତିବାହିତ କରିସାରିବା ପରେ ସେ ପୁରୀ ଅଭିମୁଖେ ଫେରିଯାଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ଅଫିସର ସ୍ୱରାଜ କେଶରୀ ସିଂଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ନୀଳମାଧବ ମନ୍ଦିରରେ ଲିଫ୍ଟ ସେବା ଅଚଳ, ଚୌକିରେ ବୁହାହେଲେ ଶ୍ରଦ୍ଧାଳୁ

**କଣ୍ଟିଲୋ,୪।୧୦/ଏନ୍ଏନ୍ଏସ୍:** ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ପ୍ରଭୁ ଶ୍ରୀନୀଳମାଧବ ଜିଉଙ୍କ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ନିର୍ମିତ ଲିଫ୍ଟ ସେବାର ଆଉ ଏକ ଦୁଃଖଦ, ନିନ୍ଦନୀୟ ଓ ପ୍ରଶାସନର ଅପାରଗତା ଘଟଣା ଲୋକଲୋଚନକୁ ଆସିଛି। ମନ୍ଦିରର ଲିଫ୍ଟ ସେବା ଅଚଳ ହୋଇପଡ଼ିଥିବା ଯୋଗୁ ଜଣୈକା ମହିଳା ଶ୍ରଦ୍ଧାଳୁଙ୍କୁ ଏକ କାଠଚୌକି ସାହାଯ୍ୟରେ ବୁହାଯାଇ ମନ୍ଦିର ନିଆଯିବା ଦେଖିବାକୁ



ମିଳିଛି। ସୂଚନାରୁ ପ୍ରକାଶ ଯେ, ପ୍ରାୟ ଦେଢ଼ବର୍ଷ ପୂର୍ବରୁ ମହାମହିମ ରାଷ୍ଟ୍ରପତିଙ୍କ ନୀଳମାଧବ ଦର୍ଶନ ସମୟେ ଲିଫ୍ଟ ସେବା କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ ତା' ପରଠାରୁ ଆଜି ସୁଦ୍ଧା ଲିଫ୍ଟ ସେବା ଯୋଗାଇବା ପାଇଁ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଓବିସିସି ବିଭାଗ ଓ ଦେବୋତ୍ତର ବିଭାଗର ମଧୁଚନ୍ଦ୍ରିକା ଯୋଗୁ ଆଜିକା ଦିନରେ ବରିଷ୍ଠ ପର୍ଯ୍ୟଟକ, ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତା ଲିଫ୍ଟ ସେବା ନ ପାଇ କାଠ ଚଉକିରେ ବୁହାହୋଇ ଯାଉଥିବା ଦେଖିବାକୁ ମିଳିଛି। ଲିଫ୍ଟ ବନ୍ଦ ଥିବା ହେତୁ ଜଣେ ୭୪ ବର୍ଷର ମହିଳା ଶ୍ରଦ୍ଧାଳୁ ଅସନ୍ତୋଷ ହୋଇ ଫେରିଯିବାକୁ ବସିଥିବା ବେଳେ ସ୍ଥାନୀୟ କିଛି ଯୁବକ ତାଙ୍କୁ ଏକ କାଠ ଚଉକିରେ ବସାଇ ଦୋଳାକରି ଟେକି ଟେକି ନେଇ ଶ୍ରୀଜିଉଙ୍କ ଦର୍ଶନ କରାଇଥିଲେ ଏବଂ ପୁଣି ପାହାଚ ତଳକୁ ଟେକି ଟେକି ଆଣିଥିବାର ନିନ୍ଦନୀୟ ଦୃଶ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଲିଫ୍ଟ ସମ୍ପୂର୍ଣ୍ଣ ଭାବେ ସେବା ଉପଯୋଗୀ ହୋଇ ରହିଥିଲେ ମଧ୍ୟ କାହିଁକି ସର୍ବସାଧାରଣ ଜନତା, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ପର୍ଯ୍ୟଟକଙ୍କ ପାଇଁ କାର୍ଯ୍ୟକାରୀ ହେଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଥାଶୀଘ୍ର ଲିଫ୍ଟ ସେବା କାର୍ଯ୍ୟକ୍ଷମ କରିବା ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଦାବି କରିଛନ୍ତି।

## ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୪।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ମେଣ୍ଟ ଅଂଶୀଦାର ଦଳ ନେତାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଦାବି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପିସିସି ସାଧାରଣ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ସମ୍ପାଦକ ବିଭୁ ମିଶ୍ର, ସିପିଆଇ(ଏମ୍) ପକ୍ଷରୁ ଜିଲ୍ଲା ସଂଯୋଜକ ଗିରିଶ ମହାରଣା, ସିପିଆଇ ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ, ସିପିଆଇ(ଏମ୍) ନେତା ଅନନ୍ତ ମଙ୍ଗରାଜ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ବରିଷ୍ଠ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ପିସିସି ସାଧାରଣ ସମ୍ପାଦକ ଲଳିତ ଶତପଥୀ, ପିସିସି ସମ୍ପାଦକ ଅଶୋକ ମଙ୍ଗରାଜ, ସଦାଶିବ ମହାପାତ୍ର, ସୁରେଶ ବରାଳ, ଅମିତ୍ ମହାନ୍ତି, ଯୁବ କଂଗ୍ରେସ କାର୍ଯକାରୀ ସଭାପତି ସୌମ୍ୟ ବରାଳ, ଜିଲ୍ଲା ଉପସଭାପତି ଗଣ, ଜିଲ୍ଲା ସାଧାରଣ ସମ୍ପାଦକ ଗଣ, ଜିଲ୍ଲା ସମ୍ପାଦକ ଗଣ, ସମସ୍ତ ବ୍ଲକ୍ ସଭାପତି, ମ୍ୟୁନିସିପାଲିଟୀ ସଭାପତି, ଏନଏସି ସଭାପତି, ସମେତ ବିଭିନ୍ନ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଖୋର୍ଦ୍ଧା ନଗର ସଭାପତି ରଞ୍ଜିତ ମହାପାତ୍ର ଧନ୍ୟବାଦ ଜଣାଇଥିଲେ। ବୈଠକରେ ଉପସ୍ଥିତ ନେତାମାନେ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ତୃଣମୂଳସ୍ତରରେ ବ୍ୟାପକ ପ୍ରଚାର ଓ ଜନସମ୍ପର୍କ ଅଭିଯାନ ପାଇଁ ଆହ୍ୱାନ ଦେଇଥିଲେ।

## ଟେଟ୍ରାହେଡ୍ରନ୍ କଲେଜର ଅଧ୍ୟକ୍ଷ ସମାଜ ପାଇଁ ପ୍ରେରଣାଦାୟୀ ଉଦାହରଣ



**ଟାଙ୍ଗୀ,୪।୧୦/ଏନ୍ଏନ୍ଏସ୍:** ମଣିଷ ନିଜ କର୍ମ ନେଇ ବଡ଼ ହୋଇଥାଏ। ନା ଗର୍ବ ନା ଅହଂକାରରେ ସାଧା ସିଧା ମଣିଷ ଭଳି ଅନ୍ୟର ଦୁଃଖ ସମୟରେ ଦେବଦୂତ ସାଜିଥାନ୍ତି। ସେ ଭଳି ନିଆରା ମଣିଷ ହେଉଛନ୍ତି ଟେଟ୍ରାହେଡ୍ରନ୍ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା ସମାଜ ପାଇଁ ଏକ ପ୍ରେରଣାଦାୟୀ। ନିଜର ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ମନୋଭାବ ପାଇଁ ସେ ଆଜି ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ସାଜିଛନ୍ତି। ନିଜସ୍ୱ ଉଦ୍ୟମରେ ଅନେକ ଜନହିତକାରୀ କାର୍ଯ୍ୟକରିବା ସହ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଅକ୍ଟୋବର ୨ ତାରିଖରୁ ଆରମ୍ଭ କରିଥିବା ବେଳେ ଶ୍ରୀ ବେହେରା ଆଜି ଟାଙ୍ଗୀ ଚୌଦ୍ୱାର ବ୍ଲକ ପରିସରକୁ ସଫାସୁତୁରା କରି ପ୍ରମାଣିତ କରିଛନ୍ତି ଯେ ସ୍ୱଚ୍ଛତା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏହା ନିଜର ଏକ କର୍ତ୍ତବ୍ୟ, ନିଜସ୍ୱ ଉଦ୍ୟମ ଓ ଦାୟିତ୍ୱବୋଧ। ଶ୍ରୀ ବେହେରା ଆଜି ସକାଳ ସମୟରେ ବ୍ଲକ ପରିସରରେ ପହଞ୍ଚି ନିଜେ ଝାଡୁ ଓ ଅନ୍ୟାନ୍ୟ ସଫେଇ ସାମଗ୍ରୀ ଧରି ବ୍ଲକ ପରିସରକୁ ସଫା କରିବାକୁ ଆଗେଇ ଆସିଥିଲେ। ତାଙ୍କର ଏହି କାର୍ଯ୍ୟ ଦ୍ୱାରା ବ୍ଲକର ପରିବେଶ ସୁନ୍ଦର ଓ ସ୍ୱଚ୍ଛ ହୋଇପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଆକାଶ ପାତ୍ର, ସମାଜସେବୀ ଅମୂଲ୍ୟ କୁମାର ବେହୁରା, ଟାଙ୍ଗୀ ମଣ୍ଡଳ ସଭାପତି ହୃଷିକେଶ ସାମଲ, ଜିତେନ୍ଦ୍ର ସାହୁ, କପିଳେନ୍ଦ୍ର ସାହୁ, ବିଶ୍ୱଜିତ୍ ଅଞ୍ଚଳ ପ୍ରମୁଖ ଯୋଗଦେଇ ବ୍ଲକ ଚାରିପାଖକୁ ସଫା କରିଥିଲେ। ଏହି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ।

## ପୁରୀରେ ପିସିସି ସଭାପତିଙ୍କ ନିର୍ବାଚନୀ ପ୍ରସ୍ତୁତି ବୈଠକ

**ପୁରୀ,୪।୧୦/ଏନ୍ଏନ୍ଏସ୍:** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ଆଗାମୀ ଦିନରେ ଦଳର ସାଂଗଠନିକ କାର୍ଯ୍ୟକ୍ରମ ଓ ନିର୍ବାଚନୀ ପ୍ରସ୍ତୁତି ନେଇ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ, ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛି। ମହାପ୍ରଭୁଙ୍କ ଆଶୀର୍ବାଦରେ ୨୦୨୯ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ତେବେ କଂଗ୍ରେସ ଯାହା କହେ, ତାହା କରି ଦେଖାଏ। ଆଗାମୀ



ଦିନରେ ଓଡ଼ିଶାର ଘରେ ଘରେ କଂଗ୍ରେସର ପତାକା ଉଡ଼ିବ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ମଧ୍ୟ ଶ୍ରୀ ଦାସ ମତ ରଖିଥିଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନିର୍ବାଚନ ପୂର୍ବରୁ ପଦରୁ ଇସ୍ତଫା ଦେବା ଆବଶ୍ୟକ ବୋଲି ସେ ଦାବି କରିଥିଲେ। ଏହି ଦାବି ସମେତ ବିଭିନ୍ନ ଗଣତାନ୍ତ୍ରିକ ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଆସନ୍ତା ଅକ୍ଟୋବର ୮ ତାରିଖରେ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଥିବା ସେ ସୂଚନା ଦେଇଥିଲେ। ଶ୍ରୀମନ୍ଦିର ଦର୍ଶନ ପରେ ପିସିସି ସଭାପତିଙ୍କ ପୁରୀ ଗସ୍ତକୁ ନେଇ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବା ସହ ସଂଗଠନକୁ ଘରେ ଘରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦଳୀୟ ନେତାମାନେ ପ୍ରକାଶ କରିଥିଲେ। ଅକ୍ଟୋବର ୮ତାରିଖରେ ପ୍ରସ୍ତାବିତ 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ଦଳ ପକ୍ଷରୁ କର୍ମୀ ଓ ସମର୍ଥକମାନଙ୍କୁ ଆହ୍ୱାନ ଦିଆଯାଇଛି।

## ଶ୍ରୀ ହନୁମାନ କାଠି ଦିଅଁଙ୍କ ନିଆରା ପୂଜା ଉତ୍ସବ

**ଖଣ୍ଡପଡ଼ା,୪।୧୦/ଏନ୍ଏନ୍ଏସ୍:** ଗଡ଼ଜାତ ଖଣ୍ଡପଡ଼ାରେ ଶ୍ରୀ ହନୁମାନ କାଠି ଦିଅଁଙ୍କ ପୂଜା ପର୍ବ ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଅଞ୍ଚଳରେ ଏକ ନିଆରା ପର୍ବ ଭାବେ ପାଳିତ ଏହି ପରମ୍ପରା ଗତ ୩୦୦ ବର୍ଷ ଧରି ରାଜରାଜୁଡ଼ା ଅମଳରୁ ପ୍ରଚଳିତ ହୋଇ ଆସୁଥିବା ଜଣାପଡିଛି। ଏ ଅବସରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦିଅଁଙ୍କୁ ଦର୍ଶନ କରିବା ସହ ପରିବାରର ମଙ୍ଗଳ ମନାସି ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁସାରେ ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପୂଜା ପାଉଥିବା କାଠି ଦିଅଁଙ୍କୁ ସ୍ଥାନୀୟ ଗଡ଼ ଭିତରସାହିର ସେବାୟତମାନେ ନିକଟସ୍ଥ ଖଳିସାହି ପ୍ରଭୁ ତୋଟା ହନୁମାନଙ୍କ ପୀଠକୁ ସନ୍ଧ୍ୟା ସମୟରେ ନେବା ପରେ ସେଠାରେ ଷୋଡ଼ଶ ଉପଚାରରେ ଶ୍ରୀହନୁମାନ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବିଗ୍ରହଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତି ହେବା ପରେ ସେବାୟତମାନେ ମନ୍ଦିର ପରିସରରୁ ଏକ ବିରାଟ ପାଟ ପାଟୁଆରରେ କାଠି ଦିଅଁଙ୍କୁ ଧରି ଖଳିସାହି, ଇଚ୍ଛାପୁର ଓ ବରଡାବାରୀ ଗ୍ରାମ ଦେଇ ଖଣ୍ଡପଡ଼ା ସହରର ଜେଲଖାନା ଛକରେ ପହଞ୍ଚିବା ପରେ ସହର ପରିକ୍ରମା କରି ପ୍ରତ୍ୟେକ ସାମନ୍ତ ପରିବାରଙ୍କ ଦ୍ୱାରରେ ଭୋଗ ଲାଗି ହୋଇଥାନ୍ତି। ପରେ ଖଣ୍ଡପଡ଼ା ରାଜବାଟୀ ପରିସରରେ କାଠି ଦିଅଁ ପହଞ୍ଚିବା ପରେ ରାଜ



ପରିବାରର ସଦସ୍ୟମାନେ କାଠି ଦିଅଁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥାନ୍ତି। ପର୍ବ ଘରେ ହନୁମାନ କାଠି ଦିଅଁ ଓ ମା' ବାଉରୀ ଠାକୁରାଣୀ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରି ପୂଜା ପାଇଥାନ୍ତି। ଏହି ଠାରୁ ଷୋଳପୂଜା ଆରମ୍ଭ ହୋଇଥାଏ। ଦଶହରା ପର୍ବରେ ମା' ବାଉରୀ ଠାକୁରାଣୀକୁ ପୂଜାସ୍ଥଳୀକୁ ବିଜେ କରାଯାଇଥାଏ। ସେହିଦିନ ପର୍ବ ଘରେ ବଳି ପଡ଼ିବା ପରମ୍ପରା ପ୍ରଚଳିତ ହୋଇଆସୁଛି। ତେବେ ହନୁମାନ କାଠି ପର୍ବର ପରମ୍ପରା ସମ୍ପର୍କରେ ପୁରୁଖା ଲୋକମାନଙ୍କ ଠାରୁ ଶୁଣିବାକୁ ମିଳେ, ଏକଦା ପର୍ବ ମାସରେ କୋଟେଇଶୁଣୀ ବୋଲି ଜଣେ ଦୁଷ୍ଟ ଠାକୁରାଣୀ ଗ୍ରାମ ପରିକ୍ରମା କରି ଛୋଟ ଛୋଟ ପିଲାମାନଙ୍କୁ ମାରି ଦେଉଥିଲା। ଏଭଳି ଅନେକ ପିଲା ମରିଯିବା ପରେ ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ପର୍ବ ମାସର ପ୍ରାରମ୍ଭରେ ହନୁମାନ କାଠି ଦିଅଁ ଗ୍ରାମରେ ବିଜେ ହେଲେ ଦୁଷ୍ଟ ଠାକୁରାଣୀ କୋଟେଇଶୁଣୀ ଆଉ ତା'ର ଦୌରାତ୍ମ୍ୟ ଦେଖାଇପାରିବ ନାହିଁ। ଫଳରେ ଛୋଟ ପିଲାମାନେ ଆଉ ମରିବେ ନାହିଁ। ଏହି ସ୍ୱପ୍ନାଦେଶକୁ ଆଧାର କରି ଖଣ୍ଡପଡ଼ାର ତତ୍କାଳୀନ ରାଜା ସେହିଦିନ ଠାରୁ ହନୁମାନ କାଠି ଦିଅଁଙ୍କୁ ଗ୍ରାମକୁ ବିଜେ କରିବାର ପରମ୍ପରା ପାଳନ ହୋଇଆସୁଛି। ହନୁମାନ କାଠି ଦିଅଁ ଗ୍ରାମ ପରିକ୍ରମା କରିବା ପରଠାରୁ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀଙ୍କ ଦୌରାତ୍ମ୍ୟ ଶେଷ ହେବା ସହ ଗ୍ରାମରେ ଶାନ୍ତି ଫେରିଥିଲା। ସେହିଦିନଠାରୁ ଖଳିସାହିସ୍ଥିତ ପ୍ରଭୁ ତୋଟା ହନୁମାନ ବିଗ୍ରହଙ୍କ ପାଦ ତଳେ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀ ଏକ ଲୁହା ଶିଙ୍କୁଳିରେ ବନ୍ଧା ହୋଇ ପଡ଼ିଥିବା ଦୃଶ୍ୟ ନଜରକୁ ଆସୁଛି। ହନୁମାନ କାଠି ଦିଅଁଙ୍କ ବିଜେ ପରମ୍ପରା ସହ ଖଳିସାହି ତୋଟା ହନୁମାନଙ୍କ ମନ୍ଦିର ଓ ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବଘରର ନୀତିକାନ୍ତି ରାଜରାଜୁଡା ଅମଳରୁ ପ୍ରଚଳିତ ହୋଇଆସୁଛି।

## ଚୋରଙ୍କୁ ପୁଲିସ ଜିମା

**ମୁଣ୍ଡମୁହାଣ,୪।୧୦/ଏନ୍ଏନ୍ଏସ୍:** ଚୋରି କରୁଥିବାବେଳେ ଲୋକଙ୍କ ହାତରେ ଧରାପଡ଼ି ମାଡ଼ ଖାଇବା ପରେ ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଇନ୍‌ଫୋଭ୍ୟାଲି ଥାନା ଦେଉଳିଆପାଟଣାରେ ବିଳମ୍ବିତ ରାତିରେ ଘର ପଛପଟୁ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ ଦୁଇ ଅଭିଯୁକ୍ତଙ୍କୁ ଧରି ନିସ୍ତୁକ ଛେଚି ପୁଲିସ ଜିମା ଦେଇଥିଲେ। ପୁଲିସ ଦୁଇ ଚୋରଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦେଉଳିଆପାଟଣାର ଚନ୍ଦନ ସେଠି ଓ ମୟୂରଭଞ୍ଜ ବୈଶିଙ୍ଗା ଥାନା କଦଳିଆର ଚନ୍ଦନ ସିଂହ। ପୁଲିସ ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ସାଢ଼େ ୧ଟାରେ ଦେଉଳିଆପାଟଣାର ମଧୁସୂଦନ ସାହୁଙ୍କ ଘର ପଛପଟୁ ଶବ୍ଦ ଶୁଣାଯାଇଥିଲା। ମଧୁସୂଦନ ବାହାରକୁ ଆସି ଦେଖିବାବେଳେ ଦୁଇ ଯୁବକ ତାଙ୍କ କୂଅରୁ ପାଣି ମଟର ଖୋଲି ବାଇକ୍‌ରେ ନେଉଥିଲେ। ସେ ପାଟି କରିବାରୁ ପୁଅ ଓ ପଡ଼ୋଶୀମାନେ ଉଠିପଡ଼ି ଉଭୟଙ୍କୁ ଗୋଡ଼ାଇଥିଲେ। ଖସି ପଳାଇବାକୁ ଉଦ୍ୟମ କରିବା ସମୟରେ ଦୁଇଯୁବକ ତଳେ ପଡ଼ିଯାଇଥିଲେ। ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଧରି ନିସ୍ତୁକ ମାଡ଼ ମାରିବା ସହ ପୁଲିସକୁ ସୂଚନା ଦେଇଥିଲେ। ପିସିଆର୍ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ଗିରଫ କରିଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଉଭୟଙ୍କ ନିକଟରୁ ଚୋରି ହୋଇଥିବା ୱାଟର ପମ୍ପ, ୨ଟି ଗ୍ୟାସ୍ ସିଲିଣ୍ଡର ଏବଂ ଚୋରିରେ ବ୍ୟବହୃତ ଏକ ବାଇକ୍ ଜବତ କରିଥିଲା। ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ନେଇ ସାମ୍ବାଦିକ ସଂଘର ଆଲୋଚନାଚକ୍ର

**ନୟାଗଡ଼,୪।୧୦/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ଓ ପ୍ରଗତି ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ କରିଛି ଜିଲ୍ଲା ସାମ୍ବାଦିକ ସଂଘ। ସ୍ଥାନୀୟ କେସି କ୍ଲବ ସଭାଗୃହଠାରେ ସଂଘ ପକ୍ଷରୁ 'ମୋ ସ୍ୱପ୍ନର ନୟାଗଡ଼' ଶୀର୍ଷକ ଏକ ବୁଦ୍ଧିଜୀବୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ପରିପ୍ରେକ୍ଷୀରେ ମେଡିକାଲ କଲେଜ ସ୍ଥାପନ ଜୋର ଧରିଛି। ଏଥିରେ ଜିଲ୍ଲାର ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇ ସରଗରମ ଆଲୋଚନାରେ ଭାଗ ନେବା ସହିତ ଜିଲ୍ଲାର ଅଭିବୃଦ୍ଧି ପାଇଁ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଉପସ୍ଥିତ ବ୍ୟକ୍ତିମାନେ ନୟାଗଡ଼ ଜିଲ୍ଲାର ପ୍ରମୁଖ ସମସ୍ୟା ସହିତ ମେଡିକାଲ କଲେଜ ସ୍ଥାପନ ଦାବି ଉପରେ ଆଲୋଚନା କରିଥିଲେ। ଏଥିସହିତ ପିଇବା ପାଣି, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଶିଳ୍ପ, ଜଳସେଚନ ଓ ପର୍ଯ୍ୟଟନର ବିକାଶ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଶେଷ କରି ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଥିବା ନୟାଗଡ଼ ଚିନିକଳକୁ ପୁନଃ ଚାଲୁ କରିବା, ପଦ୍ମାବତୀ ଠାରେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଏବଂ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ଯଥାଶୀଘ୍ର ସଂପୂର୍ଣ୍ଣ କରି କୃଷି ଓ ପିଇବା ପାଣିର ସମସ୍ୟା ଦୂର କରିବା, କଣ୍ଟିଲୋ ଏବଂ ଖଣ୍ଡପଡାକୁ ରେଳପଥ ନିର୍ମାଣ ଆରମ୍ଭ କରିବା, ସ୍ୱାସ୍ଥ୍ୟସେବା, ଜିଲ୍ଲାରେ ପର୍ଯ୍ୟାପ୍ତ ବାଉଁଶ ଜଙ୍ଗଲ ଥିବାରୁ ଏକ କାଗଜ କଳ ସ୍ଥାପନ ଦାବି ହୋଇଥିଲା। ସାରା ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଡାକ୍ତର ମରୁଡି ଏହାର କାରଣ




ହୋଇଥିବାବେଳେ ଅଧିକ ସଂଖ୍ୟକ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଛି। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ସହ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଓ ସେଗୁଡ଼ିକୁ ସରକାରୀ ସ୍ତରରେ ବିଧିବଦ୍ଧ ମାନ୍ୟତା ପ୍ରଦାନ କରିବାକୁ ସଦସ୍ୟମାନେ ମତପୋଷଣ କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବିଶିଷ୍ଟ ଆଇନଜୀବୀ ପ୍ରତାପ ନନ୍ଦ, ଓକିଲ ସଂଘର ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ, ବିଜେପି ନେତା ସନ୍ତୋଷ ପ୍ରଧାନ, ଚନ୍ଦ୍ରବିଜୟୀ ମିଶ୍ର, କମ୍ରେଡ ବିଶ୍ୱନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଉମର ମଲ୍ଲିକ, ସାମ୍ବାଦିକ ରଜତ ପଟ୍ଟନାୟକ, ସମାଜସେବୀ ଶେଖ ଅବଦୁଲ ଆହାଦ, ଔରେଙ୍ଗ ଜେବ,ଶ୍ରୀକାନ୍ତ ପଟ୍ଟନାୟକ, ଦାମୋଦର ସାହୁ, ସୁରେଶ ସ୍ୱାଇଁ, ଜିତେନ୍ଦ୍ର ସାହୁ, ଶାନ୍ତନୁ ବିଶୋଇ, ମନୋଜ ମିଶ୍ର, ପ୍ରଭାସିନୀ ନନ୍ଦ, ଶ୍ରୀଧର ପ୍ରଧାନ, କୈଳାସ ସାହୁ, ପ୍ରଶାନ୍ତ ଦାସ ଥିବାବେଳେ ସାମ୍ବାଦିକ ଲୋକନାଥ ମିଶ୍ର, ବିଭୁତି ପଟ୍ଟନାୟକ, ଦୀପକ ଦାସ, ଜିତେନ୍ଦ୍ର ମହାପାତ୍ର, ପ୍ରମୋଦ ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସାମ୍ବାଦିକ ସଂଘର ସଂପାଦକ ସୁବାସ ମହାପାତ୍ର ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ସଂପର୍କରେ ସୁଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୈବିକ ପଦାର୍ଥରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

**ଭୁଷଣ୍ଡପୁର,୪।୧୦/ଏନ୍ଏନ୍ଏସ୍:** ଟାଙ୍ଗୀ ବ୍ଲକ କମାଗୁରୁ ପ୍ରକୃତିବିହାରସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରୋତ୍ସାହନ କ୍ରମେ ପରିବେଶ ଶିକ୍ଷଣ କେନ୍ଦ୍ର ତତ୍ତ୍ୱାବଧାନରେ କ୍ଷତିକାରକ ଜୈବିକ ପଦାର୍ଥରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୨୫ଟି ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ଇକୋ କ୍ଲବର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାର୍ଥୀମାନେ ଯୋଗଦେଇଥିଲେ। ଏହାର ଉଦ୍‌ଘାଟନୀ ସମାରୋହ ସଭା ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ରେଣୁବାଳା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଖାଉଟି ସୁରକ୍ଷା ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ମୁଖ୍ୟଅତିଥି, ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା, ବିଶିଷ୍ଟ ପରିବେଶବିତ୍ ସନ୍ତୋଷ ଚନ୍ଦ୍ର କର, ପରିବେଶ ଶିକ୍ଷଣ କେନ୍ଦ୍ରର ଯୋଜନା ସହାୟକ ଭରତ କୁମାର ଜେନା ଓ ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ସୁଧାଂଶୁ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶ୍ୱ ତାପାୟନକୁ ରକ୍ଷା କରିବା ନିମିତ୍ତ ବ୍ୟାପକ ବୃକ୍ଷରୋପଣ କରିବା ସହିତ କ୍ଷତିକାରକ ଜୈବିକ ପଦାର୍ଥରୁ ମୂଲ୍ୟାୟନ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଧନ୍ୟବାଦ ଦେବା ପରେ ପ୍ରଥମ ଅଧିବେଶନ ଶେଷ ହୋଇ




ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରକୃତି ବିହାର ପରିସରରେ ଆମ୍ବ ଚାରା ରୋପଣ କରିଥିଲେ। ଉଦ୍‌ଘାଟନୀ ସଭା ଆରମ୍ଭରେ ବେଦ ପାଠ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପଦୀପ ଅର୍ପଣ କରାଯାଇଥିଲା। ଦ୍ୱିତୀୟ ଚରଣରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଉପସ୍ଥିତ ଇକୋ କ୍ଲବ୍‌ର ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବ୍ୟାଖ୍ୟାନ କରିଥିଲେ। କେନ୍ଦ୍ର ପରିବେଶ ଶିକ୍ଷା ଯୋଜନା ସହାୟକ ଭରତ କୁମାର ଜେନା, ଜିଲ୍ଲା ପରିବେଶ ପ୍ରଶିକ୍ଷକ ସନ୍ତୋଷ ଚନ୍ଦ୍ର କର, ଇଞ୍ଜିନିୟର ତଥା ପରିବେଶବିତ୍ ଆଦିତ୍ୟ ପ୍ରାସାଦ ଦାସ ପ୍ରାକ୍ତନ ଅଧ୍ୟକ୍ଷ ସୁଧାଂଶୁ ମହାନ୍ତି, ସୁରେନ୍ଦ୍ର କୁମାର ରାଉତ ପ୍ରମୁଖ ପ୍ରଶିକ୍ଷାର୍ଥୀମାନଙ୍କ ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ବିଦ୍ୟାଳୟକୁ ପ୍ରଦତ୍ତ ଆର୍ଥିକ ସହାୟତାକୁ ସଠିକ୍ ଭାବରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିତ ଶିକ୍ଷକଙ୍କ ମଧ୍ୟରୁ ନବଘନ ସାହୁ, ସୁଶ୍ରୀ ସଂଗୀତା ବଡ଼ଜେନା ପ୍ରମୁଖ ନିଜ ନିଜର ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ରେଣୁବାଳା ସାମନ୍ତରାୟ ସମସ୍ତ ଅତିଥି, ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ନିୟମଗିରିର ବିକାଶ ରାସ୍ତାରେ ଦୁର୍ନୀତିର ଖାଲ

## ୪ ମାସରେ ଉଠିଗଲା ପିଚୁ, ଭୁଶୁଡ଼ିଲା କଲଭର୍ଟ

**ରାୟଗଡ଼ା,୪।୧୦/ଏନ୍ଏନ୍ଏସ୍:** ନିୟମଗିରିର ଦୁର୍ଗମ ଅଞ୍ଚଳରେ ବିକାଶର ଚିତ୍ର ଏବେ ପୁଣି ପ୍ରଶ୍ନଘେରରେ ରହିଛି। ରାସ୍ତା ହେଲା, କିନ୍ତୁ ୪ ମାସ ନପୁରୁଣୁ ଉଠିଗଲା ପିଚୁ। ଆଉ ଯେଉଁ କଲଭର୍ଟ ଦେଇ ଲୋକେ ଯାତାୟାତ କରୁଥିଲେ, ତା'ର ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିବା ପରେ ଏବେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପାର୍ସାଲି ପଞ୍ଚାୟତ ଅଞ୍ଚଳର ଏହି ଘଟଣା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟର ଗୁଣବତ୍ତା ଉପରେ ବଡ଼ ପ୍ରଶ୍ନ ଉଠାଇଛି। ବଡ଼ ଡେଙ୍ଗନେଲି ଗ୍ରାମ ନିକଟରେ ଥିବା କଲଭର୍ଟର୍ ଗୋଟିଏ ପାର୍ଶ୍ୱ ଭୁଶୁଡ଼ି ପଡ଼ିବାରୁ ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି। ନିୟମଗିରିର ଗୁମା, ଲମ୍ଭା, ଡଙ୍ଗାମାଟି, ବଡ଼ ଡେଙ୍ଗନେଲି, ସାରିଝିଲା, ପଟାଙ୍ଗୀପଦର ଓ ଲାଖପଦର ଭଳି ଅନେକ ଗାଁର ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ କଲଭର୍ଟ ଭୁଶୁଡ଼ିବା ପରେ



ଚାରିଚକିଆ ଯାନ ଓ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଏପରିକି ଶନିବାର ଏକ ଟିପ୍ପର୍ ପ୍ରାୟ ୩ ଘଣ୍ଟା ଧରି ଏଠାରେ ଅଟକି ରହିଥିବା ଜଣାପଡ଼ିଛି। ରାତିରେ ଅନ୍ଧାରରେ ଖାଲଖମା ଭରା ରାସ୍ତାଦେଇ ବାଇକ୍ ଚାଳକ ଓ ପଥଚାରୀମାନେ ଯାତାୟାତ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ତେବେ ରାସ୍ତା ମରାମତି କାମକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ଉଠିଛି।

ଦୀର୍ଘଦିନ ଧରି ନିୟମଗିରିବାସୀଙ୍କ ଦାବି ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ କାନଶୁର ଘାଟିର ମଧ୍ୟଭାଗରୁ ପାର୍ସାଲି ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ଆର୍‌ଡି ବିଭାଗ ପକ୍ଷରୁ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ମାତ୍ର ୪ ମାସ ମଧ୍ୟରେ ଡିକେଡିଏ କାର୍ଯ୍ୟାଳୟରୁ ପାର୍ସାଲି ସେବାଶ୍ରମ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ଭିତ୍ତି ଠିକ୍ ଭାବେ ପ୍ରସ୍ତୁତ ନକରି କେବଳ ମାଟି ଉପରେ ପିଚୁ ପକାଯାଇଥିବାରୁ ଏଭଳି ଅବସ୍ଥା ହୋଇଛି। ରାସ୍ତାର ଏଭଳି ଦୟନୀୟ ଅବସ୍ଥା ଯୋଗୁ ବାଇକ୍ ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପଟେ ନିମ୍ନମାନର କାମ ପଛରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି। ଯଦି ଅଭିଯୋଗ ସତ, ତେବେ ସରକାରୀ ଅର୍ଥରେ ହେଉଥିବା କାମର ଗୁଣବତ୍ତା ଯାଞ୍ଚ କେଉଁଠି ହେଲା, କାମ ସରିବା ପରେ ବିଭାଗୀୟ ଅଧିକାରୀ କିପରି ଏହାକୁ ଅନୁମୋଦନ କଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନିୟମଗିରିର ଆଦିବାସୀ ଲୋକଙ୍କ ପାଇଁ ଏହି ରାସ୍ତା କେବଳ ଯାତାୟାତର ମାଧ୍ୟମ ନୁହେଁ, ବରଂ ଡାକ୍ତରଖାନା, ସ୍କୁଲ୍, ବଜାର ଓ ସରକାରୀ ସେବା ପାଇବାର ମୁଖ୍ୟ ମାଧ୍ୟମ। ଦୀର୍ଘ ବର୍ଷ ଧରି ଦୁର୍ଗମତା ଯୋଗୁ ସରକାରୀ ସେବାରୁ ଦୂରରେ ଥିବା ଏହି ଅଞ୍ଚଳରେ ରାସ୍ତା ଯୋଗାଯୋଗ ସୁଦୃଢ଼ ହେଲେ ସରକାରୀ ଯୋଜନା, ସ୍ୱାସ୍ଥ୍ୟ ଓ ଶିକ୍ଷା ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ଆଶା ରହିଥିଲା। କିନ୍ତୁ ରାସ୍ତା ନିର୍ମାଣର କିଛି ମାସ ମଧ୍ୟରେ ଯଦି ପିଚୁ ଉଠିଯାଏ ଓ କଲଭର୍ଟ ଭୁଶୁଡ଼ି ପଡ଼େ, ତେବେ ସରକାରୀ ବିକାଶର ଲାଭ ଲୋକଙ୍କ ପାଖରେ କେତେଦୂର ପହଞ୍ଚୁଛି ସେନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେଣୁ ନିୟମଗିରିବାସୀ ଏହି ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ସହ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ, ଭୁଶୁଡ଼ିଥିବା କଲଭର୍ଟର ଯୁଦ୍ଧକାଳୀନ ଭିତ୍ତିରେ ମରାମତି, ରାସ୍ତାର ସ୍ଥାୟୀ ଓ ଗୁଣାତ୍ମକ ପୁନର୍ନିର୍ମାଣ ଦାବି କରିଛନ୍ତି।

**WANTED TYPIST**

Wanted for Ramakrishna Mission, Bhubaneswar at Vivekananda Marg, Old Town, Bhubaneswar-2 one Graduate Typist with sound knowledge in typing, Tally and Accounts, Salary negotiable. Local candidate preferred. Apply to the Secretary within 7 days with copies of testimonials. **Contact : 9861587547**

Swami Atmaprabhananda
Secretary

# ବ୍ରାଉନସୁଗର୍ ଜବତ, ୬ ଗିରଫ




**ଜୟପୁର,୪।୧୦/ଏନ୍ଏନ୍ଏସ୍:** କେନାଲ ରୋଡ୍ ନିକଟରେ ଚାଲିଥିବା ଏକ ବଡ଼ ଧରଣର ବ୍ରାଉନସୁଗର୍ କାରବାର ଉପରେ ଜୟପୁର ପୁଲିସ୍ ଚଢ଼ଉ କରି ୪୦୩.୧ ଗ୍ରାମ୍ ବ୍ରାଉନସୁଗର୍ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ଗୋପବନ୍ଧୁ ନଗର ରାମ ଛତ୍ରିୟା(୩୫), ଖୋର୍ଦ୍ଧାର ପ୍ରକାଶ କୁମାର ଛୁଆଳ ସିଂ(୫୨), ଶେଖ ଆଲ୍ଲି(୨୬), ସତ୍ୟପ୍ରିୟ ପଟ୍ଟନାୟକ (୪୯), କୋରାପୁଟର ଆଲୋକ ଚେଟ୍ଟି (୨୯) ଓ ନୟାଗଡ଼ର ସରୋଜିନି ବରଡ଼ା (୩୬)। ଅଭିଯୁକ୍ତଙ୍କଠାରୁ କାର୍, ନଗଦ ୨୦ ହଜାର ଟଙ୍କା, ୮ଟି ମୋବାଇଲ୍ ଫୋନ୍ ଓ ଗାଡ଼ି ଡିକିରୁ ୨ଟି ମାରଣାସ୍ତ୍ର ଜବତ କରାଯାଇଛି। ଏନେଇ ଜୟପୁର୍ ଟାଉନ ଥାନାରେ ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ସୂଚନା ଦେଇଛନ୍ତି। ଜବତ ନିଶାଦ୍ରବ୍ୟର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ରୁ ୪୫ ଲକ୍ଷ ଟଙ୍କା ହେବ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**ଭବାନୀପାଟଣା,୪।୧୦/ଏନ୍ଏନ୍ଏସ୍:** ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ରାଜ୍ୟବ୍ୟାପି ସ୍ୱଚ୍ଛତା ହିଁ ସେବା ଓ ସଫେଇ ଅଭିଯାନ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ସ୍ୱଚ୍ଛତା ହିଁ ସେବା ଓ ସଫେଇ ଅଭିଯାନ ପାଳିତ ହୋଇଯାଇଛି। ଏଥିରେ କେସିଙ୍ଗା ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ନୃପରାଜ ଯାଦବ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ବିଜେପି ଜିଲ୍ଲା ସମ୍ପାଦକ ତଥା ସରକାରୀ ଆଇନଜୀବୀ ସନ୍ତୋଷ ଦାସ, କେସିଙ୍ଗା ଏନ୍ଏସି ବିଜେପି ସଭାପତି ପିଙ୍କୁ ପରିଡ଼ା, ପୂର୍ବତନ ବିଜେପି ସଭାପତି ମଗନ ସିନ୍ଦୁର, ପୂର୍ବତନ ବିଜେଡି ସଭାପତି ରମେଶ ପଟ୍ଟନାୟକ, ପ୍ରିତେଶ ପଟେଲ, ବିମଳ ବାଗ ଓ ମଣ୍ଟୁ ବର୍ମା ପ୍ରମୁଖଙ୍କ ସହ କେସିଙ୍ଗା ଏନ୍ଏସିର ପାରିଷଦ ବର୍ଗ, କର୍ମଚାରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ସଫେଇ କର୍ମଚାରୀମାନେ ମିଳିତଭାବେ କେସିଙ୍ଗା ଟିଟିଲାଗଡ଼ ତେଲ ନଦୀ ରାସ୍ତା ଆଇ ଲଭ୍ କେସିଙ୍ଗା ସେଲ୍ଫି ପଏଣ୍ଟରୁ ତ୍ରିମୂର୍ତ୍ତି ଛକ ପର୍ଯ୍ୟନ୍ତ ସଫେଇ ଅଭିଯାନ କରିଥିଲେ।

# ହଜିଥିବା ମୋବାଇଲ୍ ଫେରାଇଲା ପୁଲିସ୍

**ରାୟଗଡ଼ା,୪।୧୦/ଏନ୍ଏନ୍ଏସ୍:** ରାୟଗଡ଼ା ପୁଲିସ୍ ପକ୍ଷରୁ 'ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ମେଳା ୨.୦' ଆୟୋଜିତ ହୋଇଯାଇଛି। ଜିଲ୍ଲାର ପ୍ରାୟ ୧୧ଟି ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ହଜିଯାଇଥିବା ଏହି ମୋବାଇଲ୍ ଫୋନ୍‌ଗୁଡ଼ିକୁ ପୁଲିସ୍ ମାତ୍ର ୪ ମାସ ମଧ୍ୟରେ ଟ୍ରାକ୍ କରି ଉଦ୍ଧାର କରିଛି। ରାୟଗଡ଼ା ଏସ୍‌ପି ରାଜ ପ୍ରସାଦଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋବାଇଲ୍‌ଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଅନେକ ଲୋକ ଖେଳ ପଡ଼ିଆ, ସିନେମା ହଲ୍ ଓ ପାର୍କ ସମେତ ବିଭିନ୍ନ ସ୍ଥାନରେ ନିଜର ମୋବାଇଲ୍ ହରାଇଥିଲେ। ମୋବାଇଲ୍ ହଜିବା ପରେ ସେମାନେ ସମ୍ପୃକ୍ତ ଥାନାରେ ଅଭିଯୋଗ କରିଥିଲେ କିମ୍ବା ପୋର୍ଟାଲ୍‌ରେ ତଥ୍ୟ ଦାଖଲ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ରାୟଗଡ଼ା ପୁଲିସ୍‌ର ସାଇବର୍ ସେଲ୍ ବିଭିନ୍ନ ମୋବାଇଲ୍ ନମ୍ବରକୁ ଟ୍ରାକ୍




କରିବା ସହ ସିଇଆଇଆର୍ ପୋର୍ଟାଲ୍ ତଥା 'ସଞ୍ଚାର ସାଥୀ'ର ସଫଳ ବ୍ୟବହାର କରି ହଜିଥିବା ଫୋନ୍‌ଗୁଡ଼ିକର ଠିକଣା ଖୋଜି ବାହାର କରିଥିଲା। ଏଥିପାଇଁ ଜିଲ୍ଲାର ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ କରାଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନଥିବାବେଳେ ଆଗାମୀ ଦିନରେ ଚଢ଼ଉ ଅଭିଯାନକୁ ଆହୁରି ଜୋରଦାର୍ କରାଯିବ ବୋଲି ରାୟଗଡ଼ା ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

ପ୍ରକାଶଥାଉକି ଏହା ପ୍ରଥମଥର ନୁହେଁ। ଏହାପୂର୍ବରୁ ଜୁଲାଇ ୧୩ ତାରିଖରେ 'ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ମେଳା ୧.୦' ଆୟୋଜନ କରାଯାଇଥିଲା। ସେହି ସମୟରେ ୧୦୦ରୁ ଅଧିକ ହଜିଥିବା ମୋବାଇଲ୍ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ରାୟଗଡ଼ା ପୁଲିସ୍ ଫେରାଇଥିଲା।

# ସଙ୍କଟମୋଚନ ବ୍ୟାୟାମଶାଳା ପକ୍ଷରୁ ଉପକାରାଗାରରେ ସେବା



**ଟିଟିଲାଗଡ଼,୪।୧୦/ଏନ୍ଏନ୍ଏସ୍:** ଗାନ୍ଧୀ ଜୟନ୍ତୀ ଅବସରରେ ସଙ୍କଟମୋଚନ ବ୍ୟାୟାମଶାଳା ପକ୍ଷରୁ ଟିଟିଲାଗଡ଼ ଉପକାରାଗାରରେ ଏକ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ୟାୟାମଶାଳାର କାର୍ଯ୍ୟକାରୀ ସଭାପତି ଅମର କୁମାର ଜୈନ ଓ ସମ୍ପାଦକ ଅଙ୍କୁର କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ବିଚାରାଧୀନ ଅନ୍ତେବାସୀଙ୍କୁ କଦଳୀ, କମଳା, ସେଓ, ମିକ୍ସଚର୍ ଓ ବିସ୍କୁଟ୍ ବଣ୍ଟା ଯାଇଥିଲା। ଏହାସହ ଅନ୍ତେବାସୀଙ୍କ ମନୋରଞ୍ଜନ ଓ ସମୟର ସଦୁପଯୋଗ ପାଇଁ ଉପକାରାଗାରକୁ ୪୨ ଇଞ୍ଚର ଏକ ଏଲ୍ଇଡି ଟିଭି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାୟାମଶାଳାର ସଦସ୍ୟମାନେ କହିଥିଲେ ଯେ ଗାନ୍ଧୀ ଜୟନ୍ତୀ କେବଳ ମହାତ୍ମା ଗାନ୍ଧୀଙ୍କୁ ସ୍ମରଣ କରିବାର ଦିନ ନୁହେଁ, ବରଂ ତାଙ୍କର ମାନବିକତା, ସେବା ଓ ସାମାଜିକ ସମରସତାର ବାର୍ତ୍ତାକୁ ଜୀବନରେ ଅନୁସରଣ କରିବାର ଏକ ସୁଯୋଗ। ଏହି ଉଦ୍ଦେଶ୍ୟରେ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସେମାନେ ପ୍ରକାଶ କରିଥିଲେ। ଏଥିରେ ସୁରେନ୍ଦ୍ର କୁମାର ମରୋଦିଆ (ମାଡ଼ିଆ), ପଙ୍କଜ କୁମାର ଜୈନ, ଦୀପକ ପୋପଟ, କଞ୍ଚନ ମହାରଣା, ବିଜୟ କୁମାର ମାରୁ, ଅମିତ ଥାପା, ପଙ୍କଜ ଅଗ୍ରୱାଲ, ସୁଦାମ ସାହୁ, ସଞ୍ଜୟ ଅଗ୍ରୱାଲ ଓ ଦୟା ବାଗଙ୍କ ସମେତ ବ୍ୟାୟାମଶାଳାର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଜେଲ୍ ଅଧୀକ୍ଷକ ସୋମରାଜନୀ ପ୍ରଧାନ, ସହକାରୀ ଜେଲର୍, ୱାର୍ଡର୍ ଓ ଅନ୍ୟ ଜେଲ୍ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିଲା।

# ବ୍ଲକ୍‌ସ୍ତରୀୟ ସ୍କୁଲ୍ ହକି ଖେଳାଳି ମନୋନୀତ



**ଝାରସୁଗୁଡ଼ା,୪।୧୦/ଏନ୍ଏନ୍ଏସ୍:** ଜିଲ୍ଲାରେ ଥିବା ୫ଟି ବ୍ଲକ୍ ମଧ୍ୟରୁ ଝାରସୁଗୁଡ଼ା ବ୍ଲକ୍‌ର ବାଳକ ବାଳିକା ହକି ଖେଳାଳିଙ୍କୁ ମନୋନୟନ କରାଯାଇଛି। ଏହି ପ୍ରକ୍ରିୟାରେ ଝାରସୁଗୁଡ଼ା ବ୍ଲକ୍ ଅଧୀନରେ ଥିବା ସ୍କୁଲ୍‌ଗୁଡ଼ିକର ୧୪ ବର୍ଷ ଏବଂ ୧୭ ବର୍ଷ ବୟସର ବଛା ବଛା ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ହକି ଆସୋସିଏସନ୍‌ର କୋଚ୍ ସକୁନ୍ଦ ନାଏକ, ଡିଫୋର ଟେଟେ ଓ ଶାରୀରିକ ଶିକ୍ଷକ ବିବେକା ପ୍ରଧାନ, ସୁନୀଲ ଡୁଙ୍ଗଡୁଙ୍ଗ, ଆଶୋକ ବିଶ୍ୱାଳ, ମାନସ ରଞ୍ଜନ ଆଚାର୍ଯ୍ୟ ଓ ଶୁଭ୍ରାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ। ଆସନ୍ତା ୬ ତାରିଖରେ ଜିଲ୍ଲାରେ ଥିବା ଅନ୍ୟ ୪ଟି ବ୍ଲକ୍‌ର ହକି ଦଳମାନେ ଷ୍ଟାଡ଼ିୟମ୍‌ରେ ଅଂଶଗ୍ରହଣ କରି ଜିଲ୍ଲା ସ୍କୁଲ୍‌ର ୧୪ ବର୍ଷ ଓ ୧୭ ବର୍ଷ ବୟସ ବର୍ଗର ହକି ଦଳ ଗଠନ କରାଯିବ ବୋଲି ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ବିଭାଗର କ୍ରୀଡ଼ା ଅଧିକାରୀ ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

# 'ଭୋଟର୍ ତାଲିକାରେ ନାମ ସାମିଲ୍ ପାଇଁ ୨୦୦୨ ମସିହା ତଥ୍ୟ ବାଧ୍ୟତାମୂଳକ ନୁହେଁ'

**ମାଲକାନଗିରି,୪।୧୦/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେସ୍‌ବାର୍ତ୍ତା ଜାରି କରାଯାଇଛି। ଏହି ନୂତନ ନିୟମାନୁଯାୟୀ, ଭୋଟର୍ ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ ପ୍ରକ୍ରିୟାକୁ ପୂର୍ବ ଅପେକ୍ଷା ଯଥେଷ୍ଟ ସରଳ ଓ ସୁଗମ କରାଯାଇଛି। ଏସ୍ଆଇଆର୍ ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଭୋଟର୍ ତାଲିକାରୁ ବାଦ୍ ପଡ଼ିଥାଏ, ତେବେ ପୁନର୍ବାର ନାମ ଯୋଡ଼ିବା ପାଇଁ ଫର୍ମ-୬ ଦାଖଲ କରିବା ବେଳେ ୨୦୦୨ ମସିହାର ଭୋଟର୍ ତାଲିକା ସମ୍ବନ୍ଧୀୟ ତଥ୍ୟ କିମ୍ବା ଆବେଦନକାରୀଙ୍କ ପିତାମାତା,



ଜେଜେବାପା, ଜେଜେମାଆଙ୍କ ନାମ ୨୦୦୨ ତାଲିକାରେ ଥିଲା କି ନାହିଁ ସେନେଇ କୌଣସି ପ୍ରମାଣ ଦେବାକୁ ପଡ଼ିବ ନାହିଁ। ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ଏହି ଅତିରିକ୍ତ ଘୋଷଣାନାମାକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଛନ୍ତି ଯଦ୍ୱାରା ଯୋଗ୍ୟ ନାଗରିକମାନେ କୌଣସି ଅତିରିକ୍ତ ଶପଥପତ୍ର ବିନା ସାଧାରଣ ପ୍ରକ୍ରିୟାରେ ଆବେଦନ କରିପାରିବେ। ତେବେ କେବଳ ଫର୍ମ-୬ ଦାଖଲ କରିଦେଲେ ସ୍ୱତଃସ୍ଫୂର୍ତ୍ତ ଭାବେ ନାମ ସାମିଲ୍ ହେବନାହିଁ। ନିର୍ବାଚନ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଦାଖଲ କରାଯାଇଥିବା ଦସ୍ତାବିଜ୍‌ଗୁଡ଼ିକର କଠୋର ଯାଞ୍ଚ କରିବା ପରେ ହିଁ ନାମ ଅନ୍ତର୍ଭୁକ୍ତି ସମ୍ବନ୍ଧରେ ଅନ୍ତିମ ନିଷ୍ପତ୍ତି ନେବେ। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର୍ ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଆବେଦନ କରିପାରିବେ। ଏକ ନିର୍ଭୁଲ୍, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର୍ ତାଲିକା ପ୍ରସ୍ତୁତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର୍ ଭାବେ ପଞ୍ଜିକରଣର ସୁଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରାଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଭବାନୀପାଟଣା,୪।୧୦/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ମା' ଲଙ୍କେଶ୍ୱରୀ ମନ୍ଦିର ନିକଟରେ ଜଣେ ମହିଳା ବେକରେ କପଡ଼ା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ହେଲେ ଦୀପାଞ୍ଜଳି ନିମୁନିଆ। ତେବେ ଏହା ଆତ୍ମହତ୍ୟା ନୁହେଁ, ବରଂ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଝିଅର ବାପଘର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶଥାଉକି ପ୍ରାୟ ୪ ବର୍ଷ ତଳେ ବକ୍ସିତୁଳସୀପାଲି ଗ୍ରାମର ଦୀପାଞ୍ଜଳିଙ୍କ ବିବାହ କଲମପୁର ଲଙ୍କେଶ୍ୱରୀ ମନ୍ଦିର ନିକଟସ୍ଥ ଅଲେଖ ନିମୁନିଆଙ୍କ ସହ ହୋଇଥିଲା। ରବିବାର ସକାଳ ପ୍ରାୟ ୭ଟାରେ ଦୀପାଞ୍ଜଳି ଆତ୍ମହତ୍ୟା କରିଥିବା ନେଇ ତାଙ୍କ କାକା ଧର୍ମରାଜ ପୁଝାରୀ ଓ ମାଆ ପଙ୍କଜିନୀ ପୁଝାରୀ ଖବର ପାଇଥିଲେ। ଖବରପାଇ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘର ଭିତରେ କପଡ଼ାରେ ଦୀପାଞ୍ଜଳିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଝିଅକୁ ହତ୍ୟା କରିବା ପରେ ଏଭଳି ଝୁଲାଇ ଦିଆଯାଇଥିବା ନେଇ ମୃତକଙ୍କ କାକୀ ମାଧବୀ ପୁଝାରୀ କଲମପୁର ପୁଲିସ୍ ନିକଟରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ କଲମପୁର ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସମ୍ପର୍କରେ କଲମପୁର ଥାନାଧିକାରୀ ସୁନୀଲ କଣ୍ଡାଗୌରୀ କହିଛନ୍ତି ଯେ କଲମପୁର ଥାନାରେ ବିଏନ୍ଏସ୍ ଧାରା ୧୫୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିବା ପରେ ମୃତଦେହକୁ ଉଦ୍ଧାର କରି ତଦନ୍ତ ଜାରି ରହିଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ସେବାଜ୍ୟୋତି ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

**ମାଲକାନଗିରି,୪।୧୦/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଅକ୍ଟୋବର ୭ ତାରିଖରେ ଏକ ସେବାଜ୍ୟୋତି ଯାତ୍ରା ଏବଂ ବିକଶିତ ଭାରତ ସଙ୍କଳ୍ପ ସଭା ଆୟୋଜିତ ହେବାକୁ ଯାଉଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସଫଳତାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ସମାଜର ପ୍ରତ୍ୟେକ ବର୍ଗଙ୍କୁ ବିକଶିତ ଭାରତ ୨୦୪୭ ସଙ୍କଳ୍ପ ସହିତ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।



ଅକ୍ଟୋବର ୭ ସକାଳ ୭ଟାରେ ମାଲ୍ୟବନ୍ତ ଛାତ୍ରାବାସରୁ ଏହି ଯାତ୍ରା ଆରମ୍ଭ ହୋଇ ଆଇଏମ୍ଏସ୍‌ଟି ଛକ, ବାଲିମେଳା ଛକ ଓ ମେନ୍ ରୋଡ୍ ଦେଇ ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପରିକ୍ରମା କରିବ। ଏଥିରେ ଜିଲ୍ଲାର ୭ଟି ବ୍ଲକ୍‌ରୁ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ପ୍ରତିନିଧିମାନେ ଆସି ପହଞ୍ଚିବେ। ଏହାସହ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ମୋ ଭାରତ ସଂଘ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସରକାରୀ ଅଧିକାରୀଙ୍କୁ ମିଶାଇ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଯାତ୍ରାରେ ଅଂଶଗ୍ରହଣ କରିବେ। ଶେଷରେ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ବିକଶିତ ଭାରତ ସଙ୍କଳ୍ପ ସଭା ଅନୁଷ୍ଠିତ ହେବ। ଏହି ସମାବେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିକଶିତ ଭାରତ ୨୦୪୭ ନିର୍ମାଣ ପାଇଁ ସମୂହ ଶପଥପାଠ, ବନ୍ଦେ ମାତରମ୍ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହାସହ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିକଟସ୍ଥ ପାର୍କିଂ ପ୍ଲେସ୍‌ରେ ଏକ ଆକର୍ଷଣୀୟ ଝୋଟି ଅଙ୍କନ କରାଯିବ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିବାବେଳେ ସମସ୍ତ ବିଭାଗକୁ ସେମାନଙ୍କ ଦାୟିତ୍ୱ ବଣ୍ଟାଯାଇଛି।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବୁର୍ଲା,ସମ୍ବଲପୁର,ସୁନ୍ଦରଗଡ଼,ରାଉରକେଲା, ୪।୧୦/ଏନ୍ଏନ୍ଏସ୍:** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ ଝଙ୍କରାଣୀ ମନ୍ଦିର ନିକଟସ୍ଥ ହୀରାକୁଦ ଡ୍ୟାମ୍‌ର 'ରାଇଟ୍ ଡାଇକ୍' ଏବଂ ନୂଆପଡ଼ାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ସ୍ୱଚ୍ଛ ଭାରତ ଅଭିଯାନ'ର ଭାବନାକୁ ଆଧାର କରି ଏବଂ 'ଟାଟା ଭଲ୍ୟୁଣ୍ଟାୟରିଂ ୱିକ୍-୨୦୨୬'ର ଅଂଶବିଶେଷ ଭାବେ ସମ୍ବଲପୁର ମହାନଗର ନିଗମ, ଜିଲ୍ଲା ବନ ବିଭାଗ ଓ ବୁର୍ଲା ଥାନା ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ସଚେତନତା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବୁର୍ଲାସ୍ଥିତ ହୀରାକୁଦ ଡ୍ୟାମ୍‌ରେ 'ରାଇଟ୍ ଡାଇକ୍'ରେ ଆୟୋଜିତ କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ



କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ସମେତ ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର୍ ହରିଓମ୍ ଭୋଇ, ଭିକ୍ଟର ସୋରେନ୍ ଓ ଦେବେନ୍ଦ୍ର ରାଉତ ଓ ସମ୍ବଲପୁରର ବନ ବିଭାଗ ଅଧିକାରୀ ରାଜେଶ ମହାକୁଡ଼ ଯୋଗ ଦେଇଥିଲେ। ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବର୍ମା କହିଲେ ଯେ 'ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ଟାଟା ଭଲ୍ୟୁଣ୍ଟାୟରିଂ ୱିକ୍ କାର୍ଯ୍ୟକ୍ରମ ଜରିଆରେ ଆମ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ସମୁଦାୟକୁ ଏକାଠି କରି ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ପାଇଁ ଉଦ୍ୟମ କରୁଛୁ। ଏଭଳି ପ୍ରୟାସ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ଦୀର୍ଘସ୍ଥାୟୀ ଜନସହଭାଗିତାକୁ ପ୍ରୋତ୍ସାହିତ କରିବ। ସେହିପରି 'ଟଚିଂ ବିଏ ଲାଇଭ୍ସ' କାର୍ଯ୍ୟକ୍ରମରେ ବ୍ୟବସାୟ ସହଯୋଗୀ ଏବଂ ହାଉସ୍ କିପିଂ କର୍ମଚାରୀଙ୍କ ପରିବାର ସଦସ୍ୟ ନୃତ୍ୟ ଏବଂ ସଙ୍ଗୀତ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ଏବଂ ୟୁଏଲ୍ଏ ଯୋଜନା ବିଷୟରେ ସଚେତନତା ପାଇଁ ଏକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରାଯାଇଥିଲା ଯାହା ଆକର୍ଷଣୀୟ, ସ୍ଥାନୀୟ ଯୋଗାଯୋଗ ଚଳଣୀରେ ସମ୍ପ୍ରଦାୟ ସହ ସଂଯୋଗ ସ୍ଥାପନ କରିଥିଲା। ଟିପିଡବ୍ଲ୍ୟୁଓଡିଏଲ୍ ନୂଆପଡ଼ା ବିଦ୍ୟୁତ୍ ଡିଭିଜନ୍ ପକ୍ଷରୁ ନୂଆପଡ଼ା ସହରସ୍ଥିତ ମିନି ଷ୍ଟାଡିୟମ୍‌ରେ ସମାନ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କର୍ମଚାରୀ ଯୋଗଦେଇ ସ୍ୱଚ୍ଛତା ଓ ନାଗରିକ ଦାୟିତ୍ୱବୋଧର ବାର୍ତ୍ତା ଦେଇଥିଲେ। ସେହିପରି ବୁର୍ଲାରେ କମ୍ପାନୀର ସୁରକ୍ଷା କର୍ମୀ ମଧ୍ୟ ବିଭିନ୍ନ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟ କରି ଏହି ଅଭିଯାନର ବାର୍ତ୍ତାକୁ କାର୍ଯ୍ୟସ୍ଥଳୀ ପର୍ଯ୍ୟନ୍ତ ପହଞ୍ଚାଇଥିଲେ।

# ଶ୍ରୀ ସତ୍ୟସାଇ ରଥକୁ ସ୍ୱାଗତ

**ପରଜଙ୍ଗ,୪।୧୦/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ଗଡ଼ ପରଜଙ୍ଗ ଗ୍ରାମରେ ଶ୍ରୀ ସତ୍ୟସାଇ ପ୍ରେମ ବାହିନୀ ପକ୍ଷରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପବିତ୍ର ଜନ୍ମ ଶତାର୍ଷିକୀ ପାଳନ ଅବସରରେ ଏକ ରଥ ସୁସିତ କରି ଜିଲ୍ଲାର କୋଣ ଅନୁକୋଣ ବୁଲୁଛି। ଆଜି ଏହା ପରଜଙ୍ଗ ଗ୍ରାମକୁ ଆସିଥିବାରୁ ପରଜଙ୍ଗରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ବହୁ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଛି। ଆଜି ସକାଳୁ ଭୁବନ ଠାରୁ ରଥ ଆସି ପରଜଙ୍ଗ ବ୍ଲକ ବଡ଼ଝରା ଠାରେ ପହଞ୍ଚିଥିଲା। ସେଠାରେ ବଡ଼ଝରା ସେବା ସଂଗଠନ ତରଫରୁ ସୁସିତ ରଥକୁ ଗ୍ରାମ ପରିକ୍ରମା କରାଇ ମନ୍ଦିରରେ କିଛି ସମୟ ରଖିଥିଲେ। ପରେ ପରେ ପରଜଙ୍ଗକୁ ରଥ ଗଡି ଥିଲା। ୫୩ ନମ୍ବର ଜାତୀୟ ରାଜପଥ ବାରିହାପୁର ଠାରୁ ପରଜଙ୍ଗ ସେବା ସଂଗଠନ ତରଫରୁ ସଂକୀର୍ତ୍ତନ ମାଧ୍ୟମରେ ରଥକୁ ପାଛୋଟି ଆଣିଥିଲେ।

## ପ୍ରଥମ ପୃଷ୍ଠାରୁ

### ପୁଣି ଦୋହାରେ ...

ସାମିଲ ଥିଲେ। ଟ୍ରାପ୍ ଶୁଟର୍ ନୀରୁ ଢାଣ୍ଡା (ଦୁଇ ସ୍ୱର୍ଣ୍ଣ, ଏକ ରୌପ୍ୟ ପଦକ ବିଜେତା)ଙ୍କ ନେତୃତ୍ୱରେ ଭାରତୀୟମାନେ ମଧ୍ୟ ଉତ୍ସବ ପରିବେଶରେ ଅଂଶଗ୍ରହଣ କରିଥିଲେ। ଧଳା ଓ ନୀଳ ରଙ୍ଗର ପୋଷାକ ପରିହିତ ପ୍ରାୟ ୩୦ ଭାରତୀୟ ଖେଳାଳି ଏବଂ ଅଧିକାରୀ ଆଥଲେଟ୍ ପରେଡ୍‌ରେ ଭାଗନେଇ ତ୍ରିରଙ୍ଗା ଉଡ଼ାଇଥିଲେ। ସମାପନ ସମାରୋହରେ ୱାନ୍ ଏସିଆର ଅବଧାରଣାକୁ ବ୍ୟକ୍ତ କରିବା ନିମନ୍ତେ ଷ୍ଟାଡିୟମ୍ କେନ୍ଦ୍ରସ୍ଥଳରେ ଏକ ଷଡ଼ଭୁଜାକାର ମଞ୍ଚ ସ୍ଥାପନ କରାଯାଇଥିଲା ଏବଂ ଏହା ଶୋ'ର ମୁଖ୍ୟ ଆକର୍ଷଣ ଥିଲା। ଭବ୍ୟ ସମାପନ ଅବସରରେ ଏହାକୁ ଲଣ୍ଠନରେ ସଜ୍ଜା ଯାଇଥିଲା, ଯାହା ଜାପାନୀ ଗ୍ରୀଷ୍ମ ଋତୁର ଏକ ବିଶିଷ୍ଟ ପ୍ରତୀକ। ଆଇଚି-ନାଗୋୟା ଏସିଆନ୍ ଗେମ୍ସ ଏସିଆଡ୍‌ର ମାନ ବୃଦ୍ଧି କରିଥିବା ସମାରୋହ ଅବସରରେ ଓସିଏ ଅଧ୍ୟକ୍ଷ ଶେଖ୍ ଜୁଆନ୍ ବିନ୍ ହମଦ ଅଲ୍ ଥାନୀ କହିଥିଲେ। ପରମ୍ପରା ଅନୁସାରେ ଓସିଏ ପ୍ରମୁଖ ଏସିଆର ଯୁବ ଗୋଷ୍ଠୀକୁ ଏହି ଭାବନା ଆଗକୁ ବଢ଼ାଇବା ସହିତ ଚାରିବର୍ଷ ପରେ ୨୦୩୦ରେ ଦୋହାରେ ହେବାକୁ ଥିବା ୨୧ତମ ଏସିଆନ୍ ଗେମ୍ସରେ ପୁଣି ଏକାଠି ହେବାକୁ ଆହ୍ୱାନ କରିଛନ୍ତି। ସେପ୍ଟେମ୍ବର ୧୯ରେ ଉଦ୍‌ଘାଟନ ସମାରୋହରେ ବିଭିନ୍ନ ଏସୀୟ ଦେଶ ଏବଂ କ୍ଷେତ୍ରର ବିବିଧ ଖେଳାଳିମାନଙ୍କ ପ୍ରତିନିଧିତ୍ୱ ଇନ୍ଦ୍ରଧନୁ ରଙ୍ଗର ହୃଦୟର ଅନେକ ସ୍ତର ଦ୍ୱାରା କରାଯାଇଥିଲା। ସମାପନ ସମାରୋହ ପାଇଁ ହୃଦୟ କେନ୍ଦ୍ରରେ ଖାଲିଥିବା ସ୍ଥାନକୁ ଭାବନା ଏବଂ ଏକତାର ଭାବନ ସହିତ ସୁନ୍ଦର ଭାବେ ଭରାଯାଇଥିଲା। ଏହାର ଉଦ୍ଦେଶ୍ୟ ଖେଳାଳିମାନଙ୍କୁ ଏକଜୁଟ କରିବା ଥିଲା, ଯାହା ଫଳରେ ଏସୀୟ ଦେଶଗୁଡ଼ିକ ପାଇଁ ବହୁ ବର୍ଷ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବାତାବରଣରେ ମିଳିତ ଭାବେ କାମ କରିପାରିବେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ବୋନ୍-ଓଡୋରୀ ନୃତ୍ୟ ଥିଲା। ଏହାର ଆରମ୍ଭ ଜାପାନରେ ହୋଇଥିବା ବେଳେ ଏବେ ଏହା ଏସିଆର ବହୁ ଅନ୍ୟ ଦେଶରେ ମଧ୍ୟ ଲୋକପ୍ରିୟ। ଏହି ନୃତ୍ୟ ପିଢ଼ି ପରେ ପିଢ଼ି ଏବଂ ଦେଶର ସୀମାନ୍ତ ବାହାର ଲୋକଙ୍କ ଯୋଡ଼ିଥାଏ। ଏହି ନୃତ୍ୟକୁ 'ମସ୍ତୁକେନ୍ ସାମ୍ବା-୨' ଗୀତ ଜରିଆରେ ଉପସ୍ଥିତି କରାଯାଇଥିଲା, ଯେଉଁଥିେ ନାଗୋୟାର ସ୍ୱତନ୍ତ୍ର ସଂସ୍କୃତି ଏବଂ ଆକର୍ଷଣ ଝଲକ ଦେଖିବାକୁ ମିଳିଛି। ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଆଗମନ ପରେ ଏକ ଚମକଦାର ଲେଜର୍ ଲାଇଟ୍ ଶୋ' ହୋଇଥିଲା, ଯେଉଁଥିରେ ନାଗୋୟାର କଳାକାରମାନେ 'ଚେରୀ ବ୍ଲସମ୍'ରେ ସଜ୍ଜିତ ପୋଷାକ ପିନ୍ଧି ପ୍ରସ୍ତୁତି ଦେଇଥିଲେ। ଏହାପରେ ଖେଳାଳିମାନଙ୍କ ପରେଡ୍ ହୋଇଥିଲା। ଏଥିରେ ଭାରତର ନୀରୁ ଢାଣ୍ଡାଙ୍କ ସହିତ କେବଳ ଧ୍ୱଜାବାହନମାନେ ମାର୍ଚ୍ଚ କରିଥିଲେ। ଏହାପରେ ୪୫ ଦେଶର ଦଳ ଆଲୋକ ଓ ସଙ୍ଗୀତର ମୂର୍ଚ୍ଛନାରେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହାପରେ ଏସିଆନ୍ ଗେମ୍ସ ୨୦୨୬ର କେତେକ ସ୍ମରଣୀୟ ପ୍ରଦର୍ଶନ ଏବଂ ମୁକାବିଲାର ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ଓସିଏ ଅଧ୍ୟକ୍ଷ ପ୍ରଥମେ ଏସିଆନ୍ ଗେମ୍ସର ମଶାଲ୍, ଓସିଏ ଧ୍ୱଜା କତାର ପ୍ରଧାନମନ୍ତ୍ରୀ ଶେ୍ ମହମ୍ମଦ ବିନ୍ ଅବ୍‌ଦୁଲରହମାନ୍ ଅଲ୍ ଥାନୀଙ୍କୁ ପ୍ରଦାନ କରିଥିଲେ। କତାରର ସବୁଠୁ ସଫଳ ଖେଳାଳି ବାଶିମ୍ କେନ୍ଦ୍ର ମଞ୍ଚ ସମ୍ଭାଳିଥିଲେ। ସେ ଓସିଏ ଧ୍ୱଜା ଗ୍ରହଣ କରିଥିଲେ ଏବଂ ସେ ହାଇ ଜମ୍ପ୍ କରୁଥିବା ବିଶାଳ ସ୍କ୍ରୀନ୍‌ରେ ପ୍ରଦର୍ଶିତ କରାଯାଇଥିଲା। ଧ୍ୱଜା ଧରି ସେ ଘୋଡ଼ାରେ ଯାତ୍ରା କରୁଥିବା ମଧ୍ୟ ପ୍ରଦର୍ଶିତ କରାଯାଇଥିଲା।

### ଜ୍ଞାନେଶଙ୍କ ବିରୋଧରେ ...

ଆରମ୍ଭ କରିବାକୁ କୁହାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେରଳର ଗୃହ ବିଭାଗ ୨୦୦୬ର 'ଭିଜିଲାନ୍ସ ଆଣ୍ଡ ଆଣ୍ଟି-କରପସନ୍ ବ୍ୟୁରୋ' ପ୍ରାଥମିକ ତଦନ୍ତ ସମ୍ବନ୍ଧୀୟ ସମସ୍ତ ଫାଇଲ୍ ମାଗିଛନ୍ତି।

ରାଜ୍ୟ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ବାହ୍ୟ ପ୍ରଭାବ ସମ୍ବନ୍ଧୀୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ତଦନ୍ତର ଫଳାଫଳ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଗୃହମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ବାହ୍ୟ ପ୍ରଭାବର ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିପାଇଁ ଏକ ବିସ୍ତୃତ ତଦନ୍ତ ଆବଶ୍ୟକ। କଂଗ୍ରେସ ନେତା ମାଲାୟିନକିଝୁ ଭେନୁଗୋପାଳ ସିଇସି ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ତଦନ୍ତ ଦାବି କରି ଅଭିଯୋଗପତ୍ର ଦାଖଲ କରିବା ପରେ ରମେଶ ଚେନ୍ନିଥାଲା ଏହି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଅଭିଯୋଗକୁ ଯାଞ୍ଚ କରିଛନ୍ତି ଏବଂ ଏଥିରେ ଥିବା ଅଭିଯୋଗଗୁଡ଼ିକ ଯଥାର୍ଥ ବୋଲି ମନେ କରିଛନ୍ତି।୨୦୦୬ ମସିହାରେ, କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ ଦ୍ୱାରା ଅଙ୍ଗାମାଲିରୁ ତିରୁଅନନ୍ତପୁରମ୍ ପର୍ଯ୍ୟନ୍ତ ଏମ୍.ସି. ରୋଡ୍‌ର ପୁନଃନିର୍ମାଣ ପାଇଁ ବିଶ୍ୱ ବ୍ୟାଙ୍କ ଅନୁଦାନପ୍ରାପ୍ତ ୨୧୫ କୋଟି ଟଙ୍କାର ଏକ ପ୍ରକଳ୍ପକୁ ହାତକୁ ନିଆଯାଇଥିଲା। ଏକ ମାଲେସୀୟ କମ୍ପାନୀ ଏବଂ ଭାଗୀରଥ ଇଞ୍ଜିନିୟରିଂର ମିଳିତ ଉଦ୍ୟୋଗରେ 'ପାଟି-ବେଲ୍' ଏହି ପ୍ରକଳ୍ପରେ କାର୍ଯ୍ୟ କରିଥିଲା।

### ଇସ୍ରୋରୁ ଆସିଲା ...

ଥିଲା। ପରେ ପୁଲିସକୁ ଟ୍ରାନ୍ସମିଟର ବାକ୍ସ ଭିତରୁ ଏକ ନମ୍ବର ମିଳିଥିଲା। ସେହି ନମ୍ବରରେ ଯୋଗାଯୋଗ କରିବା ପରେ ତାହା ଇସ୍ରୋକୁ ଲାଗିଥିଲା। ପରେ ଇସ୍ରୋର ଦୁଇ ବୈଜ୍ଞାନିକ କଲ କରିବା ପରେ ଘଟଣା ଉପରୁ ପରଦା ହଟିଛି। ନେମୀ ଚାନ୍ଦ ଓ ରାହୁଲ ଶିବଗୋଡିରା ନାମକ ଦୁଇ ବୈଜ୍ଞାନିକ ବରହମପୁର ପୁଲିସକୁ ଫୋନ କରିଥିଲେ। ଏବଂ କହିଥିଲେ ଏହା ଏକ ପାଣିପାଗ ଓ ବାୟୁ ମାପକ ଯନ୍ତ୍ର। ଯାହା ପରୀକ୍ଷଣ ସମୟରେ ବେଲୁନ ଫାଟିଯିବାରୁ ଖସିପଡ଼ିଛି। ଏହି ଯନ୍ତ୍ରର ମୂଲ୍ୟ ବହୁତ। ଯେହେତୁ ଏହା ନଷ୍ଟ ହୋଇନାହିଁ ଫେରାଇବା ପାଇଁ ଦୁଇ ବୈଜ୍ଞାନିକ ପୁଲିସକୁ କହିଥିଲେ। ସତ୍ୟାସତ୍ୟ ଯାଞ୍ଚ ପାଇଁ ବରହମପୁର ପୁଲିସ ପକ୍ଷରୁ ଆବଶ୍ୟକୀୟ କାଗଜ ପତ୍ର ଓ ତଥ୍ୟ ମଗାଯାଇଛି। ଉପଯୁକ୍ତ କାଗଜ ପତ୍ର ମିଳିଲେ ତାହା ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ବରହମପୁର ଆଇଆଇସି ଜନ ପଟ୍ଟନାୟକ କହିଛନ୍ତି। ଯେହେତୁ ବାଲେଶ୍ୱରରେ କ୍ଷେପଣାସ୍ତ୍ର ଘାଟି ରହିଛି। ଲୋକଙ୍କ ମଧ୍ୟରେ ଏହି ଯନ୍ତ୍ର କ'ଣ ଜାଣିବାକୁ ଉତ୍କଣ୍ଠା ବଢିଥିଲା। ଯାହା ଏବେ ଦୂର ହୋଇଛି। ହେଲେ ଇସ୍ରୋ ପକ୍ଷରୁ ଏସମ୍ପର୍କିତ କାଗଜପତ୍ର ନ ମିଳିବା ପର୍ଯ୍ୟନ୍ତ ପୁଲିସ ଏହା ଉପରେ ନଜର ରଖିଛି।

### ସାଙ୍ଗକୁ ତଣ୍ଟି କାଟି ...

ସୁଭ୍ରାଂଶୁ ଶେଖର ପରିଡା ଓ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏସପି ଶ୍ରୀ ସୋନଖର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତ ବିଟୁଙ୍କ ସହ ନିମଖଣ୍ଡି ବଡ଼ ସାହିର ବାସିନ୍ଦା ଟୁନା ନାୟକଙ୍କ ମଧ୍ୟରେ ପୂର୍ବରୁ ସୁସମ୍ପର୍କ ଥିଲା। କିନ୍ତୁ ବିଳମ୍ବିତ ରାତିରେ ଏକ ଘରେ ଉଭୟ ନିଶା ପାନ କରିଥିବା ବେଳେ କୌଣସି କାରଣକୁ ନେଇ ଟୁନା ଏବଂ ବିଟୁଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରଥମେ ଟୁନା ବିଟୁକୁ ଆକ୍ରମଣ କରିଥିଲା। ଏଥିରେ ବିଟୁ ଉତ୍‌କ୍ଷିପ୍ତ ହୋଇ ତା ଗାଡିରେ ରଖିଥିବା ଧାରୁଆ ଅସ୍ତ୍ରରେ ଟୁନାର ବେକକୁ ଆକ୍ରମଣ କରିଥିଲା। ପରେ ଟୁନାଙ୍କ ସମ୍ପର୍କୀୟ ଘରକୁ ଦୌଡ଼ି ପଳେଇଥିଲା ଅଭିଯୁକ୍ତ। ଆକ୍ରମଣରେ ଟୁନାର ବେକରୁ ପ୍ରଚୁର ରକ୍ତସ୍ରାବ ହେବା କାରଣରୁ ପ୍ରାଣ ହରାଇଥିଲା। ଅଭିଯୁକ୍ତ ବିଟୁର ନିମଖଣ୍ଡି ଅଞ୍ଚଳରେ ଫାଷ୍ଟଫୁଡ଼ ଦୋକାନ ଥିବା ବେଳେ ଟୁନା ଗ୍ରିଲ ଦୋକାନରେ କାମ କରୁଥିବା ପରିବାର ଲୋକେ କହିଛନ୍ତି । ଅନ୍ୟପଟେ ଟୁନାର ନାମରେ ନିମଖଣ୍ଡି ଏବଂ ସଦର ଥାନାରେ ୮ଟି ଅପରାଧିକ ମାମଲା ଥିବା ପୁଲିସ ସୂଚନା ଦେଇଛି। ବିଟୁ ବିଳମ୍ବିତ ରାତ୍ରରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ପୁଲିସ ହାତରେ ଧରା ପଡିଥିଲା। ପୁଲିସ ବିଟୁକୁ ଗିରଫ କରିଥିବା ବେଳେ ଟୁନାର ମୃତ ଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଏନେଇ ନିମଖଣ୍ଡି ଥାନାରେ ୩୧୦/୨୬ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଏସପି ଶ୍ରୀ ସୋନକର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରେମଜନିତ କାରଣକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥାଇପାରେ ବୋଲି ମଧ୍ୟ ଗ୍ରାମରେ ଚର୍ଚ୍ଚା ହେଉଛି।

### ନୌସେନାର ନାବିକ ...

କାର୍ଯ୍ୟକଳାପର ମୁକାବିଲା ପାଇଁ ଗଠିତ ସ୍ୱତନ୍ତ୍ର ୟୁନିଟ୍ 'ସିଆଇ', ଏହି ନାବିକଙ୍କ ସନ୍ଦେହଜନକ ଡିଜିଟାଲ୍ କାର୍ଯ୍ୟକଳାପ ବିଷୟରେ ଜାଣିବା ପରେ ତଦନ୍ତ ଆରମ୍ଭ କରିଥିଲା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଉପରେ କଡ଼ା ନଜର ରଖିଥିଲା।

# 'ଶତାବ୍ଦୀର ପଞ୍ଚ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର



**କେନ୍ଦ୍ରାପଡ଼ା,୪।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଅଧିନ ବାରୋ ପଞ୍ଚାୟତର ତ୍ରିଲୋଚନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷାବିକାଶ ସମିତି ଆନୁକୂଲ୍ୟରେ ଜିଲ୍ଲା ବିଦ୍ୟୁତ୍ ପରିଷଦ ସଭାପତି ଗୋଲକ ବିହାରୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ପଞ୍ଚ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଉତ୍ତରପୂର୍ବ ସମ୍ଭାଗର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ଯୋଗଦେଇ ବିଦ୍ୟୁତ ପରିଷଦର କାର୍ଯ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ ଅତିଥି ଭାବେ ଯୋଗଦେଇ ଶତାବ୍ଦୀର ପରିବର୍ତ୍ତନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ବିଦ୍ୟୁତ୍ ପରିଷଦ ସଭାପତି ବଳରାମ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୬୦ଜଣ କାର୍ଯ୍ୟକର୍ତ୍ତା ଏଥିରେ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ସମ୍ପାଦିକା ସୁମତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତଙ୍କ ସମେତ ବିଦ୍ୟାମନ୍ଦିରର ପ୍ରାକ୍ତନ ସମ୍ପାଦକ ଉମେଶ ଚନ୍ଦ୍ର ଦାସ, କେନ୍ଦ୍ରାପଡ଼ା ବିଭାଗ ନିରୀକ୍ଷକ ଡ. ଲକ୍ଷ୍ମଣ କୁମାର ମହାନ୍ତ, ମିନତୀ ବେହେରା, ଦେବାଶିଷ ଦାଶ, ଶ୍ରୀଧର ନାୟକ,ବିଦ୍ୟୁତ୍ ପରିଷଦ ସମ୍ପାଦକ ବିଜୟ କୁମାର ସାମଲ, ତ୍ରିଲୋଚନପୁରର ହେମବତୀ ନାୟକ, ନିବେଦିତା ଦାସ, କୁଞ୍ଜବିହାରୀ ସ୍ୱାଇଁ, ମୋନାଲିସା ଦାସ, ପ୍ରଣତୀ ବେହୁରା, ଅଜୟ କୁମାର ସ୍ୱାଇଁ, ଶଶାଙ୍କ ଶେଖର ଓଝା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସହଯୋଗ କରିଥିଲେ। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# 'ମୋନା' ପୌରାଞ୍ଚଳ ଶାଖା ପକ୍ଷରୁ ତ୍ରିରଙ୍ଗା ଯାତ୍ରା



**ଯାଜପୁର,୪।୧୦/ଏନ୍ଏନ୍ଏସ୍:** ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ସପ୍ତାହ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଯାଜପୁର ପୌରାଞ୍ଚଳ ଶାଖା ତରଫରୁ ନିଶା ନିବାରଣ ତ୍ରିରଙ୍ଗା ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ସମ୍ପାଦକ ହୃଷିକେଶ ପତି, ହଳଧର ସେଠୀ, ସନ୍ତୋଷ ନନ୍ଦ, ସରୋଜ ବିଶ୍ୱାଳ, ଭଗବାନ ନାୟକ, ଅବ୍‌ଦୁଲ ରୌଫ୍, ଅର୍ଜିତ ନାୟକ, ଗଦାଧର ଦାସ, ବିଜୟ ମହାପାତ୍ର, ବିଭୂତି ମହାପାତ୍ର, ଆଦିତ୍ୟ ମହାନ୍ତି, ନିକୁଞ୍ଜ ସାମଲ ପ୍ରମୁଖ ଏହି ତ୍ରିରଙ୍ଗା ଯାଜପୁରର ନେତୃତ୍ୱ ନେଇଥିଲେ। ଏହି ଯାତ୍ରା ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଟାଉନ୍ ଥାନାରେ ପହଞ୍ଚିଥିଲା। ଓଡ଼ିଶାରେ ମଦ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନାଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା।

# କ୍ଲଷ୍ଟରସ୍ତରୀୟ ସହଭାଗିତା ବୈଠକ



**କୁଆଖିଆ,୪।୧୦/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ମା' ଯୋଗେଶ୍ୱରୀ ସରକାରୀ ବିଦ୍ୟାଳୟରେ ଶ୍ରୀବନ୍ତପୁର କ୍ଲଷ୍ଟରସ୍ତରୀୟ ସହଭାଗିତା ବୈଠକ ସିଆର୍‌ସିସି ବସନ୍ତ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଂଶୁମାଳୀ ପରିଡ଼ା କ୍ଲଷ୍ଟର୍‌ର ସମସ୍ତ ଶିକ୍ଷକଙ୍କୁ ସ୍ୱାଗତ କରି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷକ ହେମନ୍ତ କୁମାର ସାହୁ, ନୂତନ ସିଆର୍‌ସି ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଲକ୍ଷ୍ମୀପ୍ରିୟା ରଣା, କ୍ଷୀରୋଦ ବିହାରୀ ପ୍ରଧାନ, ହିମାଂଶୁ ଭୂଷଣ ପାଳ, ପୁରୁଷୋତ୍ତମ ଗୁରୁ, ଲକ୍ଷ୍ମୀପ୍ରିୟା ସାହୁ,କାର୍ତ୍ତିକେଶ୍ୱର ଭୂୟାଁ , ନିରଞ୍ଜନ ଓଝା, ଯୋଗଦେଇ ଶୈକ୍ଷିକ ବାତାବରଣ, ପରୀକ୍ଷା, ନୂଆ ପାଠ୍ୟକ୍ରମ ସହଭାଗିତାରେ ଶିକ୍ଷକଙ୍କ ସେବା ଦାୟିତ୍ୱ, କର୍ତ୍ତବ୍ୟ ଉପରେ କହିଥିଲେ। ଏଥିରେ ପରିଚାଳନା କମିଟି ସଦସ୍ୟ, ସଭାପତି ସଭ୍ୟ ଉପସ୍ଥିତ ଥିଲେ। ଏଥିରେ ସିଆର୍‌ସି ବସନ୍ତ ସାମଲ ଯୋଗଦେଇ ଶିକ୍ଷକଙ୍କ ଚତୁର୍ଥ ମାସିକ ବୈଠକରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ବନ୍ଦ ଡାକରାକୁ ନେଇ କଂଗ୍ରେସର ପ୍ରସ୍ତୁତି

**ଯାଜପୁର,୪।୧୦/ଏନ୍ଏନ୍ଏସ୍:** ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଭୋଟ୍ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ପରିପ୍ରେକ୍ଷୀରେ ଆସନ୍ତା ୬ ତାରିଖ ଦିନ କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ସଙ୍ଗେ ସଙ୍ଗେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସେହିପରି ୮ ତାରିଖ ଜିଲ୍ଲାରେ ବନ୍ଦ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଯାଜପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ବ୍ଲକ ସଭାପତିମାନଙ୍କ ସହ ପ୍ରସ୍ତୁତି ବୈଠକ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଯାଜପୁର କଂଗ୍ରେସ ଦାୟିତ୍ୱରେ ଥିବା ହଳଧର ସେଠୀ ଯୋଗଦେଇ ବିକ୍ଷୋଭ ଓ ବନ୍ଦ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କିପରି ସମସ୍ତ କଂଗ୍ରେସର କର୍ମୀ ଓ ନେତୃମଣ୍ଡଳୀମାନଙ୍କୁ ଏକଜୁଟ୍ କରି କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ୬ ତାରିଖ ଓ ୮ ତାରିଖରେ ସମସ୍ତ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ସହଯୋଗ କରିବା ପାଇଁ ଶ୍ରୀ ସେଠୀ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବିଏଲ୍-୧ ସନ୍ତୋଷ ନନ୍ଦ, ଯାଜପୁର ନଗର କଂଗ୍ରେସ କମିଟିର ସଭାପତି ନାରାୟଣ ସାମନ୍ତ, ଯାଜପୁର ବ୍ଲକ କଂଗ୍ରେସର ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଏକାଦଶୀ ତ୍ରିପାଠୀ, ବରୀ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ପ୍ରଧାନ, ବିଭୂତି ମହାପାତ୍ର, ହୃଷିକେଶ ପତି, ନିକୁଞ୍ଜ ସାମଲ, ସସ୍ମିତା ପଣ୍ଡା, ଅର୍ଜିତ ନାୟକ, ନକୁଳ ସାହୁ, ଅବଦୁଲ ରୌଫ, ଉପେନ୍ଦ୍ର ସାମଲ, ବିଜୟ ମହାପାତ୍ର, ପ୍ରଭୃତି ବୈଠକରେ ଯୋଗ ଦେଇଥିଲେ।



# ବ୍ରାହ୍ମଣୀରେ ଭାସି ଯାଉଥିବା ବୃଦ୍ଧ ଉଦ୍ଧାର



**ପଟ୍ଟାମୁଣ୍ଡାଇ,୪।୧୦/ଏନ୍ଏନ୍ଏସ୍:** ପଟ୍ଟାମୁଣ୍ଡାଇ ବ୍ଲକ୍ ବଳଭଦ୍ରପୁର ଗ୍ରାମର (୬୦) ବୟସ୍କା ବୃଦ୍ଧ କୁଶାସନ ମହାନ୍ତି ଆଜି ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ପ୍ରାୟ ୭ କିଲୋମିଟର ଭାସି ଆସିଥିବା ବେଳେ ଜଣେ ଯୁବକ ବୃଦ୍ଧଙ୍କୁ ସାହସିକତାର ସହ ଉଦ୍ଧାର କରିଛନ୍ତି । ପ୍ରକାଶ, ଆଜି ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ଜନୈକ ବୃଦ୍ଧ ଭାସି ଯାଉଥିବା ବେଳେ ନଦୀକୂଳରେ ଥିବା କିଛି ଯୁବକ ଏହା ଦେଖିବାକୁ ପାଇଥିଲେ। ପରିସ୍ଥିତିର ଗମ୍ଭୀରତାକୁ ବୁଝି ଯୁବକମାନେ ତୁରନ୍ତ ଏକ ଡଙ୍ଗା ସାହାଯ୍ୟରେ ବୃଦ୍ଧଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ପ୍ରଖର ସ୍ରୋତ ମଧ୍ୟରେ ଡଙ୍ଗା ଚଳାଇବାର ଅଭିଜ୍ଞତା ନଥିବାରୁ ଉଦ୍ଧାରକାରୀ ଯୁବକମାନେ ମଧ୍ୟ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ। ଜଣେ ବୃଦ୍ଧ ବ୍ରାହ୍ମଣୀ ନଦୀରେ ଭାସି ଯାଉଥିବା ଖବର ପ୍ରଚାରିତ ହେବା ପରେ ନଦୀକୂଳରେ ଲୋକଙ୍କ ଭିଡ଼ ଜମି ଯାଇଥିଲା। ଏହି ସମୟରେ ନିମପୁରର କିଛି ସାହସୀ ଯୁବକଙ୍କ ସହ ଶାସନ ପଞ୍ଚାୟତର ସରପଞ୍ଚ ସଂଗ୍ରାମ ବାରିକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଇଣ୍ଟରନ୍ୟାସନାଲ୍ ହ୍ୟୁମାନ୍ ରାଇଟ୍ସର ସଭାପତି ରଞ୍ଜନ ରାଉତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ସ୍ଥାନୀୟ ଯୁବକଙ୍କ ସହିତ ପ୍ରଖର ନଦୀ ସ୍ରୋତ ମଧ୍ୟରୁ ବୃଦ୍ଧଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହିତ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ମେଡିକାଲକୁ ପଠାଇଥିଲେ। ବ୍ରାହ୍ମଣୀ ନଦୀର ପ୍ରଖର ଜଳସ୍ରୋତକୁ ଖାତିର ନକରି ଜଣେ ମଣିଷର ଜୀବନ ରକ୍ଷା ପାଇଁ ଯୁବକମାନଙ୍କ ଏହି ମାନବିକତା ଓ ସାହାସିକତାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି। ବିପଦ ସମୟରେ ଏଭଳି ସାହସିକ ପଦକ୍ଷେପ ମାନବିକତାର ଅନନ୍ୟ ଉଦାହରଣ ହୋଇଛି।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକ ଦିବସ

**ଯାଜପୁର,୪।୧୦/ଏନ୍ଏନ୍ଏସ୍:** ବରୀ ବ୍ଲକ୍ ଅନ୍ତର୍ଗତ କମ୍ପଗଡସ୍ଥ ଆଶା ନାୟକ ସେବାସଂଘ ପରିସରରେ ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା। ଆୟୋଜିତ ସଭାରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିବା ସହିତ ଅନ୍ତେବାସୀ, ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଅଭନନ୍ଦନ ଜଣାଇ ବ୍ୟକ୍ତିଗତ ଭାବେ ପ୍ରତ୍ୟେକଙ୍କ ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦେଇ ବରିଷ୍ଠ ମାନେ ସଦାକାଳ ବନ୍ଦନୀୟ ସେମାନଙ୍କ ଅଭିଜ୍ଞତା ଅତିତର କାର୍ଯ୍ୟାବଳୀ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ମୂଲ୍ୟବାନ ମାର୍ଗଦର୍ଶକ ବୋଲି ବର୍ଣ୍ଣନା କରିବା ସହ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ତରଫରୁ ଖୋଲାଯାଇଥିବା ବରିଷ୍ଠ ନାଗରିକ ନିବାସ ଗୁଡିକର ଦାୟିତ୍ୱ ଏବଂ ଆବଶ୍ୟକ ସ୍ଥଳେ ବରିଷ୍ଠମାନଙ୍କୁ ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆଇନଗତ ସେବା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭିକରେ ଅନୁଷ୍ଠାନର ସମ୍ପାଦକ ଅମୀୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ଥିବାବେଳେ ବରିଷ୍ଠ ଶିକ୍ଷକ ପଣ୍ଡିତ ରଞ୍ଜନ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ପ୍ରାଧିକରଣ ଓ ବରିଷ୍ଠ ନାଗରିକ ନିବାସର କର୍ମଚାରୀମାନେ ସହଯୋଗ କରିଥିଲେ।

# ଝିଲ୍ଲୀ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



**କଙ୍କଡ଼ାହାଡ,୪।୧୦/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ ଝିଲ୍ଲୀ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଅବସରରେ ସରପଞ୍ଚ ରୋଜାଲିନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତକୁ ସ୍ୱଚ୍ଛ ଭାରତ, ବିକଶିତ ଭାରତ ଗଠନ ପାଇଁ ପ୍ରମୁଖ ଦିଗରେ ଭି-ବି-ଜି ରାମ୍‌ଜୀ ଏହାକୁ ଗୁରୁତ୍ୱାରୋପ ଦେଇଛନ୍ତି। ପଞ୍ଚାୟତରେ ଲୋକଙ୍କ ମୌଳିକ ସମସ୍ୟା, ଜନହିତକର କାର୍ଯ୍ୟ, ଉନ୍ନତି ଆଣିବା ଉପରେ ଉକ୍ତ ଗ୍ରାମ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଲିଆ ହାଁସଦା, ଏଡିଓ କାଳନ୍ଦୀ ଚରଣ ପରିଡ଼ା ,ଅଙ୍ଗନବାଡ଼ି କର୍ମୀ, ଲମ୍ବିକେ, ସିଆର୍‌ପି ଉପସ୍ଥିତ ଥିବାବେଳେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ସହଯୋଗରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏତଦ୍ ବ୍ୟତୀତ ମୃତ୍ତିକା ସଂରକ୍ଷଣ ବିଭାଗର ଡବ୍ଲ୍ୟୁଡିଟି ସଭ୍ୟ ପ୍ରକାଶ ଚନ୍ଦ୍ର ଘଡେଇ, ଏସ୍‌ଇଡବ୍ଲ୍ୟୁ ସୁନୀଲ ଶେଖର ମିଶ୍ର ଉପସ୍ଥିତ ଥିବା ବେଳେ କାଇମାଟିନାଳ ବିଭାଜିକା କମିଟିର ସମ୍ପାଦକ ପ୍ରେମାନନ୍ଦ ପ୍ରଧାନ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ସମ୍ପର୍କିତ ଆଲୋକପାତ କରିଥିଲେ।

# ନିଶାମୁକ୍ତି ଯୁବା ସଂକଳ୍ପ ସଚେତନତା

**ଚାନ୍ଦୋଲ,୪।୧୦/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଚାନ୍ଦୋଲ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଅଭିଯାନକୁ ଅଧିକ ଗୁରୁତ୍ୱ ରଖୁଥିବା ନିଶାମୁକ୍ତି ଯୁବା ସଂକଳ୍ପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତଙ୍କ ସଂଯୋଜନାରେ ଆୟେଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଚିକିତ୍ସା ଅଧିକାରୀ ଡଃ ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବରେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଏନ୍ଏସ୍ଏସ୍‌ର କାର୍ଯ୍ୟକାରୀ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି, କରିଲୋପାଟଣା ଏନ୍ଏସ୍ଏସ୍‌ର କାର୍ଯ୍ୟକାରୀ ଅଧିକାରୀ ମୋନାଲିସା ନାୟକ, ସମାଜସେବୀ ଗୌତମ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଗରମ ହେଉଛି ରାଜନୈତିକ ...

ଆୟୋଗଙ୍କ ପକ୍ଷରୁ ଆରମ୍ଭ ହୋଇଗଲାଣି ଟ୍ରେନିଂ। ଘରକୁ ଘର ସର୍ଭେ ବେଳେ ଭୋଟରଙ୍କ ନାଁ, ଠିକଣା ଓ ଅନ୍ୟାନ୍ୟ ବିବରଣୀରେ ଥିବା ତ୍ରୁଟିକୁ ଚିହ୍ନଟ କରି ସଂଶୋଧନ କରାଯିବ। ସର୍ଭେରୁ ମିଳିବାକୁ ଥିବା ତଥ୍ୟ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନର ଭୋଟର ଲିଷ୍ଟ ପ୍ରସ୍ତୁତିର ଏକ ପ୍ରମୁଖ ଆଧାର ହେବ। ନିର୍ବାଚନ ଆୟୋଗଙ୍କ ପ୍ରସ୍ତୁତି ସହ ରାଜନୈତିକ ଦଳଗୁଡ଼ିକରେ ବି ବଢ଼ିଲାଣି ତତ୍ପରତା। ଗାଁ ଗାଁରେ ନିଜର ସଂଗଠନକୁ ମଜଭୁତ କରିବା ସହ ଭୋଟରଙ୍କ ପାଖରେ ପହଞ୍ଚିବାକୁ ଆରମ୍ଭ ହୋଇଛି ରଣନୀତି। ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କମ ସମୟ ଥିବା ବେଳେ କସରତ ଆରମ୍ଭ କରିଛନ୍ତି ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆ ଟିମ ଗଠନ କରିସାରିଛନ୍ତି। ନୂଆ ସୂର୍ଯ୍ୟୋଦୟ ଆଶାରେ କଂଗ୍ରେସ ବଡ଼ ପ୍ଲାନ କରିଛି। ବିଜେଡି ମଧ୍ୟ ନିର୍ବାଚନକୁ ସାମ୍ନା କରିବାକୁ ସଂଗଠନ ସଜଡ଼ା ପର୍ବ ଆରମ୍ଭ କରିସାରିଛି। ବରିଷ୍ଠଙ୍କୁ ସମ୍ମାନ ସହ ଜେନ-ଜି ଓ ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ଦଳ ସଂଗଠନ ସଜାଡୁଛି। ବାଛି ବାଛି ପ୍ରସଙ୍ଗକୁ ଧରି ଲୋକଙ୍କୁ ପୁନର୍ବାର ଯୋଡିବାକୁ ବିଜେଡି ପ୍ରୟାସ କରୁଛି। ସେପଟେ ଶାସକ ଦଳ ବିଜେପ ମଧ୍ୟ ନିକଟରେ ଶେଷ ହୋଇଥିବା ୨ ଦିନିଆ କାର୍ଯ୍ୟକାରିଣୀରେ ନିର୍ବାଚନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ୨୦୨୪ରେ ଓଡ଼ିଶାରେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିଥିବା ବିଜେପିର ଟାର୍ଗେଟ୍ ତୃଣମୂଳରେ ନିଜ ସଂଗଠନକୁ ଆହୁରି ମଜଭୁତ କରିବା। ଆଗାମୀ ନିର୍ବାଚନରେ ଜେନ୍-ଜି ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ସବୁ ଦଳ ଭରପୁର ପ୍ରୟାସ କରିବ।

### ୩ ବର୍ଷ ପର୍ଯ୍ୟନ୍ତ ...

ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୁଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।ଏହାସହ ଚୋରା ଓ ବିଷାକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍‌ଖା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍‌ଲାଇନ୍'କୁ ସାକାର କରିବା ଦିଗରେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। "ନିଶାକୁ ନାଁ, ଜୀବନକୁ ହଁ"ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ।

# ଗଣମାଧ୍ୟମର ବିଶ୍ୱସନୀୟତା ପୂର୍ବାପେକ୍ଷା ବହୁତ କମ୍ ହୋଇଯାଇଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ପ୍ରାୟ ଦୁଇ ଦଶନ୍ଧିରେ ଖବର ପରିବେଷଣ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ଏହି ଶତାବ୍ଦୀର ପ୍ରାରମ୍ଭରେ ଚବିଶ ଘଣ୍ଟିଆ ଟେଲିଭିଜନ ଖବର ଏବଂ ଗତ ପ୍ରାୟ ଏକ ଦଶକର ଗଣମାଧ୍ୟମରେ ଖବର ପରିବେଷଣ ଏହି କ୍ଷେତ୍ରର ଦୃଶ୍ୟପଟକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରି ଦେଇଛି । କିନ୍ତୁ ଛପା ଖବର କାଗଜର ଲୋକପ୍ରିୟତାକୁ ଏହା ପ୍ରତିହତ କରି ପାରିନାହିଁ । ସୋସିଆଲ ମିଡିଆ ଓ ଇଣ୍ଟରନେଟ ଆସିବା ପରେ ସମ୍ବାଦ ପରିବେଷଣର ଶୈଳୀ ବଦଳିଛି । ଏହି ପରିବର୍ତ୍ତିତ ସମୟରେ ସତ୍ୟତା, ନିରପେକ୍ଷତା ଓ ନୈତିକତାକୁ ବଜାୟ ରଖିବା ସବୁଠାରୁ ବଡ଼ ଆହ୍ୱାନ । ଟେଲିଭିଜନ ଖବର ବିଶେଷ ଭାବେ ଶବ୍ଦ ବେଶୀ ହୋଇଥିବା ବେଳେ, ଗଣମାଧ୍ୟମରେ ଆଜିକାଲି ଖବର କମ, ମିଛ ଖବର, କୁତ୍ସାରଟନା ଅଧିକ ଚାଲୁଛି । ହେଲେ ଆଜି ବି ଲୋକେ 'ତଥ୍ୟ-ଭିତ୍ତିକ' ଖବର ପାଇଁ ଛପା ଗଣମାଧ୍ୟମ ଉପରେ ଭରସା କରୁଛନ୍ତି ।



ରବିବାର ଦୈନିକ ଖବରକାଗଜ 'ସମାଜ' ର ୧୦୭ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବାଦପତ୍ରକୁ ଯଥାର୍ଥରେ କୁହାଯାଏ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ମଜଭୁତ ସେତୁ ଭାବେ ସମ୍ବାଦପତ୍ର କାର୍ଯ୍ୟ କରିଥାଏ । ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ସହିତ, ତୃଣମୂଳ ସ୍ତରର ସମସ୍ୟା, ଜନସାଧାରଣଙ୍କ ଦାବୀ ଓ ଅଭିଯୋଗକୁ ସରକାରଙ୍କ ଦୃଷ୍ଟିକୁ ଆଣିବାରେ 'ସମ୍ବାଦପତ୍ର' ସଦାସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । କିନ୍ତୁ, ଆଜି ଖବରକାଗଜମାନେ ମଧ୍ୟ ବ୍ୟବସାୟିକରଣ ଦିଗକୁ ଅଧିକ ଧ୍ୟାନ ରଖୁଛନ୍ତି । ଏହା ଫଳରେ ଅନେକ ସମୟରେ ପ୍ରକୃତ ଖବର ପାଠକେ ପାଇ ପାରୁ ନାହାନ୍ତି ଓ ଅନେକ ସମୟରେ କେବଳ ତାହା ମିଛ ଖବର ପରିବେଷଣ କରାଯାଉଛି, ଯାହାଫଳରେ ପରେ ସମ୍ବାଦପତ୍ରମାନେ ଦୁଃଖ ପ୍ରକାଶ କରୁଛନ୍ତି । କୁହାଯାଏ, ସମ୍ବାଦପତ୍ର ହେଉଛନ୍ତି ଗଣତନ୍ତ୍ରର ଛାୟା ବିରୋଧୀ ଦଳ, କାରଣ ସେମାନେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା ସହିତ ଲୋକଙ୍କ ପ୍ରସଙ୍ଗକୁ ଉତ୍ଥାପନ କରିଥାନ୍ତି, ଯାହା କରିବା ଉଚିତ । ଅନେକ ସମୟରେ ଦେଖା ଯାଉଛି ଯେ ଆଜିକାଲି ସମାଲୋଚନା କମ, କୁତ୍ସାରଟନା ଅଧିକ ହେଉଛି । ଏହି ସମାଲୋଚନା, ଆଜେଣ୍ଡାର ରୂପ ନେଉଛି । ତେଣୁ, ମୋତେ କହିବାରେ ସଙ୍କୋଚ ନାହିଁ ଯେ, ପୂର୍ବାପେକ୍ଷା ଗଣମାଧ୍ୟମର ବିଶ୍ୱସନୀୟତା ବହୁତ କମ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଲୋକସେବକ ମଣ୍ଡଳର ସଭାପତି ରାଜକୁମାର, ଲୋକସେବକ ମଣ୍ଡଳର ଉପ-ସଭାପତି ଦୀପକ ମାଲବ୍ୟ, ଲୋକସେବକ ମଣ୍ଡଳର ସମ୍ପାଦକ ରମାନାଥ ଝା, ସମାଜର ମୁଦ୍ରାକର ତଥା ପ୍ରକାଶକ ରାଜେନ୍ଦ୍ର କୁମାର ଜେନା, ସମାଜର ସମ୍ପାଦକ ବାମାପଦ ତ୍ରିପାଠୀ, ମୁଖ୍ୟ ପରିଚାଳକ ଗୋପୀନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଃଶୁଳ୍କ ଦନ୍ତ ପରୀକ୍ଷା ଶିବିର



**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ରୋଟାରୀ ଇ-କ୍ଲବ୍ ଅଫ୍ ମହୋଦଧି, ଭୁବନେଶ୍ୱର ତରଫରୁ ସମ୍ ହସ୍ପିଟାଲ, ଭୁବନେଶ୍ୱର ଓ ବାଜପୁର ଯୁବକ ସଂଘର ସହଯୋଗରେ ଖୋର୍ଦ୍ଧା ଜିଲ୍ଲାର ବାଜପୁର ଗ୍ରାମରେ ରବିବାର ଏକ ଗୋଷ୍ଠୀ ନିଃଶୁଳ୍କ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ ହସ୍ପିଟାଲର ଡାକ୍ତର ସୌରଭ ବଳ ଓ ଡାକ୍ତର ଅର୍ପଣ ନାୟକଙ୍କ ସମେତ ନଅଜଣ ଦନ୍ତ ଚିକିତ୍ସକ ଆବଶ୍ୟକ ଉପକରଣ ସହ ଯୋଗ ଦେଇଥିଲେ । ଏହି ଶିବିରରେ ବାଜପୁର ଗ୍ରାମ ଓ ଆଖପାଖ ଗ୍ରାମରୁ ୧୮୨ ଜଣ ଲୋକ ପହଞ୍ଚି ନିଜ ଦନ୍ତ ପରୀକ୍ଷାର ସୁଯୋଗ ନେଇଥିଲେ । ବାଜପୁର ଯୁବକ ସଙ୍ଘ ଦ୍ୱାରା ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ଶିବିର ବିଷୟରେ ସୂଚନା ଦିଆଯାଇଥିଲା । ରୋଟାରୀ ଇ-କ୍ଲବ୍ ଅଫ୍ ମହୋଦଧିର ପୂର୍ବତନ ସଭାପତି ରୋଟାରିଆନ ସର୍ବେଶ୍ୱର ସାହୁ, ରୋଟାରୀଆନ ସଂଗ୍ରାମ କେଶରୀ ପଟ୍ଟନାୟକ, ରୋଟାରିଆନ ମନୀନ୍ଦ୍ରନାଥ ମହାକୁଳ, ପୂର୍ବତନ ସମ୍ପାଦକ ରୋଟାରିଆନ ରଜନୀକାନ୍ତ ପଟ୍ଟନାୟକ ଓ ସମ୍ପାଦିକା ରୋଟାରୀଆନ ସୁସ୍ମିତା ଦାଶ, ରୋଟାରୀଆନ ଦେବାଶିଷ ମାନସିଂହ, ବାଜପୁର ଯୁବକ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଶିବିରକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# 'କେତେ ଆଗେଇଛି ଓଡ଼ିଶା' ଆଲୋଚନାଚକ୍ର



**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ଓଡ଼ିଶା କିଛି ଆଗେଇଛି, ଅନେକ ବାଟ ଯିବାକୁ ଅଛି । କିଛି ହୋଇନି ବୋଲି ନୁହେଁ, ହେଲେ ଯେତିକି ଅଗ୍ରଗତି ହୋଇଛି ତାହା ସନ୍ତୋଷଜନକ ନୁହେଁ । ୨୦୩୬ରେ ଆମେ ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରୁଥିବାବେଳେ ସବୁସ୍ତରରେ ଓଡ଼ିଶାକୁ ଆଗକୁ ନେବା ପାଇଁ ଉଦ୍ୟମ କରିବା ଦରକାର । ନିଜ କଥା ଛାଡ଼ି, ରାଜ୍ୟର ବିକାଶ ପାଇଁ ଆମେ ମାନସିକସ୍ତରରେ ପ୍ରସ୍ତୁତ ହେଲେ ହିଁ ଓଡ଼ିଶା ଆହୁରି ଆଗେଇପାରିବ । ବିକାଶକୁ ନେଇ ତୁଚ୍ଛା ରାଜନୀତି ନକରି ରାଜନେତା, ସାଧାରଣ ଜନତା, ବୁଦ୍ଧିଜୀବୀ ଏକାଠି ଓଡ଼ିଶା କଥା ଚିନ୍ତା କରିବା ଦରକାର । ସାପ୍ତାହିକୀ ଖବରକାଗଜ 'ଗର୍ବିତ ଓଡ଼ିଆ' ପକ୍ଷରୁ ଆୟୋଜିତ 'କେତେ ଆଗେଇଛି ଓଡ଼ିଶା' ଆଲୋଚନା ଚକ୍ରରେ ଅତିଥିମାନେ ଏହା କହିଛନ୍ତି ।

ସମ୍ପାଦକ ବଳରାମ ରଣସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଧାୟକ ସର୍ବଶ୍ରୀ ଅରୁଣ ସାହୁ, ଅରବିନ୍ଦ ମହାପାତ୍ର, ତାରା ପ୍ରସାଦ ବାହିନୀପତି, ଟଙ୍କଧର ତ୍ରିପାଠୀ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସ, ବରିଷ୍ଠ ସାମ୍ବାଦିକ ଭବାନୀ ପ୍ରସାଦ ଦାସ, ଇଣ୍ଡିଆନ୍ ମିଡ଼ିଆ କଂଗ୍ରେସର ଓଡ଼ିଶା ରାଜ୍ୟ ଶାଖା ସଭାପତି ରାମଚଣ୍ଡୀ ପ୍ରସାଦ ରଣସିଂହ, କ୍ରାନ୍ତିସେନାର ଆବାହକ ପାର୍ଥସାରଥି ମୁଦୁଲି, ବରିଷ୍ଠ ସାମ୍ବାଦିକ ରଜନୀ ସାମନ୍ତରାୟ, ରମେଶ ମହାନ୍ତି, ରଙ୍ଗାଚରଣ ପ୍ରଧାନ, ପ୍ରତିଷ୍ଠିତ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନାରେ ସାମିଲ୍ ହୋଇଥିଲେ । ସେହିପରି ସମ୍ବାଦର ବରିଷ୍ଠ ସହ ସମ୍ପାଦକ ପ୍ରଦ୍ୟୁମ୍ନ ରାଉତ, ସକାଳର ସହ ସମ୍ପାଦକ ହେମନ୍ତ କୁମାର ମଲ୍ଲିକ, ପ୍ରମେୟର ବରିଷ୍ଠ ସହ ସମ୍ପାଦକ ସନ୍ତୋଷ ସାହୁ, ପ୍ରଗତିବାଦୀ ଇଂରାଜୀ ୱେବପୋର୍ଟାଲର ବରିଷ୍ଠ ସହ ସମ୍ପାଦକ ଯଯାତି କେଶରୀ ରାଉତ, ଲୋକନକଲି କଥା ଅସଲି ଟିମ୍‌ର ଲୋକପ୍ରିୟ କଳାକାର ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର ପ୍ରଧାନ, ବରିଷ୍ଠ ସାମ୍ବାଦିକ ସ୍ମୃତିରଞ୍ଜନ ବେହେରା, କନକର ପ୍ରୋଗ୍ରାମ ପ୍ରଡ୍ୟୁସର ଅମୀୟ ରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ଇଣ୍ଡିଆନ୍ ମିଡ଼ିଆ କଂଗ୍ରେସ ଓ ଗର୍ବିତ ଓଡ଼ିଆର ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସପ୍ତମ ଜାତୀୟ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ଜୟଦେବ ଭବନଠାରେ ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ତରଫରୁ ସପ୍ତମ ଜାତୀୟ ନୃତ୍ୟ ମହୋତ୍ସବ ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନରୁ ନୃତ୍ୟଶିଳ୍ପୀମାନେ ଯୋଗଦେଇଥିଲେ ।

ଏହି ଜାତୀୟ ସ୍ତରର ନୃତ୍ୟ ମହୋତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍ ଯୋଗ ଦେଇଥିଲେ । ଅପରାହ୍ଣ ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ସୌରଭ କବିତିଳକ ଆର୍ତ୍ତତ୍ରାଣ ଶତପଥୀ ଯୋଗ ଦେଇଥିଲେ ଏବଂ ଅନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପଣ୍ଡିତ ସତ୍ୟ ନାରାୟଣ ଦାସ ଏବଂ କାଳୀଚରଣ ମିଶ୍ର । କାର୍ଯ୍ୟକ୍ରମର ପ୍ରଥମ ପରିବେଷଣରେ ନୃତ୍ୟନିପୁଣା ଓଡ଼ିଶୀ ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ଦ୍ୱୈତ ନୃତ୍ୟରେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥଲେ ଏବଂ ପରେ ପରେ ଉକ୍ତ ଅନୁଷ୍ଠାନର ନୃତ୍ୟାଙ୍ଗନାମାନେ ଦଳଗତ ଓଡ଼ିଶୀ ନୃତ୍ୟରେ ସ୍ଥାୟୀ ନୃତ୍ୟ ପରିବେଷଣ କରିଥିଲେ । ଏହାପରେ ଅନୁଷ୍କା, ଅର୍ଚ୍ଚିତା, ଆଶ୍ରୀୟା, ନିକ୍ଷିତା, ଚିନ୍ମୟୀ, ଲିଶ୍ନା, ସ୍ନେହାଶ୍ରୀ, ଅନ୍ୱିତା, ଅଂଶିତା ଓ ଆକାଂକ୍ଷା ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ଏବଂ ସୁଦୂର ବେଙ୍ଗାଲୁରୁରୁ ଆସିଥିବା 'ନାଟ୍ୟପ୍ରିୟ ନୃତ୍ୟ କଳାନିକେତନର ନୃତ୍ୟଶିଳ୍ପୀମାନେ ଭାରତନାଟ୍ୟମ ନୃତ୍ୟର ଦୁଇଟି ନୃତ୍ୟ ପରିବେଷଣ କରିଥିଲେ । ସାନ୍ଧ୍ୟ ଅଧିବେଶନର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ । ତତ୍ ସହିତ ଅନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ




ସ୍ୱର ଆଚାର୍ଯ୍ୟ ଗୁରୁ ଶ୍ରୀ ଭାଗିରଥୀ ନାୟକ, ପ୍ରସିଦ୍ଧ ସିନେ ତାରକା ଚୌଧରୀ ଜୟପ୍ରକାଶ ଦାସ, ଭକ୍ତ ପ୍ରହଲ୍ଲାଦ ଚରଣ ପଟ୍ଟନାୟକ, କେଦାର ମିଶ୍ର ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ରୂପକ କୁମାର ପରିଡ଼ା । ସାନ୍ଧ୍ୟ ଅଧିବେଶନର ପ୍ରଥମ ପ୍ରସ୍ତୁତିରେ ଥିଲା ନୃତ୍ୟନିପୁଣା ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ଡକ୍ଟର ପ୍ରିୟଙ୍କା ମିଶ୍ରଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ରେ ଲକ୍ଷ୍ମୀ ନୃସିଂହ, ପରେ ପରେ ପୁରୀ ରୁ ଆସିଥିବା ନୃତ୍ୟ ଗୁରୁ ନାରାୟଣ ପାଣ୍ଡେଙ୍କ ଦ୍ୱାରା ମଧ୍ୟ ଏକକ ଓଡ଼ିଶୀ ନୃତ୍ୟ । ଏହାପରେ ଗୁରୁ ବିପଞ୍ଚି ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟରେ କୁବୁଜା ନୃତ୍ୟ ପରିବେଷଣ ହୋଇଥିଲା । ଏହା ପରେ ନିମନ୍ତ୍ରିତ ଅତିଥି କଳାକାର ଭାବେ ବେଙ୍ଗାଲୁରୁରୁ ଆସିଥିବା ବିଦୁଷୀ ସୁପ୍ରିୟା କାର୍ତ୍ତିକେୟନ ଏବଂ ତାଙ୍କ ସୁପୁତ୍ରୀ ଙ୍କ ଦ୍ୱାରା ଦ୍ୱୈତ ଭାରତନାଟ୍ୟମ ନୃତ୍ୟ, ଆସାମରୁ ଆସିଥିବା ନିମନ୍ତ୍ରିତ ଅତିଥି କଳାକାର ଶିବାଙ୍ଗୀ ରନ୍ ବରୁଆଙ୍କ ଦ୍ୱାରା ଏକକ ସତ୍ତ୍ରିୟ ନୃତ୍ୟ, କୋଲକାତାର ଅତିଥି କଳାକାର ପୌଲମି ମୁଖାର୍ଜୀ ଏବଂ ତାଙ୍କ ସୁପୁତ୍ରୀ ଇଥେନାଙ୍କ ଦ୍ୱାରା ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମର ଉଦଘୋଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ । ପ୍ରତିବର୍ଷ ପରି ଏହିବର୍ଷ ମଧ୍ୟ ନୃତ୍ୟ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ଦୁଇ ଦକ୍ଷ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଗୁରୁଙ୍କୁ ଅନୁଷ୍ଠାନ ତରଫରୁ 'ନୃତ୍ୟନିପୁଣା ନୃତ୍ୟଶିରୋମଣି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଗୁରୁ ନାରାୟଣ ପାଣ୍ଡେ (ପୁରୀ) ଏବଂ ଗୁରୁ ବିପଞ୍ଚି ଦାସ (ଭୁବନେଶ୍ୱର) ଏବଂ ସଙ୍ଗୀତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସୁନାମ ଧନ୍ୟ ଗୀତିକାର ଶ୍ରୀଯୁକ୍ତ କାଳିଚରଣ ମିଶ୍ରଙ୍କୁ ଅନୁଷ୍ଠାନ ତରଫରୁ 'ସଙ୍ଗୀତ କଳାଶ୍ରୀ ସମ୍ମାନ' ରେ ସମ୍ମାନିତ କରାଗଲା । ଶେଷରେ ନିର୍ଦ୍ଦେଶିକା ତଥା ନୃତ୍ୟଗୁରୁ ଡକ୍ଟର ପ୍ରିୟଙ୍କା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

# ଇରମ୍ ଓ ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶା ଉପରେ ଆଲୋଚନାଚକ୍ର

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ରାଜ୍ୟ ସଂଗ୍ରହାଳୟରେ ରକ୍ତତୀର୍ଥ 'ଇରମ ଓ ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍‌ବୋଧନ ଦେଇ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡଠାରୁ ରକ୍ତତୀର୍ଥ ଇରମ ଘଟଣା ଅଧିକ ମହାନ ଓ ଗୁରୁତ୍ୱପୂର୍ଣ୍ଣ । ଜାଲିଆନାୱାଲାବାଗରେ ଲୋକମାନେ ଜାଣି ନଥିଲେ ଯେ ସେଦିନ ଗୁଳିକାଣ୍ଡର ଆଦେଶ ଦିଆଯିବ ଓ ସେମାନେ ମୃତ୍ୟୁବରଣ କରିବେ । ତେଣୁ ସେମାନେ କୌଣସି ସଂକୋଚ ନକରି ସଭାସ୍ଥଳରେ ପହଞ୍ଚିଥିଲେ ଓ ଅପ୍ରତ୍ୟାଶିତ ଗୁଳିମାଡ଼ରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଇରମ ଗୁଳିକାଣ୍ଡ ଥିଲା ସ୍ୱତନ୍ତ୍ର । ପୂର୍ବରୁ ଲୋକମାନେ ଜାଣିଥିଲେ ଯେ ଗୁଳିକାଣ୍ଡ ନିଶ୍ଚୟ ଘଟିବ, ତଥାପି ସେମାନେ ମୃତ୍ୟୁକୁ ଭୟ ନକରି ସଭାସ୍ଥଳରେ ରୁଣ୍ଡ ହୋଇଥିଲେ । ସେମାନଙ୍କ ଅନୁମାନ ସତ୍ୟ ହୋଇଥିଲା । ଗୁଳିଚାଳନାର ଆଦେଶ ଦିଆଯାଇଥିଲା ଓ ଗୁଳିକାଣ୍ଡରେ ଜଣେ ମହିଳା ସମେତ ୨୯ ଜଣ ମୃତ୍ୟୁବରଣ କରିଥିଲେ । ପ୍ରଫେସର ପଟ୍ଟନାୟକ ବାଞ୍ଛାନିଧି ଚକଲା ଗଠନ ଉପରେ ଆଲୋଚନା କରି କହିଥିଲେ ଯେ ବାସୁଦେବପୁର ଅଞ୍ଚଳ ପାଇଁ ଏକ ସ୍ୱାଧୀନ ସରକାର ସ୍ଥାପନ କରିବା ସେତେବେଳେ ଥିଲା ସମଗ୍ର ଦେଶର ପ୍ରଥମ ଘଟଣା । ସେ ମଧ୍ୟ ଇରମ ଗୁଳିକାଣ୍ଡରେ ସହିଦ ହୋଇଥିବା ପରୀ ବେଓ୍ୱା ବିଷୟରେ ସବିଶେଷ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ଡଃ ସଂଗ୍ରାମ ଜେନା ମହାତ୍ମାଗାନ୍ଧୀଙ୍କ ବିନା ସ୍ୱାଧୀନତା ହାସଲ ଏତେ ଶୀଘ୍ର ସମ୍ଭବ ହୋଇ ନଥାନ୍ତା ବୋଲି ଦର୍ଶାଇଥିଲେ । ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡକ୍ଟର ଭାରତୀ ପାଲ ସଭାରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣରେ ଭାରତଛାଡ଼ ଆନ୍ଦୋଳନ ଓଡ଼ିଶାରେ କିପରି ଗଭୀର ପ୍ରଭାବ ପକାଇଥିଲା ତାହା ଦର୍ଶାଇଥିଲେ ।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମେଗା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ପବିତ୍ର ଗାନ୍ଧି ଜୟନ୍ତୀରେ ଗାଡ଼କଣ ସ୍ଥିତ ଆଦିମାତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ବର୍ଷ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜର ସମସ୍ତ ବର୍ଗର ଲୋକଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଶିବିର ମୁଖ୍ୟ ଉଦେଶ୍ୟ ଥିଲା । ଇଟରନାଲ୍ ଗିଫ୍ଟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡାକ୍ତର ସତ୍ୟ ପ୍ରକାଶ ରାୟ ଚୌଧୁରୀଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ୧୦ଟି ବିଭାଗର ବରିଷ୍ଠ ତଥା ଅଭିଜ୍ଞ ଡାକ୍ତରବୃନ୍ଦ ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ପରାମର୍ଶ ଓ ଆବଶ୍ୟକ ସ୍ୱାସ୍ଥ୍ୟ ସଚେତନତା ପ୍ରଦାନ କରିଥିଲେ । ବିଦ୍ୟାଳୟର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ନନ୍ଦ କିଶୋର ସାହୁ, ସମ୍ପାଦକ ପ୍ରସନ୍ନ କୁମାର ସାହୁ, ରଜତ ଜୟନ୍ତୀ ଅଧ୍ୟକ୍ଷ ପବିତ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ଦୀପ୍ତିମୟ ରଥ, ପରିଚାଳନା ସମିତିର କର୍ମକର୍ତ୍ତାବୃନ୍ଦ, ଗୁରୁଜୀ, ଗୁରୁମା, ଶିଶୁ ଭାଇ ଭଉଣୀ, ମାତୃଭାରତୀ, ଶୁଭେଚ୍ଛୁ ଓ ସ୍ଥାନୀୟ ଅଧିବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।




# 'ଖ୍ୱାହିଶ୍ – ଦି ୱିଶ୍'ର ସାଂସ୍କୃତିକ ଉତ୍ସବ

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ଗୁରୁ କେଳୁଚରଣ ମହାପାତ୍ର ଅଡିଟୋରିୟମ୍‌ରେ 'ଖ୍ୱାହିଶ୍ – ଦି ୱିଶ୍'ର ତୃତୀୟ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ଉଦ୍ଦେଶ୍ୟ, ଲୟ ଓ ହୃଦୟର ସହିତ ସୃଜନଶୀଳତା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଉତ୍ସବରେ ସାହିତ୍ୟ, କଳା, ସଙ୍ଗୀତ ଓ ନୃତ୍ୟର ବିଭିନ୍ନ ପରିବେଷଣ ସ୍ଥାନ ପାଇଥିଲା । ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ଯୁବ କଲ୍ୟାଣ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ ।

ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ 'ଶ୍ରୀଜଗନ୍ନାଥ ଅଷ୍ଟକମ୍' ପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କବିତା ପାଠ, ଓପନ୍-ମାଇକ୍, ସାହିତ୍ୟ ଆଲୋଚନା, ଓଡ଼ିଶୀ ଓ ଛଉ ନୃତ୍ୟ, ଏକାଙ୍କିକା, ଶାୟରୀ ଓ ସଙ୍ଗୀତ ପରିବେଷଣ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାନ୍ତାଳୀ କବି ଯୋବା ମୁର୍ମୁଙ୍କୁ ସାନ୍ତାଳୀ ସାହିତ୍ୟ ପ୍ରତି ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏଥିସହ 'ସାହିତ୍ୟର ନୂତନ ରୋମାଞ୍ଚ: ଅଭିବ୍ୟକ୍ତି, ଦୃଷ୍ଟିକୋଣ ଓ ସମକାଳୀନ କଳ୍ପନା' ଶୀର୍ଷକ ଆଲୋଚନାଚକ୍ର ଓ ଛାତ୍ରଛାତ୍ରୀଙ୍କ ଓପନ୍-ମାଇକ୍ ଅନୁଷ୍ଠିତ ହୋଇଥିଲା । ଉତ୍ସବର ଆୟୋଜନ ପାଇଁ ପ୍ରତିଷ୍ଠାତା ଲୋପାମୁଦ୍ରା ମିଶ୍ର ସମସ୍ତ କଳାକାର, କବି, ଛାତ୍ରଛାତ୍ରୀ, ଅତିଥି ଓ ସହଯୋଗୀଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଶୈଳଶ୍ରୀ ବିହାର ଫେଜ୍ ୭ ଆବାସିକ ସଂଘ ଦୁର୍ଗାପୂଜା କମିଟି

# ମିଆଁମାର ଗୋଲ୍ଡେନ ପ୍ୟାଲେସରେ ବିରାଜିବେ ମା'

**ଭୁବନେଶ୍ୱର,୪ା୧୦/ଏନ୍ଏନ୍ଏସ୍:** ମା' ଆସୁଛନ୍ତି । ଚଳଚଞ୍ଚଳ ହୋଇପଡିଛି ରାଜଧାନୀ । ଚାରିଆଡ଼େ ଖୁସିର ମାହଲ, ଆନନ୍ଦ ଉଲ୍ଲାସରେ ଫାଟି ପଡୁଛି ଭକ୍ତଙ୍କ ମନ । ମା'ଙ୍କ ଆଗମନକୁ ସମସ୍ତେ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି । ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଜାରି ରହିଛି । କେଉଁଠି ମୂର୍ତ୍ତି ଓ ମେଢ ଗଢ଼ା ଚାଲିଛି ତ କେଉଁଠି ତୋରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଗଲାଣି । ଶୈଳଶ୍ରୀବିହାର ଫେଜ ୭ ଆବାସିକ ସଂଘ ଦୁର୍ଗାପୁଜା କମିଟି ପକ୍ଷରୁ ଚଳିତବର୍ଷ ୨୧ ତମ ଦୁର୍ଗାପୂଜା ମହାଆଡ଼ମ୍ବରରେ ପାଳନ କରାଯାଉଛି । କଲୋନୀ ଭିତରେ ଚିତ୍ତାକର୍ଷକ ତୋରଣ ଓ ସୁନ୍ଦର ଆଲୋକ ସାଜସଜା କରି ଦୂର ଦୂରାନ୍ତ ଦର୍ଶକଙ୍କୁ ଟାଣି ଆଣୁଥିବା ଏହି କମିଟି ପକ୍ଷରୁ ଏଥର ମିଆଁମାର ଗୋଲ୍ଡେନ ପ୍ୟାଲେସ ସଦୃଶ ତୋରଣ ନିର୍ମାଣ ହେଉଛି । ୬୫ ଫୁଟ ଉଚ୍ଚତା ଓ ୪୫ ଫୁଟ ଓସାର ବିଶିଷ୍ଟ ତୋରଣଟିକୁ କୋଲକାତାର କାରିଗରମାନେ ନିର୍ମାଣ କରୁଛନ୍ତି । ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହେଉଥିବା ଏହି ତୋରଣ ସମସ୍ତଙ୍କୁ ଆକର୍ଷିତ କରିବ । ଗୋଲ୍ଡେନ ପ୍ୟାଲେସ ଭିତରେ ବିରାଜିବେ ମା ଦୁର୍ଗତିନାଶିନୀ । ୧୭ ଫୁଟ ମାଙ୍କ ମୃଣ୍ମୟୀ ମୂର୍ତ୍ତି ଓ ୧୯ ଫୁଟର ତାରକସୀ ମେଢ କାର୍ଯ୍ୟ ଜାରି ରହିଛି । ବାରଙ୍ଗ ଫୁଲପୋଖରୀ ଏବଂ କଟକର କାରିଗରମାନେ ଏହାକୁ ତିଆରି କରୁଛନ୍ତି ।

ମା' ଦୁର୍ଗାଦେବୀ ଏବଂ ପାର୍ଶ୍ୱଦେବୀମାନେ ଚାନ୍ଦି ମୁକୁଟ ଓ ସୁନା ଅଳଙ୍କାର ପରିଧାନ କରିବେ । ମଣ୍ଡପକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ । ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ । ସପ୍ତମୀରେ କଳସ ଯାତ୍ରା । ଏହାପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇ ଚକ୍ଷୁଦାନ ଦିଆଯିବ । ସେହିପରି ଅଷ୍ଟମୀ ଦିନ ସୂର୍ଯ୍ୟ ପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, କୁଷ୍ମାଣ୍ଡବଳି ଓ ଖେଚୁଡି ଭୋଗ ଲାଗି କରାଯିବ । ନବମୀ ଦିନ ୨୧ ଜଣ କୁମାରୀ ଓ ଜଣେ କୁମାରଙ୍କୁ ନେଇ ନବକୁମାରୀ ପୂଜା ଅନୁଷ୍ଠିତ ହେବ । ଦଶମୀରେ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଦହି ପଖାଳ ଭୋଗ, ସିନ୍ଦୁର ଖେଳ ହୋଇ ଘଟ ବିସର୍ଜନ ହେବ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଷଷ୍ଠୀ, ସପ୍ତମୀ, ଦଶମୀରେ ସ୍ଥାନୀୟ ପିଲାମାନଙ୍କୁ ନେଇ ନୃତ୍ୟ, ଗୀତ କାର୍ଯ୍ୟକ୍ରମ ରହିଛି । ଅଷ୍ଟମୀ ଓ ନବମୀରେ ମେଲୋଡି ହେବ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ୪୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି । ପାରମ୍ପରିକ ବାଦ୍ୟରେ ଭସାଣି କରି କଲୋନୀ ପରିକ୍ରମା ପରେ ମାଙ୍କୁ ମାଲାଣି ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



## ସେମାନେ ଯାହା କୁହନ୍ତି...



**ହେମନ୍ତ ମହାପାତ୍ର, ଅଧ୍ୟକ୍ଷ**

ଚଳିତବର୍ଷ ଆମ ପୂଜା ୨୧ ବର୍ଷରେ ପଦାର୍ପଣ କରିଛି । ଆମ ପୂଜାର ବିଶେଷ ସ୍ୱତନ୍ତ୍ରତା ରହିଛି । ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ । ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ରାସାୟନିକ ରଙ୍ଗ ଓ ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରାଯିବ ନାହିଁ । ପ୍ରତିବର୍ଷ ଭଳି ନବମୀରେ ସ୍ମରଣିକା ଶୈଳଶ୍ରୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇ ପ୍ରସାଦ ସହିତ ଘରେ ଘରେ ବଣ୍ଟାଯିବ ।



**ଆଶିଷ କୁମାର ମଲ୍ଲିକ, ସଭାପତି**

ଏ ହେଉଛି ଲୋକଙ୍କ ପୂଜା । ଆବାସିକ ସଂଘ କର୍ମକର୍ତ୍ତା, ସଦସ୍ୟ ଓ କଲୋନୀ ବାସୀଙ୍କ ସାହାର୍ଯ୍ୟ ସହଯୋଗରେ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ । ମହିଳା ପୁରୁଷ ମାନଙ୍କ ପାଇଁ ଅଲଗା ଅଲଗା ଦର୍ଶନ ବ୍ୟବସ୍ଥା କରାଯାଇଥିବା ବେଳେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ସ୍ଥାନୀୟ ପୁଲିସର ସହାୟତା ନିଆଯିବ ।



**ଗୋପାଳକୃଷ୍ଣ ପଟ୍ଟନାୟକ, ସମ୍ପାଦକ**

ରାଜ୍ୟ ସରକାରଙ୍କ ସମସ୍ତ ନିୟମ ମାନି ପୂଜା ପାଳନ କରାଯିବ । ଏଥର ଆଲୋକିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସୁରକ୍ଷା ପାଇଁ ମଣ୍ଡପରେ ୧୦ ଟି ସିସିଟିଭି କ୍ୟାମେରା ଲଗାଯିବା ସହ ୪ଟି ଅଗ୍ନି ନିର୍ବାପକ ଯନ୍ତ୍ର ରଖା ଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଜୋନ ୬ ଏସିପି ଏବଂ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ଆଜିର ଇତିହାସ

- ୧୮୬୪-କୋଲ୍‌କାତାରେ ହୋଇଥିବା ପ୍ରଳୟଙ୍କରୀ ଭୂମିକମ୍ପରେ ୬୦ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୬୮-ପ୍ରସିଦ୍ଧ ଆସାମୀ ଲେଖକ ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ଜନ୍ମ।
- ୧୯୮୯-ମୀରା ସାହିବ ଫାତିମା ବିବି ଦେଶର ପ୍ରଥମ ମହିଳା ନ୍ୟାୟାଧୀଶ ହୋଇଥିଲେ।
- ୧୯୯୧-ଇଣ୍ଡିଆନ୍ ଏକ୍ସପ୍ରେସ ସମୂହର ସଂସ୍ଥାପକ ରାମନାଥ ଗୋୟନକାଙ୍କ ନିଧନ।
- ୨୦୨୦-ପୂର୍ବ କେନ୍ଦ୍ରମନ୍ତ୍ରୀ କାଜୀ ରଶିଦ ମସୁଦଙ୍କ ନିଧନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଆପଣଙ୍କ ଶତ୍ରୁ ଓ ବିରୋଧୀମାନେ ଇର୍ଷା କରିବେ। କିନ୍ତୁ ଅହିତ କରିପାରିବେ ନାହିଁ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆପଣ ତତ୍ପର ରହିବେ। କାମର ଚାପ ରହିବ। କିଛି ନୂଆ ଦାୟିତ୍ୱ ମିଳିବ।

**ବୃଷ** - ଦିନଟି ଆପଣଙ୍କ ପାଇଁ ମଙ୍ଗଳମୟ। ପରିଜନଙ୍କ ସହିତ ଖୁସିର ପରିବେଶରେ ରହିବେ। ମନପସନ୍ଦର ଭୋଜନ ମିଳିବ। କୌଣସି ପୂର୍ବ ପରିଚିତ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନ ରହିବେ।

**ମିଥୁନ** - ଆଜି ଆପଣଙ୍କ ଉପରେ ଲକ୍ଷ୍ମୀ-ନାରାୟଣଙ୍କ କୃପା ରହିବ। ମାତାପିତାଙ୍କ ଆଶୀର୍ବାଦ ପ୍ରାପ୍ତ ହେବ। ଜୀବନସାଥିଙ୍କ ସହଯୋଗ ଓ ଲାଭ ପାଇବେ। କାର୍ଯ୍ୟକ୍ଷେତ୍ରରେ କିଛି ନୂଆ ଅବସର ପାଇବେ।

**କର୍କଟ** - ଦିନଟି ମାନ-ସମ୍ମାନ, ପଦ-ପ୍ରତିଷ୍ଠା ବୃଦ୍ଧି କରିବ। ଲୋନ୍ ଆଦି ପାଇବାରେ ସଫଳ ହେବେ। ବିରୋଧୀମାନେ ଶାନ୍ତ ରହିବେ। ପିତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଶୀଘ୍ରତା ଯୋଗୁ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**ସିଂହ** - ଦିନଟି ଆପଣଙ୍କ ପାଇଁ ଶୁଭଦାୟକ। ପ୍ରୟାସ ଓ ପରିଶ୍ରମ ଅନୁସାରେ ସଫଳତା ମିଳିବ। ରାଜନୀତିରେ ପ୍ରଭାବ ବଢ଼ିବ। ସରକାରୀ କ୍ଷେତ୍ରର କାମରେ ସଫଳତା ପାଇବେ। କାରବାର ଖୁବ୍ ଭଲ ହେବ।

**କନ୍ୟା** - ପରିବାର ସହିତ ସୁଖଦ ସମୟ ବିତେଇବେ। ଧାର୍ମିକ ଓ ମାଙ୍ଗଳିକ କାମରେ ସାମିଲ ହେବେ। ଦୀର୍ଘ ଦିନର ସମସ୍ୟାର ଅନ୍ତ ହେବ। ବିପରୀତ ପରିସ୍ଥିତିରେ କ୍ରୋଧ ଉପରେ କାବୁ ପାଇବେ।

**ତୁଳା** - ପ୍ରତିଯୋଗିତା କ୍ଷେତ୍ରରେ ଉପଲବ୍ଧି ପାଇବେ। ବିରୋଧୀଙ୍କୁ ହରାଇବାରେ ସଫଳ ହେବେ। ବିଦେଶରେ ବ୍ୟାପାର କରୁଥିବା ଲୋକମାନଙ୍କୁ ଶୁଭ ସମାଚାର ମିଳିବ। ସଠିକ୍ ସମୟରେ ବୁଦ୍ଧି ସାଥ୍ ଦେବ।

**ବିଛା** - ଅଟକିଥିବା କାମ ପୂରା ହେବ। ଦିନବେଳେ କୌଣସି ପ୍ରିୟଜନଙ୍କ ସହିତ ସାକ୍ଷାତ ହୋଇପାରେ। ପଡ଼ୋଶୀଙ୍କ ସହିତ ତର୍କ ନକଲେ ଭଲ। ବାଣୀ ଉପରେ ନିୟନ୍ତ୍ରଣ ରଖିବେ। କାର୍ଯ୍ୟକ୍ଷେତ୍ରରେ କିଛି ନୂଆ କାମ ଦିଆଯିବ।

**ଧନୁ** - ଭୌତିକ ସୁଖ-ସୁବିଧାର ଲାଭ ଉଠାଇବେ। ଅର୍ଥ ନେଣଦେଣ କରନ୍ତୁ ନାହିଁ। କ୍ଷତି ବି ହୋଇପାରେ। କୋର୍ଟ-କଚେରି ମାମଲାରେ ସଫଳତା ପାଇବେ। ଅନୁଭବୀ ବ୍ୟକ୍ତି ମାର୍ଗଦର୍ଶନ କରେଇବେ।

**ମକର** - ଚାକିରି ଓ ବ୍ୟାପାରରେ ମନଇଚ୍ଛା ପରିଣାମ ପାଇପାରନ୍ତି। ପ୍ରସନ୍ନ ହେବେ। ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ଓ ସମାଜରେ ସମ୍ମାନ ବଢ଼ିବ।

**କୁମ୍ଭ** - ସମ୍ପତ୍ତି ସହିତ ଜଡ଼ିତ ମାମଲାରେ ଫସିପାରନ୍ତି। ଅଧିକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବାକୁ ହେବ। ଆୟର ସ୍ଥିତି ବଜାୟ ରହିବ। ସନ୍ତାନ ପକ୍ଷରୁ ଖୁସି ମିଳିବ। ଜୀବନସାଥିର ସହଯୋଗ ପାଇବେ। ଶ୍ୱଶୁର ଘରୁ ଲାଭ ପାଇବେ।

**ମୀନ** - ଧର୍ମ-ଆଧ୍ୟାତ୍ମରେ ମନ ଲାଗିବ। ସନ୍ତାନର ଦାୟିତ୍ୱରେ ବ୍ୟସ୍ତ ରହିବେ। ବୈବାହିକ ଜୀବନ ଆନନ୍ଦମୟ ରହିବ। ବ୍ୟାପାରରୁ ଲାଭ ପାଇବେ। ଶୁଭ ଖବର ପାଇବେ। ପଡ଼ୋଶୀଙ୍କ ସହଯୋଗ ପ୍ରାପ୍ତ ହେବ।

## କଠୋପନିଷଦ୍



ପ୍ରଥମ ଅଧ୍ୟାୟ ପ୍ରଥମ ବଲ୍ଲୀ

ପ୍ରଥମ ଅଧ୍ୟାୟ ପ୍ରଥମ ବଲ୍ଲୀ
ତ୍ରିଣାଚିକେତ ସ୍ତ୍ରୟ ମେତଦ୍‌ବିଦିତ୍ୱା
ଯ ଏବଂ ବିଦ୍‌ୱାଁଶ୍ଚିନୁତେ ନାଚିକେତଂ
ସ ମୃତ୍ୟୁପାଶାନ୍‌ପୁରତଃ ପ୍ରଣୋଦ୍ୟ
ଶୋକାତିଗୋ ମୋଦତେ ସ୍ୱର୍ଗଲୋକେ। (୧/୧/୧୮)

ଯେଉଁ ଲୋକ ତିନି ପ୍ରକାର ନାଚିକେତ ଯଜ୍ଞ ଅନୁଷ୍ଠାନ କରେ ସେ ଶୋକ, ମୋହରୁ ଅତୀତ ହୋଇ ସ୍ୱର୍ଗରେ ଚିରନ୍ତନ ଶାନ୍ତି ଓ ଆନନ୍ଦ ଲାଭ କରେ। କର୍ମ ଓ ଉପାସନାର ପ୍ରଣାଳୀକୁ ସମନ୍ୱୟ କରି ଅଥବା କର୍ମ, ଉପାସନା ଓ ଜ୍ଞାନର ସମନ୍ୱୟ କରି, ଯଜ୍ଞ ସମ୍ପାଦନ କରି, ସ୍ରଷ୍ଟା ଈଶ୍ୱରଙ୍କ ଅନୁକମ୍ପା ଲାଭ କରି ବ୍ରହ୍ମଜ୍ଞାନ ବା ଆତ୍ମଜ୍ଞାନ ପ୍ରାପ୍ତ ହୁଅନ୍ତି। ମୁଁ ଆତ୍ମା ବା ମୁଁ ବ୍ରହ୍ମ-ଏହି ଜ୍ଞାନ ସେମାନଙ୍କର ଉଦୟ ହୁଏ ଓ ସେମାନେ ଜୀବନ୍ମୁକ୍ତ ହୁଅନ୍ତି। ତାଙ୍କର ଜୀବନ କାଳରେ ଶୋକ, ମୋହ, ଜ୍ଞାନ, ଘୃଣା, ହିଂସା ଆଦି ଅଧଃପତନକାରୀ ଭାବଗୁଡ଼ିକର ମୃତ୍ୟୁ ହୁଏ। ଜୀବଭାବର ମୁକ୍ତିରେ ଅମୃତତ୍ତ୍ୱର ଉଦୟ ହୁଏ। ଏହି ନଚିକେତା ଯଜ୍ଞର ଫଳ ଏହିପରି ହେଉ ବୋଲି ଯମ ଦେବତା ନଚିକେତାଙ୍କୁ ଆଶୀର୍ବାଦ କରି ଆଉ ଏକ ବର ଦେଉଛନ୍ତି।

# ଗଡ଼ଜାତର ସୂର୍ଯ୍ୟ: ବାଜି ରାଉତ



'ପ୍ରଜାମଣ୍ଡଳର ହୁକୁମ, ନରହନ୍ତା ସିପାହିମାନଙ୍କୁ ଡଙ୍ଗା ଦେବି ନାହିଁ, ରଖ ତୋ ଗୁଳି, ମୁଁ ଜାଣିଛି ତୁମେ ହେଉଛ ଅତ୍ୟାଚାରୀ ରାଜାର କୁକୁର ଦଳ।' ଏହା ଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସଂଗ୍ରାମୀ ୧୨ ବର୍ଷ ବୟସର ବାଜି ରାଉତର ଅନ୍ତିମ ବକ୍ତବ୍ୟ। ପରିଶେଷରେ ବାଜି ରାଉତ ଇଂରେଜମାନଙ୍କୁ ଡ଼ଙ୍ଗା ଦେଲେ ନାହିଁ ଓ ସିପାହିଙ୍କ ଗୁଳିରେ ୧୧ ଅକ୍ଟୋବର, ୧୯୩୮ରେ ସହିଦ ହୋଇଗଲେ। ଆଜି ହେଉଛି ତାଙ୍କର ବଳିଦାନ ଦିବସ। ତାଙ୍କ ବଳିଦାନ ବୟସ ମାତ୍ର ଏକ ସଂଖ୍ୟା ବୋଲି ଶିକ୍ଷା ଦିଏ। ଯଦି ଆମ ପାଖରେ ଇଚ୍ଛା ଶକ୍ତି ଅଛି ଏବଂ ଦେଶ ପ୍ରତି ପ୍ରେମ ଭାବନା ଅଛି ତେବେ କମ୍ ବୟସରେ ମଧ୍ୟ ଉଦାହରଣ ସୃଷ୍ଟି କରି ହେବ। ପଙ୍କରୁ ପଦ୍ମ ଫୁଟିଲା ପରି ୫ ଅକ୍ଟୋବର, ୧୯୨୬ରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ ଜନ୍ମ ହୋଇଥିଲେ ସଂଗ୍ରାମୀ ଓ ଗଡ଼ଜାତର ସୂର୍ଯ୍ୟ ବାଜି ରାଉତ। ଅନ୍ୟତମ ଏହି ଦେଶଭକ୍ତ ବାଳକ ମାତ୍ର ୧୨ ବର୍ଷ ବୟସରେ ନିଜ ଜନ୍ମଭୂମି ପାଇଁ ଜୀବନକୁ ଉତ୍ସର୍ଗ କରି ଚାଲିଗଲେ ଭବିଷ୍ୟତର ବଂଶଧରମାନଙ୍କ ପାଇଁ ଏକ ପ୍ରେରଣା ହୋଇ। ସେହି ରାତିରେ ନୀଳକଣ୍ଠପୁର ଗାଁର ହୁରୁଷି, ରଘୁ, ଗୁରୁ, ନଟ, ଲକ୍ଷ୍ମଣ ଓ ଫଗୁ ମଧ୍ୟ ଦେଶ ପାଇଁ ପ୍ରାଣ ହରାଇଥିଲେ। ଅକ୍ଟୋବର ୧୨ ତାରିଖ ଦିନ କଟକର ଖାନ୍‌ନଗର ମଶାଣିରେ ଏହି ୭ ଜଣ ସହିଦଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଥିଲା। ସେହି ଚିତାଗ୍ନି ପାଖରେ କବି ସଚ୍ଚି ରାଉତରାୟ ଗାଇ ଉଠିଥିଲେ- 'ନୁହେଁ ବନ୍ଧୁ ନୁହେଁ ଏହା ଚିତା/ ଏ ଜାତି ତିମିର ତଳେ ଏ ଅଳିଭା ମୁକତି ସଳିତା/ ନୁହେଁ ଏହା ଜଳିଯିବା ପାଇଁ / ଏହାର ଜନମ ଏଥି ଜାଳି ପୋଡ଼ି ଦେବାରୁ ଧସାଇ।' ସ୍ୱାଧୀନତା ପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ଭିନ୍ନ ରୂପରେ ରହିଥିବା ବେଳେ ଭାରତମାତା ଆଜି ତାଙ୍କ ପରି ବୀର ବାଳକମାନଙ୍କୁ ଖୋଜୁଛି।

# ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ



ସ୍ୱାଧୀନତା ସଂଗ୍ରାମରେ ଦଶ ଥର କାରାବରଣ କରିବା ବ୍ୟତୀତ ଶିକ୍ଷା ଭିତ୍ତିଭୂମିର ପୃଷ୍ଠପୋଷକତା, କୃଷକ ଆନ୍ଦୋଳନର ନେତୃତ୍ୱ, ଜନକଲ୍ୟାଣକାରୀ ରାଜନୀତି ମାଧ୍ୟମରେ ଦେଶହିତକର କାର୍ଯ୍ୟ କରିଥିବା ସଂଗ୍ରାମୀ ଓ ବିପ୍ଳବୀ ଥିଲେ ପ୍ରାଣନାଥ ପଟ୍ଟନାୟକ। ଦେଶର ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର କୃଷକ ଆନ୍ଦୋଳନ, ସାମ୍ୟବାଦ ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଭାଗଚାଷୀ ଆନ୍ଦୋଳନ ଓ ଶିକ୍ଷା ଆନ୍ଦୋଳନରେ ଭାଗ ନେଇ ସେ ଶ୍ରେଣୀହୀନ ସମାଜ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଏହି ସଂଗ୍ରାମୀ ୧୬ ନଭେମ୍ବର, ୧୯୦୫ ମସିହାରେ ପୁରୀ ଜିଲ୍ଲାର କଣାସ ପଞ୍ଚାୟତ ଅନ୍ତର୍ଗତ ଡିମିରି ଗାଁରେ ଜନ୍ମଗ୍ରହଣ କରିଥିଲେ। ନିଜ ଗ୍ରାମର ଚାଟଶାଳୀରୁ ପ୍ରାଥମିକ ଶିକ୍ଷା ଓ ଉଚ୍ଚ ଶିକ୍ଷା ସମାପ୍ତ ହେବାର ଠିକ୍ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଜାତୀୟ ମୁକ୍ତି ସଂଗ୍ରାମରେ ସେ ଯୋଗ ଦେଇଥିଲେ। ସମାଜକୁ ଅର୍ଥନୈତିକ ଗୁଲାମିରୁ ମୁକୁଳେଇବା ପାଇଁ ପ୍ରାଣନାଥ ଗଠନ କରିଥିଲେ କୃଷକ ସଭା। ଏହା ବ୍ୟତୀତ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ, ଗୁରୁଚରଣ ପଟ୍ଟନାୟକ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ପରି ସଂଗ୍ରାମୀଙ୍କ ସହିତ ମିଶି ସେ କଂଗ୍ରେସ ସାମ୍ୟବାଦୀ ପାର୍ଟି ଗଠନ କରି ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ। ଏହା ସହିତ ସେ ଥିଲେ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା। ବାରାଣସୀର କାଶୀ ବିଦ୍ୟାପୀଠରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ଶ୍ରୀପ୍ରକାଶଙ୍କ ପାଖରେ ରହି ବିଶ୍ୱ ଇତିହାସ, ମାର୍କସ୍‌ବାଦ, ଅର୍ଥନୀତି ସମ୍ପର୍କରେ ଶିକ୍ଷା ଲାଭ କରିବା ପରେ ତାଙ୍କୁ 'ଶାସ୍ତ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା। ତାଙ୍କ ରାଜନୈତିକ କ୍ୟାରିୟର୍ ମଧ୍ୟରେ ସେ ୧୯୩୬ର ନିର୍ବାଚନରେ ଖୋର୍ଦ୍ଧାରୁ କଂଗ୍ରେସ ପ୍ରାର୍ଥୀ ରୂପେ ଓ ୧୯୫୧ରେ ପୁଣି ଥରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଉଚ୍ଚ ଶିକ୍ଷାର ପ୍ରସାର ନିମନ୍ତେ ଖୋର୍ଦ୍ଧା ଠାରେ ସେ ପ୍ରତିଷ୍ଠା କରିଥିବା ମହାବିଦ୍ୟାଳୟ ଓ ଜଟଣୀ ଠାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ପରବର୍ତ୍ତୀ ସମୟରେ ତାଙ୍କ ନାମରେ ନାମିତ କରାଯାଇଛି। ସଂଗ୍ରାମୀ ପ୍ରାଣନାଥ ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟିକ। କୃଷକ ଆନ୍ଦୋଳନର ଏହି କିମ୍ବଦନ୍ତୀ ପୁରୁଷ ୫ ଅକ୍ଟୋବର, ୧୯୭୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ବିଶ୍ୱ ବାସ୍ତୁକଳା ଦିବସ



ଆଜି ଅକ୍ଟୋବର ମାସର ପ୍ରଥମ ସୋମବାର ଅର୍ଥାତ ଆଜି ପାଳନ କରାଯାଉଛି ବିଶ୍ୱ ବାସ୍ତୁକଳା ଦିବସ। ଡିଜାଇନ୍‌ର ଶକ୍ତି ଓ ଏହି ସମାଜକୁ ଆକାର ଦେବାରେ ବାସ୍ତୁକଳାର ଭୂମିକାକୁ ସମ୍ମାନିତ କରିବାର ଦିନ। ଏହି ଦିବସରେ ଜାଣିବା ବାସ୍ତୁକଳାର ଜୀବନ୍ତ ଉଦାହରଣ ମୁମ୍ବାଇ ମହାନଗର ବିଷୟରେ। ଔପଚାରିକ ଭାବରେ ଅଦ୍ଭୁତ କାରୁକାର୍ଯ୍ୟର ସ୍ମାରକରୁ ଆରମ୍ଭ କରି ଆକାଶଛୁଆଁ ଅଟ୍ଟାଳିକାଗୁଡ଼ିକ ପର୍ଯ୍ୟନ୍ତ ମୁମ୍ବାଇର ଦିଗ୍‌ବଳୟ ବାସ୍ତୁକଳାର କାହାଣୀକୁ ବର୍ଣ୍ଣନା କରିଥାଏ। ସେଠାରେ ରହିଛି ଏପରି ଅନେକ ବାସ୍ତୁଶିଳ୍ପର କୃତି ଯେଉଁଗୁଡ଼ିକ ସହରର ଚରିତ୍ର ଓ ବୈଶ୍ୱିକ ପରିଚୟକୁ ପରିଭାଷିତ କରୁଛନ୍ତି।



**ଗେଟ୍‌ୱେ ଅଫ୍ ଇଣ୍ଡିଆ-**ଆରବସାଗର କୂଳରେ ସ୍ଥିତ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଯେଉଁଟି ୧୯୨୪ରେ ନିର୍ମିତ ହୋଇଥିଲା। କିଙ୍ଗ ଜର୍ଜ ପଞ୍ଚମ ଓ ମହାରାଣୀ ମେରୀଙ୍କ ଯାତ୍ରାର ସ୍ମୃତିରେ ଇଣ୍ଡୋ-ସାରାସେନିକ୍ ଶୈଳୀରେ ଏହାକୁ ନିର୍ମାଣ କରାଯାଇଛି। ନିଜର ଜଟିଳ ସଂରଚନା, ବେସାଲ୍ଟ ପଥର ଦ୍ୱାରା ନିର୍ମିତ ଓ ରାଜକୀୟ ଉପସ୍ଥିତି କାରଣରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ଅଗଣିତ ଐତିହାସିକ ଘଟଣାଗୁଡ଼ିକର ଉଦାହରଣ ସାଜିଛି।



**ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍-**ପୂର୍ବରୁ ଭିକ୍ଟୋରିଆ ଟର୍ମିନସ୍ ଭାବରେ ଜଣାଶୁଣା ଥିବା ଆଜିର ଛତ୍ରପତି ଶିବାଜୀ ମହାରାଜା ଟର୍ମିନସ୍ ୟୁରୋପୀୟ ଓ ଭାରତୀୟ ସ୍ଥାପତ୍ୟ ପରମ୍ପରାଗୁଡ଼ିକର ଏକ ସହଜ ସଙ୍ଗମର ଅଦ୍ଭୁତ ଉଦାହରଣ। ବ୍ରିଟିଶ ବାସ୍ତୁକାର ଫ୍ରେଡ୍‌ରିକ୍ ୱିଲିୟମ୍ ଷ୍ଟିଭେନ୍ସଙ୍କ ଦ୍ୱାରା ଏହାର ଡିଜାଇନ୍ କରାଯାଇଛି। ୧୮୮୭ରେ ପ୍ରସ୍ତୁତ ହୋଇଥିବା ଏହି ରେଳ ଷ୍ଟେସନଟି ଭିକ୍ଟୋରିଆନ୍ ଗୋଥିକ୍ ରିଭାଇଭାଲ୍ ଓ ଭାରତୀୟ ଶିଳ୍ପ କୌଶଳର ଅନୋଖା ସଙ୍ଗମ। ଏହାର ବୁର୍ଜ, ରଙ୍ଗିନ କାଚର ଝରକା ଓ ସୂକ୍ଷ୍ମ ପଥରର କାରୁକାର୍ଯ୍ୟ ଯୋଗୁ ଏହା କୌଣସି ରେଳ ଷ୍ଟେସନ୍ କମ୍, ମହଲ ପରି ଅଧିକ ଦୃଶ୍ୟମାନ ହୁଏ। ଏହି ଟର୍ମିନସ୍ ୟୁନେସ୍କୋ ଐତିହ୍ୟ ସ୍ଥଳର ମାନ୍ୟତା ପ୍ରାପ୍ତ କରିସାରିଛି।



**ମରିନ୍ ଡ୍ରାଇଭ୍‌ର ଆର୍ଟ ଡେକୋ-**ଆର୍ଟ ଡେକୋ ଶୈଳୀ କଥା ଯଦି କୁହାଯାଏ ଅଧିକାଂଶ ଲୋକଙ୍କ ମନରେ ମିୟାମୀ ନାମ ଆସିଯାଏ। କିନ୍ତୁ ମୁମ୍ବାଇରେ ଦୁନିଆର ସବୁଠାରୁ ବଡ଼ ଆର୍ଟ ଡେକୋ ଅଟ୍ଟାଳିକାର ଏହା ଏକ ସଂଗ୍ରହ ଯାହା ମରୀନ୍ ଡ୍ରାଇଭ୍‌ରେ ପ୍ରମୁଖତାର ସହିତ ଦେଖିବାକୁ ମିଳେ। ଏହାର ଅର୍ଦ୍ଧ ଗୋଲାକାର ରାସ୍ତାକୁ ରାତିର ଚମକପୂର୍ଣ୍ଣ ଆଲୋକରେ ଦେଖିଲେ ଏତେ ସୁନ୍ଦର ଦେଖାଯାଏ ଯେ ଏହାକୁ 'କ୍ୱିନ୍ ନେକଲେସ୍' ବୋଲି କୁହାଯାଏ। ୧୯୩୦-୪୦ ଦଶକର ହାଲୁକା ରଙ୍ଗର ଆବାସୀୟ ଓ ବ୍ୟବସାୟିକ ଅଟ୍ଟାଳିକା ଦ୍ୱାରା ଏହି ସ୍ଥାନଟି ସଜେଇ ହୋଇ ରହିଛି। ୨୦୧୮ରେ ଆର୍ଟ ଡେକୋ କ୍ଷେତ୍ରକୁ ମୁମ୍ବାଇ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳରେ ସାମିଲ କରିଛି।

**ରାଜବାଈ କ୍ଲକ୍ ଟାୱାର-**ମୁମ୍ବାଇ ବିଶ୍ୱବିଦ୍ୟାଳୟର ପରିସରରେ ସ୍ଥିତ, ରାଜବାଈ କ୍ଲକ୍ ଟାୱାର ଗୋଥିକ୍ ଶୈଳୀର ଏକ ଉତ୍କୃଷ୍ଟ କୃତି ଯାହା ୮୫ ମିଟର ପର୍ଯ୍ୟନ୍ତ ଆକାଶକୁ ସ୍ପର୍ଶ କରୁଛି। ଲଣ୍ଡନର ବିଗ୍ ବେନ୍ ପରି ନିର୍ମିତ ଏହି ଟାୱାରର ନିର୍ମାଣ ହୋଇଥିଲା ୧୮୭୮ରେ। ଏହାର ରଙ୍ଗିନ କାଚର ଝରକା ଓ ଅଲଙ୍କୃତ କାରୁକାର୍ଯ୍ୟ ଊନବିଂଶ ଶତାବ୍ଦୀର ଭବ୍ୟତାକୁ ଦର୍ଶାଇଥାଏ। ବ୍ୟବସାୟୀ ପ୍ରେମଚନ୍ଦ ରାୟଚନ୍ଦ ଏହାର ନିର୍ମାଣ କରିଥିଲେ। ଏସବୁ ବ୍ୟତୀତ ହାଜୀ ଅଲୀ ଦରଗାହ, ବମ୍ବେ ଉଚ୍ଚ ନ୍ୟାୟାଳୟ, ଏଣ୍ଟିଲିୟା ପରି ଅଟ୍ଟାଳିକାଗୁଡ଼ିକ ମୁମ୍ବାଇର ସ୍ଥାପତ୍ୟ ବିବିଧତାର ରୂପାନ୍ତରଣକୁ ବର୍ଣ୍ଣନା କରିଥାନ୍ତି।

# ବିଶ୍ୱ ଶିକ୍ଷକ ଦିବସ

ଶିକ୍ଷା କୌଣସି ସମାଜ ପାଇଁ ମେରୁଦଣ୍ଡ ସଦୃଶ ଓ ଶିକ୍ଷକମାନେ ଏହି ଶିକ୍ଷା ବ୍ୟବସ୍ଥାର ଏକ ଏକ ମଜଭୁତ ଖମ୍ବ। ତେବେ ଆଜିର ସମୟରେ ଶିକ୍ଷାଦାନ କେବଳ ପାଠପଢ଼ା ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ ଏହା ଭବିଷ୍ୟ ପିଢ଼ିଙ୍କର ବ୍ୟକ୍ତିଗତ ଓ ବୌଦ୍ଧିକ ବିକାଶକୁ ପ୍ରଭାବିତ କରିବାର ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି। ଏହି ପେସାରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରିବା ପାଇଁ ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଶିକ୍ଷକ ଦିବସ। ୧୯୯୪ରେ ଏହି ଦିବସର ପ୍ରାରମ୍ଭ ହୋଇଥିଲା। ୟୁନେସ୍କୋ ଆଧିକାରିକ ଭାବରେ ପ୍ରଥମ ବିଶ୍ୱ ଶିକ୍ଷକ ଦିବସର ଘୋଷଣା କରିବା ପରେ ୫ ଅକ୍ଟୋବର ଦିନ ଏହି ଦିବସ ପାଳନ କରାଯାଉଛି। ତେବେ ୧୯୬୬ରେ ଏହାର ସୁପାରିସ୍ କରିଥିଲା ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ ଯେଉଁଥିରେ ଶିକ୍ଷକଙ୍କ ଅଧିକାର, ଦାୟିତ୍ୱ, ପ୍ରଶିକ୍ଷଣ ଓ କାମ କରିବାର ପରିସ୍ଥିତିଗୁଡ଼ିକ ସହିତ ଜଡ଼ିତ ମାନକଗୁଡ଼ିକୁ ସ୍ଥିର କରାଯାଇଥିଲା। ୧୯୯୭ରେ ଉଚ୍ଚ ଶିକ୍ଷା ସହିତ ଜଡ଼ିତ ଶିକ୍ଷକମାନଙ୍କୁ ଏଥିରେ ସାମିଲ କରାଗଲା। ୟୁନେସ୍କୋ, ଅନ୍ତର୍ଜାତୀୟ ଶ୍ରମ ସଂଗଠନ, ୟୁନିସେଫ୍ ଓ ଏଜୁକେସନାଲ୍ ଇଣ୍ଟରନ୍ୟାସନାଲ୍ ସହିତ ମିଶି ବିଶ୍ୱ ଶିକ୍ଷକ ଦିବସର ଆୟୋଜନ କରିଥାଏ। ଏହି ସଂଗଠନଗୁଡ଼ିକ ମିଶି ଏହି ସମାରୋହ ଓ ନୀତିଗତ ସମ୍ବାଦରେ ଶ୍ରମ-ଅଧିକାର, ଶିଶୁ ଅଧିକାର ଓ ଟ୍ରେଡ୍- ୟୁନିଅନ୍‌ର ଦୃଷ୍ଟିକୋଣକୁ ସାମିଲ କରିଥାନ୍ତି। ୧୯୯୪ରେ ଏହି ଦିବସ ସ୍କୁଲ ସ୍ତରୀୟ ସ୍ମରଣୋତ୍ସବ ଗତିବିଧିଗୁଡ଼ିକରୁ ଆଗକୁ ଯାଇ ବୈଶ୍ୱିକ ଆୟୋଜନରେ ପରିବର୍ତ୍ତିତ ହୋଇଗଲା ଯେଉଁଥିରେ ମନ୍ତ୍ରୀସ୍ତରୀୟ ପ୍ୟାନେଲ୍, କ୍ଷେତ୍ରୀୟ ସମ୍ମିଳନୀ ଓ ଜାତୀୟ ଶିକ୍ଷା ନୀତିକୁ ପ୍ରଭାବିତ କରୁଥିବା ବିଷୟଗତ ଅଭିଯାନଗୁଡ଼ିକ ସାମିଲ ରହୁଛି। ତେବେ ଆମ ଦେଶରେ ସେପ୍ଟେମ୍ବର ୫ ଦିନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଶିକ୍ଷକ ଦିବସ ଭାବରେ ପାଳନ କରାଯାଏ। ସେ ଥିଲେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି, ଜଣେ ମହାନ ଶିକ୍ଷାବିତ୍ ଓ ବିଦ୍ୱାନ।




# ଜିଏମ୍‌ଟି ମାନକ



ଆମେମାନେ ଦିନସାରା ଘଡ଼ିର ସାହାଯ୍ୟ କେତେ ଥର ନେଇଥାନ୍ତି। ଘଡ଼ିର ଆବିଷ୍କାର ହୋଇଥିଲା ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଓ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପୂରା ବିଶ୍ୱରେ ସୂର୍ଯ୍ୟ ଘଡ଼ିରୁ ସମୟ ଦେଖାଯାଉଥିଲା। କାହାଣୀ ଭିନ୍ନ ମୋଡ଼ ନେଇଥିଲା ଅଷ୍ଟାଦଶ ଶତାବ୍ଦୀର ଔଦ୍ୟୋଗିକ କ୍ରାନ୍ତି ଆସିବା ପରେ। ସେତେବେଳେ ଦୁନିଆକୁ ମିଳିଥିଲା ଟାଇମ୍‌ଜୋନ୍। ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ସହରଗୁଡ଼ିକରେ ସ୍ଥାନୀୟ ସମୟ ସୂର୍ଯ୍ୟଙ୍କ ମୁତାବିକ ସ୍ଥିର କରାଯାଉଥିଲା। ଯେଉଁ ସମୟରେ ସୂର୍ଯ୍ୟ ଆକାଶରେ ସବୁଠାରୁ ଉଚ୍ଚରେ ରହୁଥିଲେ ତାହାକୁ ମଧ୍ୟାହ୍ନ ବୋଲି କୁହାଯାଉଥିଲା। ଦୁଇ ଶହ ମାଇଲ୍ ଦୂରରେ ଥିବା ଦୁଇଟି ସହର ମଧ୍ୟରେ ଅଲଗା ଅଲଗା ସମୟ ରହୁଥିଲା। ଆଜିର ଏ ସମୟରେ ପୂରା ଦୁନିଆର ସମୟଚକ୍ର ଅର୍ଥାତ ଟାଇମ୍‌ଜୋନ୍‌କୁ ଜିଏମ୍‌ଟି ଅର୍ଥାତ ଗ୍ରୀନ୍‌ୱିଚ୍ ମିନ୍ ଟାଇମ୍ ସହିତ ମ୍ୟାଚ୍ କରାଯାଉଛି। ଯେତେବେଳେ ଆମେ ଦୁନିଆର ମାନଚିତ୍ରକୁ ଧ୍ୟାନର ସହିତ ଦେଖିବା ସେଥିରେ ଦୁଇ ପ୍ରକାରର ରେଖା ଦେଖିବାକୁ ମିଳେ। ଗୋଟିଏ ହରାଇଜଣ୍ଟାଲ୍ ଓ ଅନ୍ୟଟି ଭର୍ଟିକାଲ୍। ଦୁନିଆର ଏହି ଗୋଲ୍ ଭାଗକୁ ୩୬୦ ଡିଗ୍ରୀରେ ଦେଖାଯାଏ ଓ ଦେଶାନ୍ତରର ପ୍ରତି ଡିଗ୍ରୀରେ ଚାରି ମିନିଟ୍‌ର ପାର୍ଥକ୍ୟ ଥାଏ। ଗ୍ରୀନ୍‌ୱିଚ୍ ଦକ୍ଷିଣ-ପୂର୍ବ ଲଣ୍ଡନର ଅଂଶବିଶେଷ ଯାହା କେବେ ଏକ ଗ୍ରାମ ଥିଲା ଓ ଅବଜର୍‌ଭେଟରୀ ପାଇଁ ପ୍ରସିଦ୍ଧ ଥିଲା। ଏହା ଏବେ 'ରୟାଲ୍ ଅବ୍‌ଜର୍‌ଭେଟରୀ' ନାମରେ ପ୍ରସିଦ୍ଧ। ମଧ୍ୟକାଳରୁ ହିଁ ସେଠାରେ ଖଗୋଳୀୟ ଘଟଣାଗୁଡ଼ିକ ଉପରେ ଅଧ୍ୟୟନ ହେଉଛି। ବ୍ରିଟେନ୍ ଯେତେବେଳେ ଟାଇମ୍‌ଜୋନ୍ ତିଆରି କଲା ଏହାକୁ ପୃଥିବୀର କେନ୍ଦ୍ର ଭାବରେ ମାନି ନିଆଗଲା। ମାନଚିତ୍ରରେ ଏହାକୁ ଜିରୋ ଡିଗ୍ରୀ ରଖାଗଲା ଓ ଏହାକୁ ହିଁ ସମୟର ମାନକ କରିଦିଆଗଲା। ପରେ କାନୁନ ତିଆରି କରି ଗ୍ରୀନ୍‌ୱିଚ୍ ପ୍ରୟୋଗଶାଳାର ସମୟକୁ ପୂରା ଦେଶରେ ଲାଗୁ କରିଦିଆଗଲା। କିନ୍ତୁ ଏହାପରେ ପୂରା ବିଶ୍ୱ ଗ୍ରୀନ୍‌ୱିଚ୍ ମିନ୍ ଟାଇମ୍ (ଜିଏମ୍‌ଟି)କୁ ସମୟର ମାନକ ଭାବରେ ଗ୍ରହଣ କରିଲା।

# ବିଳମ୍ବରେ ରିଲିଜ ହେବ 'ଉଡ୍‌ତା ତୀର୍'



ଅଭିନେତା ଆୟୁଷ୍ମାନ୍ ଖୁରାନା ଓ ସାରା ଅଲୀ ଖାନଙ୍କ ଫିଲ୍ମ 'ଉଡ୍‌ତା ତୀର' ଲଗାତର ଚର୍ଚ୍ଚାରେ ରହିଛି। ଫିଲ୍ମର ଟ୍ରେଲର୍ ରିଲିଜ ହୋଇସାରିଛି। ଏବେ ଦର୍ଶକମାନେ ଅପେକ୍ଷା କରି ରହିଛନ୍ତି ଫିଲ୍ମର ରିଲିଜ ଅପେକ୍ଷାରେ କିନ୍ତୁ ଏବେ ସେମାନଙ୍କୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ। କାରଣ ଏହାର ରିଲିଜ ତାରିଖକୁ ଆଗକୁ ବଢ଼େଇ ଦିଆଯାଇଛି। ତେବେ ଫିଲ୍ମଟିକୁ ପୋଷ୍ଟପୋନ୍ କରାଯିବାର ଘଟଣା ହୋଇଛି ଦ୍ୱିତୀୟ ଥର ପାଇଁ। ପ୍ରଥମେ ଫିଲ୍ମଟି ରିଲିଜ ହେବାର ଥିଲା ୧୧ ସେପ୍ଟେମ୍ବରରେ। ପରେ ଏଥିରେ ପରିବର୍ତ୍ତନ କରାଯାଇ ଏହାର ରିଲିଜ ତାରିଖ ୯ ଅକ୍ଟୋବର ରଖାଗଲା। ଏବେ ପୁଣି ଥରେ ଫିଲ୍ମଟିର ରିଲିଜ ତାରିଖକୁ ଆଗକୁ ବଢ଼େଇ ଦିଆଯାଇଛି। ଖବର ଅନୁସାରେ ଏହି ମାସ ୨୩ ତାରିଖରେ ଫିଲ୍ମଟି ରିଲିଜ ହେବ। ଏହାର କାରଣରେ କୁହାଯାଉଛି ଯେ ୯ ଅକ୍ଟୋବର ଦିନ ଅନେକଗୁଡ଼ିଏ ଫିଲ୍ମ ରିଲିଜ ହେଉଛି ଯେଉଁଥିରେ ଭାରତର ଆଧିକାରିକ ଓସ୍କାର ୨୦୨୭ରେ ଏଣ୍ଟ୍ରି ହୋଇଥିବା ମରାଠୀ ଥ୍ରୀଲର୍ 'ଗୋନ୍ଧଲ୍' ବି ସାମିଲ ଅଛି। ଏହାର ପ୍ରି-ଭିଉ ଆରମ୍ଭ ହେବ ୯ ତାରିଖରୁ। ଏପରି ସ୍ଥଳେ ଫିଲ୍ମଗୁଡ଼ିକ ମଧ୍ୟରେ କ୍ଲାସ୍ ନହେବା ପାଇଁ ନିର୍ମାତାମାନେ 'ଉଡ୍‌ତା ତୀର୍'ର ରିଲିଜ ତାରିଖରେ ପରିବର୍ତ୍ତନ କରିଛନ୍ତି। ଖବର ଅନୁସାରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଥିଲା ୨୦୨୪ରେ। ଏହାପରେ ସୁଟିଂକୁ ରୋକି ଦିଆଯାଇଥିଲା ଓ ପୁଣି ଥରେ ଏ ବର୍ଷ ଆୟୁଷ୍ମାନ ଓ ସାରା ମୁମ୍ବାଇ ଠାରେ ଲମ୍ବା ସିଡ୍ୟୁଲ୍‌ର ସୁଟିଂ କରିଥିଲେ ଯେଉଁଥିରେ ଏକ ବଡ଼ ଗୀତର ସିକ୍ୱେନ୍ସ ସାମିଲ ଥିଲା। ତେବେ ଫିଲ୍ମରେ ଜଣେ ପାକିସ୍ତାନୀ ଗୁପ୍ତଚରର କାହାଣୀ ଦେଖିବାକୁ ମିଳିବ ଯିଏ ଭାରତରେ ପ୍ରବେଶ କରିବା ମାତ୍ରେ ଏକ ଦୁର୍ଘଟଣାର ଶିକାର ହୋଇଯାଉଛି। ଏହି ଦୁର୍ଘଟଣା ପରେ ତା'ର ସ୍ମୃତିଶକ୍ତି ଚାଲିଯାଉଛି ଓ ନିଜକୁ ଭାରତୀୟ ବୋଲି ଭାବିବା ସହିତ ଜଣେ କଟ୍ଟର ଦେଶଭକ୍ତ ସେ ହୋଇଯାଉଛି। ତେବେ ଫିଲ୍ମଟିକୁ ପ୍ରଡ୍ୟୁସ୍ କରୁଛନ୍ତି କରଣ ଜୋହର, ଅପୂର୍ବ ମେହେତା, ଆଦର ପୂନାୱାଲା, ଗୁନୀତ ମୋଙ୍ଗା କପୁର ଓ ଅଚିନ ଜୈନ।

# ଅବଶିଷ୍ଟ ଭାରତ ଇରାନୀ କପ୍ ଚାମ୍ପିଅନ୍



**ଶ୍ରୀନଗର,୪।୧୦/ଏଜେନ୍ସି:** ଅବଶିଷ୍ଟ ଭାରତ ୩୧ତମ ଥର ଇରାନୀ କପ୍ ଟାଇଟଲ୍ ଜିତିଛନ୍ତି। ଶ୍ରୀନଗରର ଶେର୍-ଇ-କଶ୍ମୀର ଷ୍ଟାଡିୟମ୍‌ରେ ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଭାରତ ୧୬୭ ରନ୍‌ରେ ଜମ୍ମୁ-କଶ୍ମୀରକୁ ହରାଇ ଦେଇଛି। ଅବଶିଷ୍ଟ ଭାରତ ପ୍ରଥମ ଇନିଂସ୍‌ରେ ୨୩୭ ରନ୍ ଏବଂ ଦ୍ୱିତୀୟ ଇନିଂସ୍‌ରେ ୩୧୯ ରନ୍ କରିଥିଲା। ଜବାବରେ ଜମ୍ମୁ-କଶ୍ମୀର ଟିମ୍ ପ୍ରଥମ ଇନିଂସ୍‌ରେ ୨୭୮ ଏବଂ ଦ୍ୱିତୀୟ ଇନିଂସ୍‌ରେ ୧୧୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି।

ଦ୍ୱିତୀୟ ଇନିଂସ୍‌ରେ ଜମ୍ମୁ-କଶ୍ମୀରର ବ୍ୟାଟିଂ ଲାଇନ୍ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହିତ ଟିମ୍ ୨୮.୪ ଓଭର୍‌ରେ ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। କାମରାନ୍ ଇକବାଲ୍ ୩୨ ଏବଂ ଶୁଭମ୍ ଖଜୁରିଆ ୩୬ ରନ୍ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର୍ ବଡ଼ ଇନିଂସ୍ ଖେଳିପାରି ନଥିଲେ। ଅବଶିଷ୍ଟ ଭାରତର ଫାଷ୍ଟ ବୋଲର୍ ମୁକେଶ କୁମାର ଦ୍ୱିତୀୟ ଇନିଂସ୍‌ରେ ଚମତ୍କାର ବୋଲିଂ କରିଥିଲେ। ସେ ୧୦.୪ ଓଭର୍‌ରେ ୩୩ ରନ୍ ଦେଇ ୬ଟି ୱିକେଟ୍ ନେଇଛନ୍ତି। ଆକାଶ ଦୀପ ୩ ଏବଂ ମୁକେଶ ଚୌଧୁରୀ ଗୋଟିଏ ୱିକେଟ୍ ପାଇଛନ୍ତି।

ଅବଶିଷ୍ଟ ଭାରତର ଦ୍ୱିତୀୟ ଇନିଂସ୍‌ରେ ରବିଚନ୍ଦ୍ରନ୍ ସ୍ମରଣ ଆକର୍ଷଣୀୟ ଶତକ ହାସଲ କରିଥିଲେ। ସେ ୧୫୩ ବଲ୍‌ରେ ୧୬ ଚୌକା ଓ ୫ ଛକା ସହାୟତାରେ ୧୩୫ ରନ୍ କରିଥିଲେ। ସ୍ମରଣଙ୍କ ବ୍ୟତୀତ ସନତ ସାଙ୍ଗ୍‌ୱାନ୍ ୫୫ ଏବଂ ସୁଦୀପ କୁମାର ଘରାମୀ ୩୩ ରନ୍‌ର ଯୋଗଦାନ ଦେଇଥିଲେ। ଏହା ପୂର୍ବରୁ ଟିମ୍ ପ୍ରଥମ ଇନିଂସ୍‌ରେ ୬୮.୧ ଓଭର୍ ଖେଳି ୨୩୭ ରନ୍ କରିଥିଲା। ରବିଚନ୍ଦ୍ରନ୍ ସ୍ମରଣ ସର୍ବାଧିକ ୬୮ ରନ୍ କରିଥିବା ବେଳେ ଶିଖର ମୋହନ ୬୦ ରନ୍‌ର ଇନିଂସ୍ ଖେଳିଥିଲେ। ଜମ୍ମୁ-କଶ୍ମୀର ପକ୍ଷରୁ ସୁନୀଲ୍ କୁମାର ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହାର ଜବାବରେ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ୍‌ରେ ୨୭୮ ରନ୍ କରିଥିଲା। ପାରସ ଡୋଗ୍ରା ୭୫, ଲୋନ୍ ନାସିର୍ ୬୪ ଏବଂ ଅବ୍ଦୁଲ୍ ସମଦ ୫୭ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ସହିତ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ୍ ଆଧାରରେ ଅବଶିଷ୍ଟ ଭାରତକୁ ୪୧ ରନ୍‌ରେ ଆଗୁଆ ରହିଥିଲା।

ଏହି ବିଜୟ ସହିତ ଅବଶିଷ୍ଟ ଭାରତ ଇରାନୀ କପ୍ ଇତିହାସରେ ସଫଳ ଟିମ୍ ହୋଇଛି। ଅବଶିଷ୍ଟ ଭାରତ ବର୍ତ୍ତମାନ ସୁଦ୍ଧା ୬୩ ଥର ଟୁର୍ଣ୍ଣାମେଣ୍ଟ ଖେଳିଥିବା ବେଳେ ୩୧ ଥର ଟାଇଟଲ୍ ଜିତିଛି। ମୁମ୍ବାଇ ୧୫ ଟାଇଟଲ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଛି।

**ଜମ୍ମୁ-କଶ୍ମୀରକୁ ୧୬୭ ରନ୍‌ରେ ହରାଇଲା**

**ସ୍ମରଣଙ୍କ ଶତକ, ମୁକେଶ କୁମାରଙ୍କୁ ୬ ୱିକେଟ୍**

## ଏସିଆନ୍ ଗେମ୍ସ: ଚତୁର୍ଥରେ ଭାରତର ଅଭିଯାନ ଶେଷ

# ୨୪ ବର୍ଷ ପରେ ପୁରୁଷଙ୍କୁ ଟପିଲେ ମହିଳା ଖେଳାଳି




**ନୂଆଦିଲ୍ଲୀ,୪।୧୦/ଏଜେନ୍ସି:** ଜାପାନର ଆଇଚି-ନାଗୋୟାରେ ଆୟୋଜିତ ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ଅଭିଯାନ ଶେଷ ହୋଇଛି। ଜାପାନରେ ୧୬ ଦିନ ଧରି ଚାଲିଥିବା ଗେମ୍ସରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଭାରତୀୟ ଖେଳାଳିମାନେ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଏବଂ ୩୭ ବ୍ରୋଞ୍ଜ୍ ସମେତ ୮୫ ପଦକ ଜିତିଛନ୍ତି। ଉଜବେକିସ୍ତାନ ସମାନ ୨୧ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଅଧିକ ରୌପ୍ୟ ପଦକ ଆଧାରରେ ଭାରତ ଚତୁର୍ଥ ସ୍ଥାନରେ ରହିଛି।

ଭାରତ ଚଳିତ ଥର ମହିଳା ଇଭେଣ୍ଟ୍‌ରେ ୧୧ ଏବଂ ପୁରୁଷ ଇଭେଣ୍ଟ୍‌ରେ ୭ ସ୍ୱର୍ଣ୍ଣ ଜିତିଛି। ୩ ସ୍ୱର୍ଣ୍ଣ ମିକ୍ସଡ୍ ଇଭେଣ୍ଟ୍‌ରୁ ଆସିଛି। ଏହା ପୂର୍ବରୁ ୨୦୦୨ ବୁସାନ୍ ଏସିଆନ୍ ଗେମ୍ସରେ ଭାରତର ମହିଳା ଖେଳାଳି ଆଗରେ ରହିଥିଲେ। ସେତେବେଳେ ଭାରତ ମହିଳା ଇଭେଣ୍ଟ୍‌ରେ ୬ ଏବଂ ପୁରୁଷ ଇଭେଣ୍ଟ୍‌ରେ ୫ ସ୍ୱର୍ଣ୍ଣ ପଦକ ଜିତିଥିଲା।

ଭାରତ ୨୦୨୩ ସଂସ୍କରଣରେ ୨୮ ସ୍ୱର୍ଣ୍ଣ ସହିତ ୧୦୬ ପଦକ ଜିତିଥିଲା। ସେତେବେଳେ ଭାରତ ଶୁଟିଂରେ ୭ ଏବଂ ଆଥ୍‌ଲେଟିକ୍ସରେ ୬ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ମାତ୍ର ଚଳିତ ଥର ଶୁଟିଂରେ ୩ ଏବଂ ଆଥ୍‌ଲେଟିକ୍ସରେ ଗୋଟିଏ ସ୍ୱର୍ଣ୍ଣ ମିଳିଛି। ଅର୍ଥାତ୍ ଏହି ଦୁଇ ଖେଳରେ ହିଁ ଭାରତକୁ ୯ ସ୍ୱର୍ଣ୍ଣ ପଦକର କ୍ଷତି ହୋଇଛି। ଭାରତ ଗତ ଥର ସ୍କ୍ୱାଶରେ ୨ ଏବଂ ଟେନିସ୍, ବ୍ୟାଡ୍‌ମିଣ୍ଟନ୍ ଏବଂ ଅଶ୍ୱାରୋହଣରେ ୧-୧ ସ୍ୱର୍ଣ୍ଣ ଜିତିଛନ୍ତି। ଚଳିତ ଥର ଏହି ଖେଳରେ ଭାରତକୁ କୌଣସି ସ୍ୱର୍ଣ୍ଣ ମିଳିନାହିଁ। ତେବେ ବକ୍ସିଂ ଓ କୁସ୍ତିରେ ଉନ୍ନତ ପ୍ରଦର୍ଶନ କିଛି ମାତ୍ରାରେ ସ୍ୱର୍ଣ୍ଣ ପଦକର ଅଭାବକୁ ପୂରଣ କରିଛି। ଗତଥର ଭାରତକୁ ଏହି ଦୁଇ ଖେଳରେ ଗୋଟିଏ ବି ସ୍ୱର୍ଣ୍ଣ ମିଳିନଥିଲା। କିନ୍ତୁ ଚଳିତ ଥର ବକ୍ସିଂରେ ୩ ଏବଂ କୁସ୍ତିରେ ୨ ସ୍ୱର୍ଣ୍ଣ ମିଳିଛି। ଆର୍ଚେରୀରେ ଭାରତ ଗତ ପ୍ରଦର୍ଶନକୁ ଦୋହରାଇଛି।

ଟିମ୍ ଇଭେଣ୍ଟ୍‌ରେ ଭାରତ ଦବ୍‌ଦବା କାଏମ ରଖିଛି। କ୍ରିକେଟ୍, ହକି ଏବଂ କବାଡ଼ିରେ ଭାରତ ପୁରୁଷ ଓ ମହିଳା ଦୁଇ ବର୍ଗର ସ୍ୱର୍ଣ୍ଣ ପଦକ ଜିତିଛି। ହକିରେ ଏସିଆଡ୍ ସ୍ୱର୍ଣ୍ଣ ଜିତିଲେ ସିଧା ଅଲିମ୍ପିକ୍ ଟିକେଟ୍ ମିଳିଥାଏ। ତେଣୁ ଭାରତର ଦୁଇ ହକି ଟିମ୍ ଲସ୍ ଏଞ୍ଜେଲ୍ସରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତର ଦୁଇ ବର୍ଗର ହକି ଟିମ୍ ସମାନ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ଜିତିବା ଏହା ପ୍ରଥମ ଘଟଣା।

ଏହି ଏସିଆନ୍ ଗେମ୍ସରେ ଅଲଗା ଅଲଗା ଇଭେଣ୍ଟ୍‌ରେ ମୋଟ ୫୩ ବିଶ୍ୱ ରେକର୍ଡ ଏବଂ ୭୬ ଏସିଆନ୍ ରେକର୍ଡ ଭଙ୍ଗ ହୋଇଛି। ଏହା ସହିତ ୧୬୬ ନୂଆ ଗେମ୍ସ ରେକର୍ଡ ସ୍ଥାପନ ହୋଇଛି। ଭାରତୀୟ ମହିଳା କମ୍ପାଉଣ୍ଡ ଆର୍ଚେରୀ ଟିମ୍ ଫାଇନାଲ୍‌ରେ ଚୀନ୍ ବିପକ୍ଷରେ ୨୩୮ ପଏଣ୍ଟ ହାସଲ କରିଥିଲେ, ଯାହା ବିଶ୍ୱ ରେକର୍ଡ ସମକକ୍ଷ।

**ଜିତିଲେ ୪ ଅଧିକ ସ୍ୱର୍ଣ୍ଣ, ହକିକୁ ଅଲିମ୍ପିକ୍ ଟିକେଟ୍**



## ରୋହିତ-କୋହଲିଙ୍କୁ ନେଇ ମୁହଁ ଖୋଲିଲେ ଗିଲ୍

# ‘ଅଧିକ ପ୍ରୟୋଗ ପାଇଁ ସମୟ ନାହିଁ’



**ନୂଆଦିଲ୍ଲୀ,୪।୧୦/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆର ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ସଫଳ ହୋଇପାରି ନାହିଁ। ଏହା ସତ୍ତ୍ୱେ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଟିମ୍ ୨-୧ରେ ସିରିଜ୍ ଜିତିବାରେ ସଫଳ ହୋଇଛି। ମ୍ୟାଚ୍ ସରିବା ପରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସନ୍ନ୍ୟାସକୁ ନେଇ ଚାଲିଥିବା ସମସ୍ତ କଳ୍ପନା ଜଳ୍ପନା ଉପରେ ଗିଲ୍ ଖୋଲାଖୋଲି କଥା ହୋଇଛନ୍ତି। ଗିଲ୍‌ଙ୍କ ବୟାନରୁ ପରିଷ୍କାର ହୋଇଛି ଯେ ଏହି ଦୁଇ ମହାନ୍ ଖେଳାଳିଙ୍କ ବିନା ଟିମ୍ ଇଣ୍ଡିଆର ପ୍ଲାନିଂ ଅଧୁରା ଏବଂ ୨୦୨୭ ଦିନିକିଆ ବିଶ୍ୱକପ୍‌ର ସେମାନେ ପ୍ରମୁକ ସଦସ୍ୟ ରହିବେ। ତୃତୀୟ ଦିନିକିଆ ପରେ ପ୍ରେସ୍ କନ୍‌ଫରେନ୍ସରେ ଗିଲ୍ ସ୍ପଷ୍ଟ ଶବ୍ଦରେ କହିଛନ୍ତି, ରୋହିତ ଓ ବିରାଟ ଲଗାତାର ଚମତ୍କାର ପ୍ରଦର୍ଶନ କରିଆସୁଛନ୍ତି। ଟିମ୍‌ର ଆବଶ୍ୟକତା ବେଳେ ସେ ଦୁହେଁ ଉନ୍ନତ ଇନିଂସ୍ ଖେଳିଛନ୍ତି।

ଗିଲ୍ କହିଛନ୍ତି, ଏ ଦୁହେଁ ପ୍ରକୃତରେ ବହୁତ ଚମତ୍କାର ବ୍ୟାଟିଂ କରୁଛନ୍ତି। ରୋହିତ ଶଭି ଗତ ଚାରିଟି ଇନିଂସ୍‌ରେ କମାଲ୍ ବ୍ୟାଟିଂ କରିଛନ୍ତି। ବିରାଟ ଭାଇ ମଧ୍ୟ ଜବରଦସ୍ତ ଫର୍ମରେ ଅଛନ୍ତି ଏବଂ ଯେବେ ବି କେଏଲ୍ ରାହୁଲଙ୍କୁ ସୁଯୋଗ ମିଳୁଛି, ସେ ମଧ୍ୟ ଟିମ୍ ପାଇଁ ଉନ୍ନତ ଯୋଗଦାନ ଦେଇଛନ୍ତି। ଯୁବ ଖେଳାଳିଙ୍କୁ ଆପଣାଇବା ପାଇଁ ସିନିୟରଙ୍କୁ ବିଶ୍ରାମ ଦିଆଯାଇପାରେ ପ୍ରଶ୍ନର ଗିଲ୍ କଡ଼ା ଜବାବ ଦେଇ କହିଛନ୍ତି, ଅଧିକ ପ୍ରୟୋଗ କରିବାର ସମୟ ବଞ୍ଚିନାହିଁ। ଟିମ୍‌କୁ ବିଶ୍ୱକପ୍ ପୂର୍ବରୁ ନିଜର ପକ୍କା ଖେଳାଳି ଏକାଦଶ ସ୍ଥିର କରିବାକୁ ହେବ। ଯାହାଦ୍ୱାରା ସମସ୍ତ ଖେଳାଳି ଏକା ସାଙ୍ଗରେ ମିଳିତ ଭାବେ ଖେଳିପାରିବେ।

ଯଦିଓ ରୋହିତ ଶର୍ମା (୩୯ ବର୍ଷ) ଓ ବିରାଟ କୋହଲି (୩୭ ବର୍ଷ)ଙ୍କ ବୟସକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଯାଉଛି, କିନ୍ତୁ ପଡ଼ିଆରେ ତାଙ୍କ ବ୍ୟାଟ୍‌ରୁ ବାହାରୁ ଥିବା ରନ୍ ଆଲୋଚକଙ୍କୁ କଡ଼ା ଜବାବ ଦେଉଛି। ସିରିଜ୍ ଅବସରରେ ବିରାଟ ନିଜ ଦିନିକିଆ କ୍ୟାରିୟର୍‌ର ୫୫ତମ ଶତକ ହାସଲ କରିଥିବା ବେଳେ ରୋହିତ ମଧ୍ୟ ଲଗାତାର ଜବରଦସ୍ତ ଇନିଂସ୍ ଖେଳି ବୟସ କେବଳ ଏକ ନମ୍ବର ବୋଲି ସାବ୍ୟସ୍ତ କରିଛନ୍ତି।

କ୍ୟାପ୍‌ଟେନ୍ ଗିଲ୍‌ଙ୍କ ଏହି ବୟାନରୁ ଏହା ନିଶ୍ଚିତ ଯେ ଏବେ ରୋହିତ ଓ ବିରାଟଙ୍କୁ ଆଗକୁ ନୀଳ ଜର୍ସିରେ ଦେଖିବାକୁ ମିଳିବ। ଭାରତୀୟ କ୍ରିକେଟ୍‌ପ୍ରେମୀ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ୨୦୨୭ ବିଶ୍ୱକପ୍ ଖେଳୁଥିବା ଦେଖିବାକୁ ଚାହାନ୍ତି।

# ଏସିଆଡ୍‌ରେ ୫ ଭାରତୀୟଙ୍କ ପଦକ ହ୍ୟାଟ୍ରିକ୍

ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ପାଞ୍ଚଜଣ ଖେଳାଳି ପଦକ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେହିପରି ୨୩ ଜଣ ୨-୨ ପଦକ ଜିତିଛନ୍ତି। କ୍ରିକେଟ୍, କବାଡ଼ି ଏବଂ ହକିର ପୁରୁଷ ଓ ମହିଳା ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତକୁ ସର୍ବାଧିକ ଡବଲ୍ ପଦକ ଆଥ୍‌ଲେଟିକ୍ସରୁ ମିଳିଛି। ଆର୍ଚେରୀ ଏବଂ ଶୁଟିଂର ୫-୫ ଖେଳାଳି ଦୁଇଟି ପଦକ ଜିତିଛନ୍ତି। ସ୍କ୍ୱାଶ୍‌ରେ ଚାରି ଏବଂ ଗଲ୍‌ଫରେ ପ୍ରଣବୀ ଉର୍ସଙ୍କୁ ଦୁଇଟି ପଦକ ମିଳିଛି।

ପଦକ ହ୍ୟାଟ୍ରିକ୍ ଅର୍ଜନ କରିଥିବା ପାଞ୍ଚ ଖେଳାଳି ହେଲେ ଆର୍ଚେରୀରେ କୁମ୍‌କୁମ୍ ମୋହୋଦ, ଶୁଟିଂରେ ନୀରୁ ଢାଣ୍ଡା ଓ ରୁଦ୍ରାକ୍ଷ ପାଟିଲ୍ ଏବଂ ଆଥ୍‌ଲେଟିକ୍ସରେ ଗୁଲ୍‌ବୀର ସିଂହ ଓ ବିଥ୍ୟା ରାମରାଜ। କୁମ୍‌କୁମ୍ ମହିଳା ରିକର୍ଭ ଟିମ୍ ଇଭେଣ୍ଟ ଏବଂ ବ୍ୟକ୍ତିଗତ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମିକ୍ସଡ୍ ରିକର୍ଭ ଟିମ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ନୀରୁ ଢାଣ୍ଡା ମହିଳା ଟ୍ରାପ୍ ବ୍ୟକ୍ତିଗତ ଏବଂ ମିକ୍ସଡ୍ ଟିମ୍ ଟ୍ରାପ୍‌ରେ ସ୍ୱର୍ଣ୍ଣ ଓ ମହିଳା ଟ୍ରାପ୍ ଟିମ୍‌ରେ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ରୁଦ୍ରାକ୍ଷଙ୍କୁ ୧୦ ମିଟର ଏୟାର୍ ରାଇଫଲ୍ ଟିମ୍‌ରେ ରୌପ୍ୟ, ୫୦ ମିଟର ରାଇଫଲ୍ ୩-ପି ଟିମ୍‌ରେ ରୌପ୍ୟ ଏବଂ ୧୦ ମିଟର ବ୍ୟକ୍ତିଗତରେ ବ୍ରୋଞ୍ଜ୍ ପଦକ ମିଳିଛି। ଗୁଲ୍‌ବୀର ୧୦ ହଜାର ମିଟର ରୌପ୍ୟ, ୧୫୦୦ ମିଟର ରୌପ୍ୟ ଏବଂ ୫୦୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ସେହିପରି ବିଥ୍ୟା ରାମରାଜ ମହିଳା ୪ ଗୁଣା ୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମିକ୍ସଡ୍ ୪ ଗୁଣା ୪୦୦ ମିଟରରେ ରୌପ୍ୟ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଛନ୍ତି।

**୨୩ ଜଣ ଖେଳାଳି ୨-୨ ପଦକ ଜିତିଛନ୍ତି**

**କ୍ରିକେଟ୍, କବାଡ଼ି ଓ ହକିରେ ଡବଲ୍ ସ୍ୱର୍ଣ୍ଣ**

# ପ୍ରଣବୀ ଉର୍ସଙ୍କୁ ଆଇଜିୟୁ ଦେବ ୧୦ ଲକ୍ଷ

## ଗଲ୍‌ଫ ଟିମ୍ ସଦସ୍ୟଙ୍କୁ ମିଳିବ ୩-୩ ଲକ୍ଷ



**ନୂଆଦିଲ୍ଲୀ,୪।୧୦/ଏଜେନ୍ସି:** ଏସିଆନ୍ ଗେମ୍ସରେ ଭାରତର ପ୍ରଥମ ମହିଳା ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବିଜେତା ପ୍ରଣବୀ ଉର୍ସଙ୍କ ପାଇଁ ଭାରତୀୟ ଗଲ୍‌ଫ ସଂଘ (ଆଇଜିୟୁ) ରବିବାର ୧୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଛି। ସେହିପରି ରୌପ୍ୟ ପଦକ ଜିତିଥିବା ଭାରତୀୟ ଗଲ୍‌ଫ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୩-୩ ଲକ୍ଷ ଟଙ୍କା ଦିଆଯିବ। ପ୍ରଣବୀଙ୍କ ବ୍ୟତୀତ ଭାରତୀୟ ଟିମ୍‌ରେ ଅଦିତି ଅଶୋକ ଓ ଦୀକ୍ଷା ଡାଗର ସାମିଲ ଥିଲେ। ପ୍ରଣବୀ ଏସିଆନ୍ ଗେମ୍ସରେ ବ୍ୟକ୍ତିଗତ ଗଲ୍‌ଫ ସ୍ୱର୍ଣ୍ଣ ପଦକ ଜିତିବାରେ ତୃତୀୟ ଭାରତୀୟ ଗଲ୍‌ଫର୍। ତାଙ୍କ ପୂର୍ବରୁ ଲକ୍ଷ୍ମଣ ସିଂହ ୧୯୮୨ ଦିଲ୍ଲୀ ଏସିଆନ୍ ଗେମ୍ସ ଏବଂ ଶିବ କପୁର୍ ୨୦୦୨ ବୁସାନ୍ ଏସିଆନ୍ ଗେମ୍ସରେ ଏହି ଉପଲବ୍ଧି ହାସଲ କରିଥିଲେ।

ଆଇଜିୟୁ ଅଧ୍ୟକ୍ଷ ବୃଜିନ୍ଦର ସିଂହ କହିଛନ୍ତି, ୨୦୨୬ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ପ୍ରଣବୀଙ୍କୁ ହାର୍ଦ୍ଦିକ ବଧେଇ। ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଏକ ବଡ଼ ଉପଲବ୍ଧି ଏବଂ ଏହା ତାଙ୍କ ପ୍ରତିଭା, କଠିନ ପରିଶ୍ରମ, ଦୃଢ଼ ସଙ୍କଳ୍ପ ଏବଂ ଖେଳ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି। ତାଙ୍କୁ ନେଇ ମୁଁ ବହୁ ଗର୍ବିତ ଏବଂ ଆଗାମୀ ବର୍ଷଗୁଡ଼ିକରେ ତାଙ୍କର ନିରନ୍ତର ସଫଳତା ପାଇଁ କାମନା କରୁଛି।’

# ଅଷ୍ଟ୍ରେଲିଆ-ଏ’ ସିରିଜ୍‌ରୁ ହାର୍ଦ୍ଦିକ ପାଣ୍ଡ୍ୟା ବାଦ୍

**ମୁମ୍ବାଇ,୪।୧୦/ଏଜେନ୍ସି:** ଭାରତୀୟ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ଆଘାତ କାରଣରୁ ଅଷ୍ଟ୍ରେଲିଆ-ଏ’ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ସିରିଜ୍ ଚଳିତ ମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ପୁଡୁଚେରୀରେ ଖେଳାଯିବ। ମିଡିଆ ରିପୋର୍ଟ ଅନୁସାରେ ତାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର୍ ସୂର୍ଯ୍ୟାଂଶ ଶେଗ୍‌ଡ଼େଙ୍କୁ ଇଣ୍ଡିଆ-ଏ ଟିମ୍‌ରେ ସାମିଲ କରାଯାଇଛି। ସୂର୍ଯ୍ୟାଂଶ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ଫିଟ୍‌ନେଟ୍ ଟେଷ୍ଟ ପାସ୍ କରିଛନ୍ତି। ସେ ପୂର୍ବରୁ ହିଁ ଟିମ୍ ସହିତ ଯୋଡ଼ି ହୋଇସାରିଛନ୍ତି।

ହାର୍ଦ୍ଦିକ ଶେଷଥର ପାଇଁ ଆଇପିଏଲ୍ ୨୦୨୬ରେ ପ୍ରତିଯୋଗିତାମୂଳକ କ୍ରିକେଟ୍ ଖେଳିଥିଲେ। ସେ ନିଜର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ମାର୍ଚ୍ଚରେ ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଖେଳିଥିଲେ। ଅନ୍ୟପକ୍ଷରେ ସୂର୍ଯ୍ୟାଂଶ ଚଳିତ ବର୍ଷ ଜୁନ୍‌ରେ ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଡେବ୍ୟୁ କରିଥିଲେ। ସେ ତିନି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଇଣ୍ଡିଆ-ଏ’ ଟିମ୍‌ରେ ସାମିଲ ହେବାକୁ କାରଣରୁ ଏବେ ସେ ମୁମ୍ବାଇର ରଣଜୀ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ମୁମ୍ବାଇ ଅକ୍ଟୋବର ୧୧ ତାରିଖରୁ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଚଣ୍ଡିଗଡ଼ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ।

ହାର୍ଦ୍ଦିକଙ୍କ ବ୍ୟତୀତ ନମନ ଧୀର ମଧ୍ୟ ଅଷ୍ଟ୍ରେଲିଆ-ଏ ବିପକ୍ଷ ୩ ଅନ୍‌ଅଫିସିଆଲ୍ ଦିନିକିଆ ଖେଳିପାରିବେ ନାହିଁ। ତାଙ୍କୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ପାଇଁ ଭାରତୀୟ ଟିମ୍‌ରେ ସାମିଲ କରାଯାଇଛି। ନମନଙ୍କୁ ୱାଶିଂଟନ୍ ସୁନ୍ଦରଙ୍କ ସ୍ଥାନରେ ଟିମ୍‌ରେ ସୁଯୋଗ ମିଳିଛି। ସୁନ୍ଦରଙ୍କ ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ୍‌ର ପ୍ରସ୍ତୁତ ପାଇଁ ଟି-୨୦ ଟିମ୍‌ରୁ ରିଲିଜ୍ କରାଯାଇଛି। ସେ ତାମିଲନାଡୁ ପକ୍ଷରୁ ରଣଜୀ ଟ୍ରଫି ଖେଳିବେ।

ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦିନିକିଆ ସିରିଜ୍‌ରେ ଋତୁରାଜ ଗାଏକୱାଡ୍ ଇଣ୍ଡିଆ-ଏ’ ଟିମ୍‌ର ନେତୃତ୍ୱ କରିବେ। ଦେବଦତ୍ତ ପାଡିକ୍କଲ୍ ଭାଇସ୍ କ୍ୟାପ୍‌ଟେନ୍ ରହିବେ। ଟିମ୍‌ରେ ସାଇ ସୁଦର୍ଶନ, ରଜତ ପାଟିଦାର, ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମ୍ରନ୍ ସିଂହ, ବିପ୍ରଜ ନିଗମ ଏବଂ ଯଶ୍ ଠାକୁରଙ୍କ ସମେତ ବହୁ ଖେଳାଳି ସାମିଲ ଅଛନ୍ତି।

**ସୂର୍ଯ୍ୟାଂଶ ଶେଗ୍‌ଡ଼େ ଟିମ୍‌ରେ ସାମିଲ**




# ଚାଇନା ଓପନ୍‌ରୁ ସାବାଲେଙ୍କା ବିଦା



**ବେଜିଂ,୪।୧୦/ଏଜେନ୍ସି:** ବିଶ୍ୱର ନମ୍ବର-୨ ମହିଳା ଖେଳାଳି ଆରିନା ସାବାଲେଙ୍କା ତୃତୀୟ ରାଉଣ୍ଡରେ ହାରି ଚାଇନା ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଛନ୍ତି। ଚେକିଆର ୩୪ତମ ଖେଳାଳି ନିକୋଲା ବର୍ଟୁନ୍‌କୋଭା ତାଙ୍କୁ ୬-୪, ୬-୩ ସିଧା ସେଟ୍‌ରେ ହରାଇ ଦେଇଛନ୍ତି। ଏହା ସହିତ ବେଜିଂରେ ଖେଳାଯାଉଥିବା ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ଦୁଇ ଟପ୍ ସିଡ୍ ଖେଳାଳି ପ୍ରଥମ ସପ୍ତାହରେ ହିଁ ବାହାର ହୋଇଛନ୍ତି। ଏହା ପୂର୍ବରୁ ବିଶ୍ୱ ନମ୍ବର-୧ ଏଲେନା ରିବାକିନା ଶନିବାର ପରାଜିତ ହୋଇ ବାହାର ହୋଇଥିଲେ। ୨୮ ବର୍ଷୀୟା ବେଲୁରୁଷ ଖେଳାଳି ସାବାଲେଙ୍କାଙ୍କ ବେଜିଂରେ ସଂଘର୍ଷ ଜାରି ରହିଛି। ସେ ଚାଇନା ଓପନ୍‌ରେ କେବେ କ୍ୱାର୍ଟର୍ ଫାଇନାଲ୍‌ରେ ଆଗକୁ ବଢ଼ିପାରି ନାହାନ୍ତି। ଗତ ମାସରେ ୟୁଏସ୍ ଓପନ୍‌ରେ ତାଙ୍କୁ ଏଲେନା ରିବାକିନା ହରାଇଥିଲେ। ଏହି ପରାଜୟ ସହ ସାବାଲେଙ୍କା ଚାଇନା ଓପନ୍‌ରେ ଆଉ ଏକ ନୈରାଶ୍ୟଜନକ ଅଭିଯାନ ଶେଷ ହୋଇଛି।

ସାବାଲେଙ୍କାଙ୍କୁ ହରାଇବା ପରେ ବାର୍ଟୁନ୍‌କୋଭା ଏବେ ଅଷ୍ଟ୍ରିୟାର ୨୪ ବର୍ଷୀୟା ସିଞ୍ଜା କ୍ରସ୍‌ଙ୍କୁ ଭେଟିବେ। କ୍ରସ୍ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୟୁକ୍ରେନ୍‌ର ଦାୟାନା ୟାସ୍ତ୍ରମ୍‌ସ୍କାଙ୍କୁ ୬-୧, ୬-୪ରେ ହରାଇଛନ୍ତି। ବାର୍ଟୁନ୍‌କୋଭାଙ୍କ ପାଇଁ ଏହି ବିଜୟ ବହୁ ସ୍ୱତନ୍ତ୍ର। କାରଣ ସେ ଚାରିଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ୍ ସାବାଲେଙ୍କାଙ୍କୁ ସିଧା ସେଟ୍‌ରେ ହରାଇଛନ୍ତି। ଏବେ ପରବର୍ତ୍ତୀ ରାଉଣ୍ଡରେ ସେ ନିଜ ବିଜୟ ଅଭିଯାନକୁ ଜାରି ରଖିବାକୁ ଚାହିଁବେ।

**୩ୟ ରାଉଣ୍ଡରେ ହରାଇଲେ ବାର୍ଟୁନ୍‌କୋଭା**

**ରିବାକିନାଙ୍କ ପରେ ଦ୍ୱିତୀୟ ଟପ୍ ସିଡ୍ ବାହାର**

## ନୃସିଂହ ଚରଣ ମିଶ୍ର ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍

# ସାଇ ସତୀର୍ଥ ବିଜେତା, ଅଦ୍ୱିକ୍ ଉପବିଜେତା



**ଭୁବନେଶ୍ୱର,୪।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ୫ମ ନୃସିଂହ ଚରଣ ମିଶ୍ର ସ୍ମାରକୀ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ସେଣ୍ଟ ଜୋସେଫ୍ ହାଇସ୍କୁଲ୍‌ର ସାଇ ସତୀର୍ଥ ବାରିକ (୪.୦ ପଏଣ୍ଟ) ଚାମ୍ପିଅନ୍ ହୋଇଥିବା ବେଳେ ମଡେଲ୍ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଅଦ୍ୱିକ୍ ମହାନ୍ତି (୩.୦) ଉପବିଜେତା ହୋଇଛନ୍ତି। ବିଜେଇଏମ୍ ସ୍କୁଲ୍-୧ର ମୟଙ୍କ ଶେଖର ବଳ (୩.୦) ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବର୍ଗରେ ସ୍ୱରା ମନ୍ୱିତା ନାୟକ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବୟସ ବର୍ଗରେ ଓମ୍ ଶତପଥୀ, ସାତ୍ୱିକ୍ ମହାନ୍ତି ଏବଂ ରେୟାଂଶ ସାହୁ ପ୍ରଥମ ହୋଇଛନ୍ତି। ଅର୍ଯ୍ୟନ୍ ଦାଶ, ମୋହିତ ଅଭିଷେକ ମହାନ୍ତି ଏବଂ ଅର୍ପିତ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଦ୍ୱାରା ଆୟୋଜିତ ଚାମ୍ପିଅନ୍‌ଶିପ୍‌କୁ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମିଲ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ୍‌ର ଅବସରପ୍ରାପ୍ତ ଭାଇସ୍ ପ୍ରିନ୍ସିପାଲ୍ ପ୍ରବୋଧ କୁମାର ମିଶ୍ର, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ରୟାଲ୍ ପବ୍ଲିକ୍ ସ୍କୁଲ୍ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞା ପରିମିତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

# ସ୍ମିତ୍‌ଙ୍କ ସହ ଫୋନ୍‌ରେ କଥାହେଲେ ନେତାନ୍ୟାହୁ

## ପିଏମ୍ ମୋଦୀଙ୍କ ସହ ମଶାଲ ପ୍ରଜ୍ୱଳନ ପାଇଁ ଦେଲେ ନିମନ୍ତ୍ରଣ



**ତେଲ୍ ଆଭିଭ୍,୪।୧୦/ଏଜେନ୍ସି:** ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଫ୍ଲାଇଦୁବାଇ ଏୟାର୍‌ଲାଇନ୍‌ର ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ୍ ମଛରଙ୍କ ସହିତ ଫୋନ୍‌ରେ ପ୍ରାୟ ୬ ମିନିଟ୍ କଥାବାର୍ତ୍ତା ହୋଇଛନ୍ତି। ନେତାନ୍ୟାହୁ ଏହି ଅବସରରେ ସ୍ମିଥ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ତାଙ୍କୁ ଭାରତ ଓ ଇସ୍ରାଲ୍ ନାଗରିକଙ୍କର ସଚ୍ଚା ହିରୋ ସହିତ ପୂରା ଦୁନିଆର ହିରୋ ବୋଲି କହିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ସ୍ମିଥ୍‌ଙ୍କୁ ଇସ୍ରାଏଲ୍ ଆସିବାକୁ ଆମନ୍ତ୍ରଣ ମଧ୍ୟ କରିଛନ୍ତି। ସେ କହିଛନ୍ତି, ମୁଁ ଆପଣଙ୍କୁ ଏବଂ ମୋର ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଗାମୀ ସ୍ୱାଧୀନତା ଦିବସରେ ଉତ୍ସବ ମଶାଲ ପ୍ରଜ୍ୱଳନ ପାଇଁ ଆମନ୍ତ୍ରିତ କରିବାକୁ ଚାହୁଁଛି। ଘଟଣା ଦିନ (ସେପ୍ଟେମ୍ବର ୩୦) ଫ୍ଲାଇଟ୍‌ରେ କ’ଣ ଘଟିଥିଲା ତାହା ସେ ସ୍ମିତ୍‌ଙ୍କୁ ପଚାରିଥିଲେ। ସ୍ମିତ୍ କହିଥିଲେ, ଆକ୍ରମଣ ପୂର୍ବରୁ କୋ-ପାଇଲଟ୍ ନମାଜ କରିବାକୁ କହିଥିଲେ। ଏହାର କିଛି ମିନିଟ୍ ପରେ ସେ ଅଚାନକ ତାଙ୍କ ଉପରେ ଆକ୍ରମଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩୦ ତାରିଖରେ ଦୁଇବାଇରୁ ଇସ୍ରାଏଲ୍‌ର ତେଲ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇର ଫ୍ଲାଇଟ୍‌ରେ ଓମାନୀ କୋ-ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ୍‌ଙ୍କ ଉପରେ କୁରାଢ଼ୀରେ ଆକ୍ରମଣ କରିଥିଲା। ଏହାପରେ ବିମାନ ପ୍ରାୟ ୨ ମିନିଟ୍‌ରେ ୧୭ ହଜାର ଫୁଟ ତଳକୁ ଖସିଆସିଥିଲା। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ସ୍ମିତ୍ ଆକ୍ରମଣକାରୀର ମୁକାବିଲା କରିବା ସହିତ କକ୍‌ପିଟ୍‌ର ଡୋର୍ ଖୋଲିଥିଲେ। ଏହାପରେ ଫ୍ଲାଇଟ୍ କ୍ରୁ ଏବଂ ଯାତ୍ରୀ କକ୍‌ପିଟ୍‌ରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ପରେ ବିମାନ ଉପରେ ପୁନର୍ବାର ନିୟନ୍ତ୍ରଣ ହାସଲ ହୋଇଥିଲା ଏବଂ ବିମାନକୁ ସାଉଦୀ ଆରବର ତବୁକ୍‌ରେ ଇମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଥିଲା। ବିମାନରେ ଥିବା ସମସ୍ତ ୧୭୪ ଯାତ୍ରୀ ସୁରକ୍ଷିତ ବାହାରକୁ ଆସିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra